DHARITRI
ସମ୍ବଲପୁର, ରବିବାର, ଅକ୍ଟୋବର ୧୧/୨୦୨୦ (୧୨ପୃଷ୍ଠା+ଛୁଟିଦିନ) Sambalpur, Sunday, October 11/2020 ★★
୧୬ଶ ଭାଗ ୨୪୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-

# ମୋରାଟୋରିୟମ ବଢ଼ିଲେ ବିତ୍ତୀୟ ସଙ୍କଟ

**ନୂଆଦିଲ୍ଲୀ,୧୦।୧୦**

କୋଭିଡ୍-୧୯ ଯୋଗୁ ଉପୁଜିଥିବା ସଙ୍କଟ ସମୟରେ ଲୋକଙ୍କୁ ଆଶ୍ୱସ୍ତି ଦେବା ଲାଗି ସରକାର ୬ ମାସର ମୋରାଟୋରିୟମ ସୁବିଧା ଘୋଷଣା କରିଥିଲେ। ଏହି ଅବଧିରେ ବ୍ୟାଙ୍କଗୁଡ଼ିକ ସୁଧ ଉପରେ ସୁଧ ଲାଗୁ କରିବାରୁ ସୁପ୍ରିମକୋର୍ଟରେ ମାମଲା ପହଞ୍ଚିଥିଲା। ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାରେ ବର୍ତ୍ତମାନ ଶୁଣାଣି ଜାରି ରଖିଛନ୍ତି। କେନ୍ଦ୍ର ସରକାର ଏବଂ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)କୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଛି। ଶନିବାର ହୋଇଥିବା ଶୁଣାଣିରେ ଉଭୟ କେନ୍ଦ୍ର ସରକାର ଏବଂ ଆର୍‌ବିଆଇ ପକ୍ଷ ରଖିଛନ୍ତି। ରିଜର୍ଭ ବ୍ୟାଙ୍କ କହିଛି ଯେ, ମୋରାଟୋରିୟମ ଅବଧି ବଢ଼ିଲେ ଏହା ଦେଶର ଅର୍ଥ ବ୍ୟବସ୍ଥା ଲାଗି ବିପଦ ସୃଷ୍ଟି କରିବ।

ଏଭଳି ଗୁରୁତ୍ୱପୂର୍ଣ୍ଣ ଦିଗକୁ ବିଚାର କରି ଅନାଦାୟ ଋଣ(ଏନ୍‌ପିଏ) ବର୍ଗୀକରଣ ଲାଗି ଆର୍‌ବିଆଇ ସୁପ୍ରିମକୋର୍ଟଙ୍କ ଅନୁମତି ଲୋଡ଼ିଛି। ସୂଚନାଯୋଗ୍ୟ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ବ୍ୟାଙ୍କ ଆକାଉଣ୍ଟଗୁଡିକ ଏନ୍‌ପିଏ ଘୋଷଣା କରିପାରୁନାହାନ୍ତି। ସୁପ୍ରିମକୋର୍ଟ ଜାରି କରିଥିବା ଅନ୍ତରୀଣ ନିର୍ଦ୍ଦେଶ ବ୍ୟାଙ୍କଗୁଡିକ ଲାଗି ସମସ୍ୟା ସୃଷ୍ଟି କରୁଛି। ଏହି ପ୍ରସଙ୍ଗ ବର୍ତ୍ତମାନ ଚୂଡ଼ାନ୍ତ ହୋଇପାରିନାହିଁ। ଫଳରେ କେନ୍ଦ୍ରୀୟ ବ୍ୟାଙ୍କର ନିୟାମକ କ୍ଷମତା ଗୌଣ ହେଉଥିବା ରିଜର୍ଭ ବ୍ୟାଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିବା ସତ୍ୟପାଠରେ ଦର୍ଶାଯାଇଛି। ମାମଲାର ଚୂଡ଼ାନ୍ତ ଶୁଣାଣି ନ ହେବା ଯାଏ ବ୍ୟାଙ୍କ ଆକାଉଣ୍ଟଗୁଡିକୁ ଏନ୍‌ପିଏ ଘୋଷଣା କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକଙ୍କୁ ଋଣ ପୁନର୍ଗଠନ ସୁବିଧା ଯୋଗାଣର ବିଭିନ୍ନ ଦିଗ ସମ୍ପର୍କରେ ବିଚାରକରିବା ଲାଗି ରିଜର୍ଭ ବ୍ୟାଙ୍କ କେ.ଭି.କାମାଥ କମିଟି ଗଠନ କରିଥିଲେ। ଏହି କମିଟିର ସୁପାରିସ ସମ୍ପର୍କରେ ଜଣାଇବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

ଲୋକଙ୍କୁ କୋହଳ ସୁବିଧା ଅଧିକ ସମୟ ଯାଏ ପ୍ରଦାନ କରି ହେବ ନାହିଁ ବୋଲି କେନ୍ଦ୍ର ଅନ୍ୟ ଏକ ସତ୍ୟପାଠରେ କହିଛି। ତେଣୁ ଏ ନେଇ ହେଉଥିବା ଆବେଦନ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ବେଶି ଧ୍ୟାନ ନ ଦେବାକୁ କେନ୍ଦ୍ର ନିବେଦନ କରିଛି। ସୂଚନାଯୋଗ୍ୟ, ସବୁ ବର୍ଗରେ ଲୋକଙ୍କୁ ଋଣ ଛାଡ଼ କରାଗଲେ ଦେଶର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଦୋହଲିଯିବ ବୋଲି ☞ପୃଷ୍ଠା-୯




■ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କଲା ଆର୍‌ବିଆଇ
■ ଅନାଦାୟ ଋଣ ବର୍ଗୀକରଣ ଲାଗି ଅନୁମତି ଲୋଡ଼ିଲା

# ବଳାତ୍କାର ତଦନ୍ତ ୨ ମାସରେ ଶେଷକର

## ରାଜ୍ୟଗୁଡ଼ିକୁ କେନ୍ଦ୍ରର ନିର୍ଦ୍ଦେଶ



■ ଯୌନ ନିର୍ଯାତନା ଅଭିଯୋଗ ଉପରେ ଏଫ୍‌ଆଇଆର୍ ବାଧ୍ୟତାମୂଳକ
■ ପୋଲିସର ବିଫଳତା ଉପରେ ଦୃଷ୍ଟି ଦିଅ
■ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କର

**ନୂଆଦିଲ୍ଲୀ, ୧୦।୧୦**

ହାଥ୍‌ରସ ଗଣବଳାତ୍କାର ଏବଂ ହତ୍ୟା ମାମଲାରେ ଉତ୍ତରପ୍ରଦେଶ ପୋଲିସ ଓ ସରକାରଙ୍କ କାର୍ଯ୍ୟକଳାପକୁ ନେଇ ସାରା ଦେଶରେ ସମାଲୋଚନା ଥମିନାହିଁ। ଏଭଳି ସ୍ଥିତିରେ ବଳାତ୍କାର, ଯୌନ ନିର୍ଯାତନା ଆଦି ମହିଳା ବିରୋଧୀ ଅପରାଧ ମାମଲାର ତଦନ୍ତରେ ପୋଲିସର ବିଫଳତା ପ୍ରତି ଗୁରୁତ୍ୱ ଦେବାକୁ କେନ୍ଦ୍ର ସରକାର ଶନିବାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ବଳାତ୍କାର ମାମଲାର ତଦନ୍ତ ୨ ମାସ ମଧ୍ୟରେ ଶେଷ କରିବାକୁ କୁହାଯାଇଛି। ☞ପୃଷ୍ଠା-୯

# ଫେକ୍ ନ୍ୟୁଜ ଜାଲରେ ସିଏମ୍‌ଓ ଟୁଇଟର ହ୍ୟାଣ୍ଡେଲ

**ଭୁବନେଶ୍ୱର,୧୦।୧୦(ବ୍ୟୁରୋ)**

ଓଡ଼ିଶାର ଗଞ୍ଜାମ ଜିଲା ଏବଂ ମୁମ୍ବାଇର ଧରାବୀ ବସ୍ତିର କୋଭିଡ୍-୧୯ ମୁକାବିଲାକୁ ଅକ୍ସଫୋର୍ଡ ୟୁନିଭର୍ସିଟି ପ୍ରଶଂସା କରିଥିବା ନେଇ ଗତ ୮ ତାରିଖରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ଟୁଇଟର ହ୍ୟାଣ୍ଡେଲରେ ମଧ୍ୟ ଏହାକୁ ପୋଷ୍ଟ କରାଯାଇଥିଲା। ହେଲେ ଏହା ଏକ ଭିତ୍ତିହୀନ ଖବର ହୋଇଥିବାରୁ ତାହାକୁ ହଟାଇ ଦିଆଯାଇଥିଲା। ଏହା ଏକ ଅସତ୍ୟ ଖବର ଥିବା ନେଇ କେତେକ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି।

ଗତ ଗୁରୁବାର ବ୍ରିଟେନ୍‌ର ଅକ୍ସଫୋର୍ଡ ୟୁନିଭର୍ସିଟି ଏବଂ ଆମେରିକାର ନର୍ଥଇଷ୍ଟର୍ନ ୟୁନିଭର୍ସିଟି ଦ୍ୱାରା କରାଯାଇଥିବା ଅଧ୍ୟୟନ ଅନୁଯାୟୀ ଓଡ଼ିଶାର ଗଞ୍ଜାମ ଜିଲା ଓ ମୁମ୍ବାଇର ଧରାବୀ ବସ୍ତିର କୋଭିଡ୍ ନିୟନ୍ତ୍ରଣ ମଡେଲକୁ ପ୍ରଶଂସା କରାଯାଇଥିବା ନେଇ ଏକ ସ୍ୱଳ୍ପ ପ୍ରସାରିତ ୱେବ୍‌ସାଇଟରେ ପ୍ରଥମେ ପ୍ରକାଶ ପାଇଥିଲା। ତେବେ ସମ୍ପୃକ୍ତ ୱେବ୍‌ସାଇଟ ଅଧ୍ୟୟନ କିମ୍ବା ଖବରର ସୂତ୍ର ବିଷୟରେ କୌଣସି ଉଲ୍ଲେଖ କରି ନ ଥିଲା। ଏଭଳି ଭିତ୍ତିହୀନ ଖବରକୁ ଓଡ଼ିଶାର କେତେକ ୱେବ୍‌ପୋର୍ଟାଲ ଓ ଖବରକାଗଜ ପ୍ରକାଶ କରିଥିଲେ। ଏହାକୁ ମଧ୍ୟ ସିଏମ୍‌ଓ ଟୁଇଟର ହ୍ୟାଣ୍ଡେଲରେ ପୋଷ୍ଟ କରାଯାଇଥିଲା। ଏହି ଖବରର ସତ୍ୟତାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ କରାଯାଇଥିଲା। ତେବେ ଏହାର କୌଣସି ଜବାବ ଦିଆ ନ ଯାଇ ସେହି ପୋଷ୍ଟକୁ ତୁରନ୍ତ ☞ପୃଷ୍ଠା-୯

# ହଜାରେ ଟପିଲା କରୋନା ମୃତ୍ୟୁ

**ଭୁବନେଶ୍ୱର,୧୦।୧୦(ବ୍ୟୁରୋ)**

■ ଆଉ ୨,୮୫୪ ପଜିଟିଭ୍ ଚିହ୍ନଟ, ୧୫ ମୃତ, ୩୮୮୫ ସୁସ୍ଥ
■ ଆକ୍ରାନ୍ତ ୨,୪୯,୬୯୩, ଆରୋଗ୍ୟ ସଂଖ୍ୟା ୨,୨୪, ୨୭୩ ଛୁଇଁଲା

ରାଜ୍ୟରେ ଗତ କିଛିଦିନ ହେବ ଦୈନିକ ସଂକ୍ରମଣ କମ୍ ରହୁଛି। ଏହା ରାଜ୍ୟବାସୀ ଓ ସରକାରଙ୍କୁ ଆଶ୍ୱସ୍ତି ଦେଉଥିଲେ ମଧ୍ୟ ଦୈନିକ ମୃତ୍ୟୁ ସଂଖ୍ୟା ଚିନ୍ତା ବଢ଼ାଇ ଦେଇଛି। ମାର୍ଚ୍ଚ ୧୫ରେ ରାଜ୍ୟରେ ପ୍ରଥମ କରୋନା ପଜିଟିଭ୍ ଭୁବନେଶ୍ୱରରେ ଚିହ୍ନଟ ହୋଇଥିବାବେଳେ ଏପ୍ରିଲ ୬ରେ ପ୍ରଥମ କରୋନାଜନିତ ମୃତ୍ୟୁ ଭୁବନେଶ୍ୱରରେ ହିଁ ହୋଇଥିଲା। ପରେ ଧୀରେ ଧୀରେ ସବୁ ଜିଲା କରୋନା ସଂକ୍ରମଣ ବ୍ୟାପିବା ସହିତ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ି ଚାଲିଲା। ଏବେ ଅଧିକରୁ ଅଧିକ ସଂଖ୍ୟକ ଆକ୍ରାନ୍ତଙ୍କ ମୃତ୍ୟୁ ହେଉଥିବା ଦେଖାଯାଇଛି। ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

**ସମସ୍ୟାକୁ ଅଣଦେଖା**

# ଅସୁସ୍ଥ ସ୍ତ୍ରୀଙ୍କୁ ୯୦କି.ମି. ବୋହିଲେ ସ୍ୱାମୀ

**କଟକ ଅଫିସ/ସାକ୍ଷୀଗୋପାଳ (ଡି.ଏନ୍.ଏ), ୧୦।୧୦**

■ ମିଳିଲାନି ଆମ୍ବୁଲାନ୍ସ, ଟ୍ରଲିରେ ଆଣିଲେ
■ ଅର୍ଥାଭାବରୁ ଅଟୋ ଭଡ଼ା କରିପାରିଲେନି
■ ସାମାଜିକ କର୍ମୀଙ୍କ ସହାୟତାରେ ଏସ୍‌ସିବିରେ ଭର୍ତ୍ତି

ରାଜ୍ୟରେ ଚିକିତ୍ସା ସେବା ସମସ୍ତଙ୍କୁ ଯେପରି ଠିକ୍‌ଭାବେ ମିଳିପାରିବ ସରକାର ସେଥିପାଇଁ ଅନେକ ଯୋଜନା କରିଛନ୍ତି। ଏଥିପାଇଁ ବିଭିନ୍ନ ହସ୍ପିଟାଲର ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି। ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇବା ପାଇଁ ମାଗଣା ଆମ୍ବୁଲାନ୍ସ ବ୍ୟବସ୍ଥା ମଧ୍ୟ କରାଯାଇଛି। ହେଲେ କିଛି ଘଟଣାକୁ ଅନୁଧ୍ୟାନ କଲେ ଏହି ସବୁ ଯୋଜନା ଫେଲ୍ ମାରିବା ଭଳି ମନେହେଉଛି। ଅର୍ଥାଭାବରୁ ଜଣେ ବ୍ୟକ୍ତି ଅସୁସ୍ଥ ସ୍ତ୍ରୀଙ୍କୁ ଏକ ଟ୍ରଲିରେ ପୁରୀ ଜିଲା ସତ୍ୟବାଦୀ ବ୍ଲକରୁ ଦୀର୍ଘ ୯୦କି.ମି ଦୂର କଟକ ବଡ଼ ଡାକ୍ତରଖାନାକୁ ବୋହି ଆଣୁଥିବା ଦୃଶ୍ୟ ସମସ୍ତଙ୍କୁ ଚକିତ କରିଛି। କଟକ ଓଏମ୍‌ପି ଛକ ନିକଟରେ କେତେଜଣ ସାମାଜିକ କର୍ମୀ ଏହା ଦେଖିବା ପରେ ଅଟୋରେ ଅସୁସ୍ଥ ମହିଳାଙ୍କୁ ନେଇ ☞ପୃଷ୍ଠା-୯



ସ୍ତ୍ରୀଙ୍କୁ ଟ୍ରଲିରେ ବୋହି ନେଉଛନ୍ତି କବୀର।



**ରୋହିଙ୍ଗ୍ୟା ଶରଣାର୍ଥୀ ଶିବିରରେ ଗ୍ୟାଙ୍ଗୱାର: ୮ ମୃତ**

ଦକ୍ଷିଣ ବାଂଲାଦେଶରେ ଥିବା ରୋହିଙ୍ଗ୍ୟା ଶରଣାର୍ଥୀ ଶିବିରରେ ଗ୍ୟାଙ୍ଗୱାର ଦେଖିବାକୁ ମିଳିଛି। ଏଥିରେ ୮ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକେ ଆହତ ହୋଇଥିବା ଜଣାପଡ଼ିଛି। ହଜାର ହଜାର ଶରଣାର୍ଥୀ ଭୟରେ ସେଠାରୁ ପଳାୟନ କରିଛନ୍ତି। ଅପରାଧୀ ଗୋଷ୍ଠୀ ବନ୍ଧୁକ ଓ ଅସ୍ତ୍ରଶସ୍ତ୍ର ନେଇ ଅତର୍କିତ ଆକ୍ରମଣ କରିବାରୁ ସଂଘର୍ଷ ଆରମ୍ଭ ହୋଇଥିଲା। ପୋଲିସ ୧୨ ଜଣଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି।



# ଏଲ୍ଏସିରେ ୬୦ହଜାର ଚାଇନା ସୈନ୍ୟ

■ଭାରତକୁ ସତର୍କ କଲା ଆମେରିକା
■ଆଲୋଚନା ଓ ଚୁକ୍ତି କାମ ଦେବନି


ମାଇକ ପୋମ୍ପିଓ


ରବର୍ଟ ଓବ୍ରିଏନ୍

ୱାଶିଂଟନ,୧୦।୧୦

ସୀମା ବିବାଦକୁ ନେଇ ଭାରତ ଓ ଚାଇନା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ୫ ମାସ ଧରି ଆଲୋଚନା ପରେ ଆଲୋଚନା କରାଯାଉଥିବାବେଳେ କିଛି ସୁଫଳ ମିଳୁନାହିଁ। ପରିସ୍ଥିତିକୁ ଦେଖି ଭାରତ ସୀମାରେ ସେନା ଠୁଳକରିବା ସହ ବିଭିନ୍ନ ଯୁଦ୍ଧ ସରଞ୍ଜାମ ପହଞ୍ଚାଇବାରେ ଲାଗିଛି। ଏଭଳି ସ୍ଥିତିରେ ଉତ୍ତର ଭାରତୀୟ ସୀମା ଅଞ୍ଚଳରେ ଚାଇନା ୬୦ ହଜାରରୁ ଅଧିକ ସୈନ୍ୟ ମୁତୟନ କରିଥିବା ଆମେରିକା ପରରାଷ୍ଟ୍ର ସଚିବ ମାଇକ ପୋମ୍ପିଓ ପ୍ରକାଶ କରିଛନ୍ତି। ଏହା ସହ ବିଭିନ୍ନ ଯୁଦ୍ଧ ସରଞ୍ଜାମ ମଧ୍ୟ ପଠାଇବାରେ ଲାଗିଛି। ଏହା କ୍ୱାଡ୍ ସଦସ୍ୟଙ୍କ ପ୍ରତି ଅପମାନଜନକ। ଚାଇନାର ହାବଭାବରେ କୌଣସି ପରିବର୍ତ୍ତନ ଆସିନି ଓ ଏହା ସହ ଆଲୋଚନା କିମ୍ବା ଚୁକ୍ତି କରାଯିବା ବ୍ୟର୍ଥ ବୋଲି ମଧ୍ୟ ସେ ଭାରତକୁ ଚେତାଇଛନ୍ତି। ଉଗ୍ର ବିସ୍ତାରବାଦୀ ଆଭିମୁଖ୍ୟ ରଖି ଲଦାଖ ସମେତ ବିଭିନ୍ନ ଜାଗା ଜବରଦଖଲ କରିବା ଲାଗି ଚାଇନା ପ୍ରୟାସ କରୁଛି ବୋଲି ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ରବର୍ଟ ଓବ୍ରିଏନ୍ ପ୍ରକାଶ କରିଛନ୍ତି।

ଚାଇନାର ଏଭଳି ନୀତି ସହ ଉଗ୍ର ସାମରିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ଆମେରିକା, ଭାରତ, ଜାପାନ ଓ ଅଷ୍ଟ୍ରେଲିଆ ଏକାଠି ହୋଇ ଟୋକିଓରେ ଆଲୋଚନା କରିଥିଲେ। ଏଥିରେ ଏଲ୍ଏସି, ଦକ୍ଷିଣ ଚାଇନା ସାଗର ଓ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚାଇନାର ନୀତିଗତି ନେଇ ଆଲୋଚନା କରାଯାଇଥିଲା। ପୋମ୍ପିଓ ଏବଂ ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ମଧ୍ୟରେ ସୁରକ୍ଷା ଓ ଶାନ୍ତି ନେଇ ଆଲୋଚନା ହୋଇଥିଲା। ଚାଇନାର କମ୍ୟୁନିଷ୍ଟ ପାର୍ଟି ବିପଦ ସୃଷ୍ଟି କରୁଥିବାରୁ ଏକାଠି ରଣନୀତି ପ୍ରସ୍ତୁତ କରି ଏହା ବିରୋଧରେ ଛିଡ଼ାହେବାକୁ ମତ ପ୍ରକାଶ ପାଇଥିଲା।

ଚାଇନା-ଭାରତ ସୀମା (ଏଲ୍ଏସି) ୩,୪୮୮ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହାକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଏଥିସହ ଅରୁଣାଞ୍ଚଳ ପ୍ରଦେଶକୁ ଚାଇନା ଦକ୍ଷିଣ ତିବ୍ବତର ଅଂଶ ବୋଲି ଦାବି କରିଆସୁଛି। ଲଦାଖ ଓ ଏହାର ଆଖପାଖ ଅଞ୍ଚଳକୁ ନିଜର ବୋଲି କହୁଛି। ପିଏଲ୍ଏ ଓ ଭାରତୀୟ ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ସୀମାରେ ଶାନ୍ତିରକ୍ଷା ନେଇ ବୈଠକ ବସିଥିଲେ ସୁଦ୍ଧା ଚାଇନା ଭାରତର କଥା ଶୁଣିବାକୁ ପ୍ରସ୍ତୁତ ନାହିଁ। ଏଭଳି ସ୍ଥିତିରେ ଆଗକୁ ଶୀତଋତୁ ଆସୁଥିବାରୁ ପୁଣି ମୁହାଁମୁହିଁ ଆଶଙ୍କାରେ ଉଭୟ ଦେଶ ସୀମାରେ ଶକ୍ତିବୃଦ୍ଧି କରିବାରେ ଲାଗିଛନ୍ତି।


ଜନାର୍ଦ୍ଦନ ଘାଟଠାରେ ରାମବିଳାସ ପାଶ୍ୱାନଙ୍କ ଶେଷକୃତ୍ୟ ସମ୍ପନ୍ନବେଳେ ପୁଅ ତଥା ଏଲ୍‌ଜେପି ଅଧ୍ୟକ୍ଷ ଚିରାଗ ପାଶ୍ୱାନ ମାଆଙ୍କୁ କୁଣ୍ଢାଇ ଧରି କାନ୍ଦୁଛନ୍ତି।

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପାଶ୍ୱାନଙ୍କ ଶେଷକୃତ୍ୟ ସମ୍ପନ୍ନ

**ପାଟନା,୧୦।୧୦(ଆଇଏଏନ୍ଏସ୍):** ଏଲ୍‌ଜେପିର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶନିବାର ପାଟନାର ଜନାର୍ଦ୍ଦନ ଘାଟଠାରେ ସମ୍ପନ୍ନ କରାଯାଇଛି। ଏଲ୍‌ଜେପି ଅଧ୍ୟକ୍ଷ ତଥା ପୁଅ ଚିରାଗ ପାଶ୍ୱାନ ତାଙ୍କୁ ମୁଖାଗ୍ନି ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଉପମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦିଙ୍କ ସମେତ ସହସ୍ରାଧିକ ବ୍ୟକ୍ତି ସେଠାରେ ଉପସ୍ଥିତ ଥିଲେ।

## ଫିଲ୍ମ ନିର୍ଦ୍ଦେଶକ ବିଜୟ୍ ରେଡ୍ଡୀଙ୍କ ଦେହାନ୍ତ

ବେଙ୍ଗାଲୁରୁ,୧୦।୧୦: କନ୍ନଡ ଫିଲ୍ମ ନିର୍ଦ୍ଦେଶକ ବିଜୟ୍ ରେଡ୍ଡୀଙ୍କ ଶନିବାର ଚେନ୍ନାଇସ୍ଥିତ ଏକ ଘରୋଇ ହସ୍ପିଟାଲରେ



ଦେହାନ୍ତ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟଜନିତ କାରଣରୁ ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ହସ୍ପିଟାଲରେ ଚିକିତ୍ସିତ କରାଯାଉଥିଲା। କନ୍ନଡ ଫିଲ୍ମ ନିର୍ଦ୍ଦେଶକ ପୁନିଥ୍ ରାଜକୁମାର ଟୁଇଟ୍ କରି ଶୋକବ୍ୟକ୍ତ କରିଛନ୍ତି।

## ଯବାନଙ୍କ ସୁରକ୍ଷାକୁ ଅଣଦେଖା କରାଯାଉଛି

ମୋଦିଙ୍କୁ ରାହୁଲଙ୍କ ଟାର୍ଗେଟ


ରାହୁଲ ଗାନ୍ଧୀ ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ,୧୦।୧୦

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ପୁଣି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ର ସରକାର ସ୍ୱତନ୍ତ୍ର ବିମାନ କରିବା ଲାଗି ୮,୪୦୦ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଯବାନଙ୍କ ଯାତାୟତ ସୁରକ୍ଷା ନେଇ ଆଖି ବୁଜିଦେଇଛନ୍ତି। ସେ ହିନ୍ଦୀରେ ଟୁଇଟ୍ କରି କହିଛନ୍ତି, ଦେଶର ସୀମାରେ ସୁରକ୍ଷା କବଚ ଭଳି ମୁତୟନ ହୋଇଥିବା ଯବାନଙ୍କ ପାଇଁ ବିନା ବୁଲେଟ୍ ପ୍ରୁଫ୍ ଟ୍ରକ୍‌ର ବ୍ୟବସ୍ଥା ଥିବାବେଳେ ମୋଦିଙ୍କ ଲାଗି ୮୪୦୦ କୋଟି ଟଙ୍କାର ବିମାନ କିଣାଯାଇଛି। ୨ ମିନିଟ୍ ୧୯ ସେକେଣ୍ଡର ଏହି ଭିଡ଼ିଓରେ ରାହୁଲ କହିଛନ୍ତି ଯେ, ବିମାନ କିଣାଯାଇଥିବା ଟଙ୍କାରେ ଯବାନଙ୍କ ପାଇଁ ବହୁ ସରଞ୍ଜାମ କିଣି ହୋଇଥାନ୍ତା। ତେବେ ମୋଦିଙ୍କର ଯବାନଙ୍କ ସୁରକ୍ଷା ଲାଗି କୌଣସି ଚିନ୍ତା ନାହିଁ। ସେ କେବଳ ନିଜ ସୁରକ୍ଷାକୁ ସୁଦୃଢ଼ କରିଛନ୍ତି। ବିମାନ ପାଇଁ ଖର୍ଚ୍ଚ ହୋଇଥିବା ଟଙ୍କାରେ ସିଆଚେନ୍‌ରେ ମୁତୟନ ଥିବା ଯବାନଙ୍କ ଲାଗି ୩୦ ଲକ୍ଷ ଗରମ ପୋଷାକ, ୬୦ ଲକ୍ଷ ଜ୍ୟାକେଟ, ୬୭ ଲକ୍ଷ ୨୦ ହଜାର ଗ୍ଲୋଭସ୍, ୧୬ ଲକ୍ଷ ୮୦ ହଜାର ଅକ୍ସିଜେନ୍ ସିଲିଣ୍ଡର କିଣି ହୋଇପାରିଥାନ୍ତା ବୋଲି ରାହୁଲ ଅଭିଯୋଗ କରିଛନ୍ତି। ଏବେ ଏହି ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ପ୍ରକାଶଥାଉ କି, ଚାଇନା ସହ ସୀମା ବିବାଦକୁ ନେଇ ରାହୁଲ ବର୍ଷିବା ସହ ଦୁର୍ବଳ ନେତୃତ୍ୱକୁ ଦାୟୀ କରିଥିଲେ। କଂଗ୍ରେସ କ୍ଷମତାରେ ଥିଲେ ମାତ୍ର ୧୫ ମିନିଟ୍‌ରେ ପିଏଲ୍ଏକୁ ଫିଙ୍ଗିଦେଇଥାନ୍ତି ବୋଲି ସେ କହିଥିଲେ।

## ଛାତ୍ରଙ୍କୁ ପିଟି ମାରିଦେଲେ

ନୂଆଦିଲ୍ଲୀ,୧୦।୧୦


ରାହୁଲ

ଯୁବତୀଙ୍କ ସହ ସମ୍ପର୍କ ଥିବା ଅଭିଯୋଗରେ ଦିଲ୍ଲୀର ଛାତ୍ର ରାହୁଲ (୧୮)ଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ଏହି ଘଟଣାରେ ପୋଲିସ ୩ ନାବାଳକଙ୍କ ସମେତ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ ଘଟଣାର ତଦନ୍ତ କରୁଥିବାବେଳେ ଦିଲ୍ଲୀ ସରକାର ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରବାକୁ ଘୋଷଣା କରିଛନ୍ତି। ଛାତ୍ର ଜଣକ ପଶ୍ଚିମ ଦିଲ୍ଲୀର ଆଦର୍ଶ ନଗରରେ ରହୁଥିଲେ। ବି.ଏ. ଆର୍ଟସରେ ସେ ପାଠ ପଢୁଥିଲେ ଓ ଟ୍ୟୁଶନ କରୁଥିଲେ। ପ୍ରାୟ ୧୦ ଜଣ ତାଙ୍କୁ ଆକ୍ରମଣ କରିଥିବା ପୋଲିସ ସୂତ୍ରରୁ ପ୍ରକାଶ। ରାହୁଲଙ୍କୁ ଆକ୍ରମଣ ପରେ ଆହତ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତିକରାଯାଇଥିଲେ ହେଁ ସୁଫଳ ମିଳି ନ ଥିଲା। ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଦୋଷୀଙ୍କୁ ଖୁବ୍‌ଶୀଘ୍ର ଦଣ୍ଡ ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଅସ୍ତ୍ରବିରତି ଲାଗି ଆର୍ମେନିଆ, ଆଜରବୈଜାନ୍ ରାଜି

ମସ୍କୋ,୧୦।୧୦

କିଛିଦିନର ଯୁଦ୍ଧ ପରେ ଶନିବାର ଅସ୍ତ୍ରବିରତି ଲାଗି ରାଜି ହୋଇଛନ୍ତି ଆର୍ମେନିଆ ଓ ଆଜରବୈଜାନ୍। ଦୁଇଦେଶର କୂଟନୀତିଜ୍ଞ ଏନେଇ ଘୋଷଣା କରିଛନ୍ତି। ଅସ୍ତ୍ରବିରତି ସହ ଦୁଇଦେଶ ବନ୍ଦୀଙ୍କୁ ପ୍ରତ୍ୟର୍ପଣ କରିବା ଲାଗି ଚୁକ୍ତି କରିଛନ୍ତି। ମସ୍କୋରେ ଦୁଇଦେଶର କୂଟନୀତିଜ୍ଞଙ୍କ ମଧ୍ୟରେ ପ୍ରାୟ ୧୦ ଘଣ୍ଟା ଆଲୋଚନା କରାଯିବା ପରେ ଏଭଳି ପରିଣାମ ବାହାରିଛି। ରୁଷିଆର ବୈଦେଶିକ ମନ୍ତ୍ରୀ ସର୍ଗି ଲାଭ୍‌ରୋଭ୍ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାବେଳେ ଅସ୍ତ୍ରବରତି ଯୋଗୁ ବିବାଦର ସମାଧାନ ଲାଗି ଆଲୋଚନା ବାଟ ବାହାରିଛି। ପ୍ରକାଶଥାଉ କି, ସେପ୍ଟେମ୍ବର ୨୭ରେ ଦୁଇ ପଡ଼ୋଶୀ ଦେଶ ଆର୍ମେନିଆ ଓ ଆଜରବୈଜାନ୍ ମଧ୍ୟରେ ବିବାଦୀୟ ନାଗୋର୍ନୋ-କାରାବାଖ୍‌କୁ ନେଇ ଯୁଦ୍ଧ ଆରମ୍ଭ ହୋଇଥିଲା। ଏଥିରେ ଶତାଧିକ ମୃତାହତ ହୋଇଥିବା କୁହାଯାଉଛି। ଏହି ବିବାଦୀୟ ଅଞ୍ଚଳ ଆଜରବୈଜାନ୍‌ରେ ଥିବାବେଳେ ଆର୍ମେନିଆ ସେନା ଦ୍ୱାରା ପରିଚାଳିତ ହେଉଥିଲା। ସଂଘର୍ଷ ପରେ ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଦୁଇଦେଶର ବୈଦେଶିକ ମନ୍ତ୍ରୀଙ୍କୁ ଆପୋସ ଆଲୋଚନା ଲାଗି ଆମନ୍ତ୍ରଣ କରିଥିଲେ।

## ସୁପ୍ରିମକୋର୍ଟ ଗଲେ ରିପବ୍ଲିକ ଟିଭି ସିଏଫ୍ଓ

ନୂଆଦିଲ୍ଲୀ,୧୦।୧୦


ଶିବ ସୁନ୍ଦରମ୍

ଟିଭି ରେଟିଂ ପଏଣ୍ଟ (ଟିଆରପି) ଦୁର୍ନୀତିକୁ ନେଇ ମୁମ୍ବାଇ ପୋଲିସ ପକ୍ଷରୁ ଅକ୍ଟୋବର ୯ରେ ସମନ ଜାରି କରାଯିବା ପରେ ଏହାକୁ ବିରୋଧ କରି ରିପବ୍ଲିକ ଟିଭିର ସିଏଫ୍ଓ ଶିବ ସୁନ୍ଦରମ୍ ସୁପ୍ରିମକୋର୍ଟ ଯାଇଛନ୍ତି। ମୁମ୍ବାଇ ପୋଲିସକୁ ଅଟକାଇବା ସହ ମାମଲାର ଶୀଘ୍ର ଶୁଣାଣି ଲାଗି ସେ ନିବେଦନ କରିଛନ୍ତି। ପ୍ରକାଶଥାଉ କି, ସୁଦର୍ଶନ ଓ ଅନ୍ୟ ୨ ଆଡଭଟାଇଜିଂ ଏଜେନ୍ସି ମୁଖ୍ୟଙ୍କୁ ଶନିବାର ପୂର୍ବାହ୍ନ ୧୧ଟା ରେ କ୍ରାଇମ ବ୍ରାଞ୍ଚ ନିକଟରେ ହାଜର ହେବା ସହ ସେମାନଙ୍କ ବୟାନ ରେକର୍ଡ ଲାଗି କୁହାଯାଇଥିଲା। ରିପବ୍ଲିକ ଟିଭି, ଇଣ୍ଡିଆ ଟୁଡେ ଟିଭି, ଫକ୍ତ ମରାଠୀ ଓ ବକ୍ସ ସିନେମାକୁ ପୋଲିସ ଅଭିଯୁକ୍ତ ଭାବେ ଦର୍ଶାଇଥିଲା। ତେବେ ସମସ୍ତ ଅଭିଯୋଗ ଅମୂଳକ ବୋଲି ରିପବ୍ଲିକ ଟିଭିର ଏଡିଟର ଇନ୍ ଚିଫ୍ ଅର୍ଣ୍ଣବ ଗୋସ୍ୱାମୀ କହିଥିଲେ। ମୁମ୍ବାଇ ପୋଲିସ କମିଶନର ପରମ୍‌ବୀର ସିଂଙ୍କ ବିରୋଧରେ ଆପରାଧିକ ମାନହାନି ମାମଲା ରୁଜୁକରିବା ଲାଗି ଧମକ ଦେଇଥିଲେ।

# ଫୁର୍ସତ୍

## ମାଳଦ୍ୱୀପରେ ତାପସୀ


ତାପସୀ ପନ୍ନୁ

**ନୂଆଦିଲ୍ଲୀ:** ତାପସୀ ପନ୍ନୁ ଟଲିଉଡ୍ ଏବଂ ବଲିଉଡ୍‌ରେ ବେଶ୍ ଜଣାଶୁଣା। କିଛିଦିନ ହେଲା ସେ ଚର୍ଚ୍ଚାରେ ଅଛନ୍ତି। ତାପସୀ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍। ବହୁଦିନ ପରେ ତାପସୀ ଏବେ ନିଜ ଭଉଣୀଙ୍କ ସହ ମାଳଦ୍ୱୀପରେ ଛୁଟି କଟାଉଛନ୍ତି। ନିକଟରେ ସେ ତାଙ୍କର ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ଏକ ବ୍ଲାକ କଲର୍ ବିକିନିରେ ଏକଦମ୍ ହଟ୍ ଦିଶୁଛନ୍ତି। ଫଟୋରେ ଯେଉଁ କ୍ୟାପଶନ୍ ଦେଇଛନ୍ତି ଲୋକମାନେ ତାକୁ ଖୁବ୍ ପସନ୍ଦ କରୁଛନ୍ତି। ସେ ଲେଖିଛନ୍ତି ଯେ, ନୂଆବର୍ଷର ଆଗମନର ଘଣ୍ଟି ବଜାଉଛି। କାରଣ ୨୦୨୦ ସରିବାକୁ ଯାଉଛି। ଏଥିପାଇଁ ମୁଁ ବହୁତ ଖୁସି। ଚଳିତବର୍ଷ ସମସ୍ତଙ୍କ ପାଇଁ ଖରାପ ଥିଲା। ଏହା ଯେତେ ଜଲ୍‌ଦି ସରିବ ଭଲ। ଫଟୋଟି ଅପଲୋଡ୍ ହେବାର କିଛି ସମୟ ମଧ୍ୟରେ ୩ଲକ୍ଷ ଲାଇକ୍ ଅତିକ୍ରମ କରିସାରିଲାଣି। ସେ ସ୍କୁବା ଡାଇଭିଂ କରୁଥିବାର ଆଉ ଏକ ଭିଡିଓ ଶେୟାର କରିଛନ୍ତି। ଏହାକୁ ମଧ୍ୟ ଫ୍ୟାନ୍‌ମାନେ ବହୁ ସଂଖ୍ୟାରେ ଲାଇକ୍ କରିବା ସହ କମେଣ୍ଟ ମଧ୍ୟ କରିଛନ୍ତି। ତାପସୀ ସପ୍ତାହକ ପୂର୍ବରୁ ତାଙ୍କ ୨ ଭଉଣୀ ଶଗୁନ ଏବଂ ଇବାନିଆଙ୍କ ସହ ମାଳଦ୍ୱୀପର ପ୍ଲାନିଂ କରିଥିଲେ। ତିନିଜଣ ସେଠାରେ ଖୁବ୍ ମସ୍ତି କରୁଛନ୍ତି ବୋଲି ତାପସୀ ନିଜ ଇନ୍‌ଷ୍ଟା ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି। ସୂଚନା ଥାଉ କି, ତାପସୀ ପନ୍ନୁ କ୍ରିକେଟର ମିତାଲୀ ରାଜ୍‌ଙ୍କ ବାୟୋପିକ୍ ମୁଭି 'ସାବାସ୍ ମିତୁ'ରେ ଲିଡ୍ ରୋଲରେ ନଜର ଆସିବେ। ଏହାଛଡ଼ା 'ରଶ୍ମି ରକେଟ୍', 'ହସିନା ଦିଲ୍‌ରୁବା' ଫିଲ୍ମରେ ଦର୍ଶକ ତାଙ୍କୁ ଦେଖିବାକୁ ପାଇବେ।

## ଉଠୁନି ଜ୍ଞାନଦାନ୍ତ, ବାହୁରେ ନୂଆ ଧମନୀ

**ବଦଳୁଛି ମଣିଷ ଶରୀର**

ବିବର୍ତ୍ତନବାଦୀ ସମୟର କଠୋର ସତ୍ୟ। ଆଉ ଏହି ସତ୍ୟତାକୁ ପିଢ଼ି ପରେ ପିଢ଼ି ସାମ୍ନା କରି ଆସିଛି ମଣିଷ। ଅତୀତରୁ ବର୍ତ୍ତମାନ ଯାଏ ମନୁଷ୍ୟ ଶରୀରର ଆକାର ବଦଳି ଚାଲିଛି। ଏହା ଆଗକୁ ମଧ୍ୟ ଜାରି ରହିବ। ଏକବିଂଶ ଶତାବ୍ଦୀର ନବଜାତକଙ୍କ ନିକଟରେ ପରିବର୍ତ୍ତନର ଏହି ଧାରା ସ୍ପଷ୍ଟ ବାରି ହୋଇପଡୁଛି। ଶିଶୁଙ୍କ ଜ୍ଞାନଦାନ୍ତ ଆଉ ଉଠୁନାହିଁ। ବାହୁରେ ବିକଶିତ ହେଉଥିବା ଅସ୍ଥାୟୀ ଧମନୀ ଆଜୀବନ ରହୁଛି। ନିକଟରେ କରାଯାଇଥିବା ଗବେଷଣାରୁ ଏହା ଜଣାପଡ଼ିଛି।



ପୃଥିବୀରେ ତିଷ୍ଠି ରହିଥିବା ସମସ୍ତ ପ୍ରଜାତିର ଜୀବ ସମୟ ସହିତ ବଦଳିଥାନ୍ତି। ଏହା ଉଭୟ ମାନସିକ, ଶାରୀରିକ। ବୈଜ୍ଞାନିକ ଡାରୱିନ୍‌ଙ୍କ କ୍ରମବିବର୍ତ୍ତନ ସିଦ୍ଧାନ୍ତ ଏହା ହିଁ କହେ। ଜୀବନ ସଞ୍ଚାର ହେବା ପରଠାରୁ ଅଦ୍ୟାବଧି ମନୁଷ୍ୟ ଶରୀରରେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ଚଳିତ ଶତାବ୍ଦୀରେ ନବଜାତକଙ୍କ ନିକଟରେ ମଧ୍ୟ ଏହା ସ୍ପଷ୍ଟ ପରିଲକ୍ଷିତ ହେଉଛି। ଏପରି ପରିବର୍ତ୍ତନକୁ ସ୍ୱାସ୍ଥ୍ୟ ବିଜ୍ଞାନରେ ମାଇକ୍ରୋଇଭୋଲ୍ୟୁଶନ ବୋଲି କୁହାଯାଉଛି। ଏବେକାର ଶିଶୁମାନଙ୍କ ପାଟି ଆଭ୍ୟନ୍ତରର ଚମଡ଼ା ସାମାନ୍ୟ ଛୋଟ। ଗୋଡ଼ରେ ଅସ୍ଥି ସଂଖ୍ୟା ବି ଅଧିକ। ଅଧିକାଂଶ ଶିଶୁଙ୍କଠାରେ ଜ୍ଞାନଦାନ୍ତ ଦେଖିବାକୁ ମିଳୁନାହିଁ। ସେମାନଙ୍କ ବାହୁରେ ନୂତନ ଭାବେ ଏକ ଧମନୀ ବିକଶିତ ହୋଇଛି। ଏ ସମ୍ପର୍କିତ ସବିଶେଷ ତଥ୍ୟ 'ଜର୍ନାଲ ଅଫ୍ ଏନାଟୋମି'ରେ ପ୍ରକାଶିତ ହୋଇଛି। ବୈଜ୍ଞାନିକମାନେ କହିଛନ୍ତି ଯେ, କିଛିବର୍ଷ ହେଲା ଶିଶୁଙ୍କ ଶରୀରରେ ଏପରି ଦ୍ରୁତ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଜ୍ଞାନଦାନ୍ତ ନ ଉଠିବାର କାରଣ ସମ୍ପର୍କରେ ସ୍ପଷ୍ଟ କରିବାକୁ ଯାଇ ବୈଜ୍ଞାନିକମାନେ କହିଛନ୍ତି, ସମୟ ସହିତ ମଣିଷର ମୁଖମଣ୍ଡଳର ଆକାର ଛୋଟ ହେବାରେ ଲାଗିଛି। ତଦନୁଯାୟୀ ପାଟିର ଆଭ୍ୟନ୍ତରୀଣ ଆକାର ସଙ୍କୁଚିତ ହୋଇଛି। ତେଣୁ ଦାନ୍ତ ଉଠିବା ପାଇଁ ସ୍ଥାନର ଅଭାବ ଦେଖାଯାଉଛି।

ଆଡିଲେଡ୍‌ର 'ଫ୍ଲିଣ୍ଡରର୍ସ ୟୁନିଭର୍ସିଟି'ର ଡା. ତେଘାନ ଲୁକସ କହିଛନ୍ତି, ଖାଦ୍ୟ ଚୋବାଇ ଖାଇବା କ୍ଷମତା ବୃଦ୍ଧି ଏବଂ ପ୍ରାକୃତିକ ଚୟନ ପାଇଁ ଶିଶୁଙ୍କ ନିକଟରେ ଜ୍ଞାନଦାନ୍ତ କମ୍ ଦେଖିବାକୁ ମିଳୁଛି। ମନୁଷ୍ୟ ନିକଟରେ ପରିବର୍ତ୍ତନ ବନ୍ଦ ହୋଇଯାଇଥିବା ଅନେକେ ଏବେ ବି ଦାବି କରୁଛନ୍ତି। ହେଲେ ଏଥିରେ ସତ୍ୟତା ନାହିଁ। ଏବେ ବି ଆମ ଭିତରେ ପରିବର୍ତ୍ତନ ଜାରି ରହିଛି ଏବଂ ଏହା ଗତ ୨୫୦ ବର୍ଷ ମଧ୍ୟରେ ସବୁଠୁ ଦ୍ରୁତ ବୋଲି ସେ କହିଛନ୍ତି। ମା' ଗର୍ଭରେ ଥିବା ସମୟରେ ଶିଶୁଙ୍କ ବାହୁରେ ମେଡିଆନ ଆର୍ଟେରି ତିଆରି ହୋଇଥାଏ। ଜନ୍ମ ପରେ ଏହା ଆପେ ଆପେ ଗାଏବ ହୋଇଯାଏ। ହେଲେ ଏବେ ହାରାହାରି ୩ଜଣରୁ ଜଣଙ୍କଠାରେ ସାରା ଜୀବନ ଏହା ରହୁଛି। ସେହିପରି ହାତ ଏବଂ ଗୋଡ଼ରେ ଅତିରିକ୍ତ ହାଡ଼ ରହୁଛି। ଅନେକ ଅସ୍ଥି ଅସାମାନ୍ୟ ଭାବେ ଯୋଡ଼ି ହୋଇ ରହୁଥିବା ଦେଖିବାକୁ ମିଳୁଛି। ଏହି ଅଧ୍ୟୟନରୁ ବିଂଶ ଶତାବ୍ଦୀରେ ଲୋକମାନଙ୍କ ଅଙ୍ଗପ୍ରତ୍ୟଙ୍ଗରେ କେଉଁ ସବୁ ପରିବର୍ତ୍ତନ ଆସିଛି ସେ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି। ତେବେ ଏଥିରେ ମଣିଷ ପାଇଁ କୌଣସି ବିପଦ ନ ଥିବା ଅଧ୍ୟୟନକାରୀମାନେ ସ୍ପଷ୍ଟ କରିଛନ୍ତି।

## ଅବିକଳ ଫଟୋ ଭଳି ପେନ୍‌ସିଲ୍ ଆର୍ଟ

**ନୂଆଦିଲ୍ଲୀ:** ବିଭିନ୍ନ ଭାବ ଆଉ ଘଟଣାବଳୀକୁ ନେଇ ଚିତ୍ରକରଟିଏ ସୁନ୍ଦର ସୁନ୍ଦର ଚିତ୍ର ଆଙ୍କିଥାନ୍ତି। କିନ୍ତୁ ବେଳେବେଳେ କିଛି ଚିତ୍ର ଏଭଳି ଜୀବନ୍ତ ହୋଇଉଠେ ଯେ ଦେଖିବା ଲୋକ ବି ହଠାତ୍ ବିଶ୍ୱାସ କରିପାରି ନ ଥାନ୍ତି। ଠିକ୍ ଏମିତି ଏକ ଚିତ୍ର ଏବେ ଚହଳ ସୃଷ୍ଟି କରିଛି। କେଗାନ୍ ହଲ୍ ନାମକ ଜଣେ ଚିତ୍ରକର ମାଇକେଲ୍ ଜୋର୍ଡାନଙ୍କର ଏଭଳି ଚିତ୍ର ଆଙ୍କିଛନ୍ତି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିପାରିଛି।

ବାସ୍କେଟବଲର କିମ୍ବଦନ୍ତୀ ଖେଳାଳି ମାଇକେଲ୍ ଜୋର୍ଡାନଙ୍କର ଏକ ପେନ୍‌ସିଲ୍ ଆର୍ଟ କରିଛନ୍ତି ଚିତ୍ରକର କେଗାନ୍ ହଲ୍। ତେବେ ତାଙ୍କ ଚିତ୍ରଟି ଏତେ ଜୀବନ୍ତ ହୋଇଛି ଯେ ଦେଖିବା ମାତ୍ରେ ତାହା ଏକ ଫଟୋଗ୍ରାଫ୍ ଭଳି ମନେହେବ। କିନ୍ତୁ ହଲ୍ ତାଙ୍କର ଚିତ୍ରକୁ କେବଳ ପେନ୍‌ସିଲରେ କରିଛନ୍ତି ଏବଂ କୌଣସି ପ୍ରକାରର ରଙ୍ଗ ଦେଇ ନାହାନ୍ତି। ତେଣୁ ପୁରୁଣା ଦିନର ସ୍ମୃତି ଭଳି ଏହି ଚିତ୍ରଟି ଏକ କଳାଧଳା ଫଟୋ ଭଳି ମନେହେଉଛି। ଚିତ୍ରକର ହଲ୍ କିନ୍ତୁ ନିଜେ ଏହି ଚିତ୍ର କରୁଥିବା ସମୟର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ମାଇକେଲ୍ ଜୋର୍ଡାନଙ୍କର ଏହି ପେନ୍‌ସିଲ୍ ଆର୍ଟକୁ ପ୍ରଥମେ ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ଏଥିରେ ସେ କ୍ୟାପସନରେ 'ଟେକିଂ ଫ୍ଲାଇଟ୍' ବୋଲି ତାଙ୍କ କ୍ରିଏସନକୁ ନାଁ ଦେଇଛନ୍ତି। ସେ କହିଛନ୍ତି କି ପୂର୍ବରୁ ସେ କରିଥିବା ଅନ୍ୟ ସମସ୍ତ ଭିଡିଓ ତୁଳନାରେ ଏହା ହେଉଛି ତାଙ୍କର ସବୁଠାରୁ ଲମ୍ବା ଭିଡିଓ। ଏହି ଭିଡିଓଟି ସୋସିଆଲ ମିଡିଆରେ ଆସିବା ପରେ ଲୋକେ ଏହାକୁ ନେଇ ସୁନ୍ଦର କମେଣ୍ଟ ସବୁ ଦେଉଛନ୍ତି।



ଏଭଳି ଏକ ପେନ୍‌ସିଲ୍ ଆର୍ଟକୁ ପ୍ରଶଂସା କରିବା ସହ ଲୋକେ କଳାକାରଙ୍କ ଦକ୍ଷତାକୁ ବି ଭୂରି ଭୂରି ପ୍ରଶଂସା କରିଛନ୍ତି। ହଲ୍‌ଙ୍କର ଚିତ୍ରଟି ଏତେ ସୁନ୍ଦର ଓ ଜୀବନ୍ତ ଯେ ନ କହିବା ପର୍ଯ୍ୟନ୍ତ ଏହାକୁ ସମସ୍ତେ ଫଟୋ ବୋଲି ହିଁ ଭାବିବେ। ସେଥିପାଇଁ ଏହି ଚିତ୍ରଟିକୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା ଏବଂ ଲୋକେ ସୋସିଆଲ୍ ମିଡିଆରେ ଏହାକୁ ବାରମ୍ବାର ଶେୟାର କରୁଥିବା ଦେଖିବାକୁ ମିଳୁଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩,୭୨,୪୪,୫୬୩ | ୧୦,୭୪,୪୦୫ | ୨,୭୯,୬୨,୧୩୫ |
| ଭାରତ | ୬୯,୯୭,୮୫୨ | ୧,୦୭,୫୬୮ | ୬୦,୦୩,୨୪୪ |
| ଓଡ଼ିଶା | ୨,୪୯,୬୯୩ | ୧୦୦୬(+୫୩) | ୨,୨୪,୨୭୩ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ବିଦ୍ୟୁତ୍ ନେଲା ଗର୍ଭବତୀ ବୋହୂ, ଶ୍ୱଶୁରଙ୍କ ଜୀବନ

**ବିଷମକଟକ,୧୦।୧୦:** ରାୟଗଡ଼ା ଜିଲା ବିଷମକଟକ ଥାନା ଅଧୀନ ଚଞ୍ଚଡ଼ାଗୁଡ଼ା ପଞ୍ଚାୟତ ଠଙ୍ଗପଡ଼ା ଗ୍ରାମରେ ଶନିବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଗର୍ଭବତୀ ବୋହୂ ଏବଂ ଶ୍ୱଶୁରଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଗାଁର ବ୍ରଜ ମାଣ୍ଡାଙ୍ଗିଙ୍କ ସ୍ତ୍ରୀ ସୁମିତ୍ରା ସକାଳେ ଏକ ପାତ୍ରରେ ପାଣି ନେଇ ଚା' ପ୍ରସ୍ତୁତ କରିବା ନିମନ୍ତେ ରୋଷେଇଘରକୁ ପ୍ରବେଶ କରୁଥିଲେ। ଏହି ସମୟରେ ଘରର ଏକ ବିଦ୍ୟୁତ୍ ତାର ଛିଣ୍ଡି ଲୁହା ଗ୍ରୀଲ୍‌କୁ ଲାଗିଥିଲା। ସୁମିତ୍ରା ଗ୍ରୀଲ୍‌କୁ ଛୁଇଁବା ମାତ୍ରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଟଳିପଡ଼ିଥିଲେ। ଏହା ଜାଣିପାରି ଶ୍ୱଶୁର ଡାହାଣୀ ମାଣ୍ଡାଙ୍ଗି ବୋହୂଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ। ସେ ମଧ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଦୁହିଁଙ୍କୁ ଆମ୍ବୁଲାନ୍ସ ଯୋଗେ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସୁମିତ୍ରା ଦୁଇଦିନ ମଧରେ ପ୍ରସବ କରିଥାନ୍ତେ ବୋଲି ସ୍ୱାମୀ କହିଛନ୍ତି।

### ଅଫ୍‌ଲାଇନ୍‌ରେ ଡିଏଲ୍‌ଏଡ୍ ପରୀକ୍ଷା ନିଷ୍ପତ୍ତିକୁ ବିରୋଧ

**ଭୁବନେଶ୍ୱର, ୧୦।୧୦(ବ୍ୟୁରୋ):** ଆସନ୍ତା ନଭେମ୍ବର ୪ରୁ ଡିପ୍ଲୋମା ଇନ୍ ଏଲିମେଣ୍ଟାରୀ ଏଜୁକେଶନ (ଡିଏଲ୍‌ଏଡ୍) ପ୍ରଥମ ଓ ଶେଷବର୍ଷ ପରୀକ୍ଷା ଆରମ୍ଭ ହେବ। ରାଜ୍ୟର ପ୍ରାୟ ୧୩,୫୦୦ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେବେ। ଏହି ପରୀକ୍ଷାକୁ ଅଫ୍‌ଲାଇନରେ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିବାରୁ ଏହାର ତୀବ୍ର ପ୍ରତିବାଦ କରିଛନ୍ତି ପରୀକ୍ଷାର୍ଥୀ। କରୋନା ସଂକ୍ରମଣ ଏଡ଼ାଇବା ପାଇଁ ବିଏଡ୍ ପରୀକ୍ଷା ଅନଲାଇନ୍ ମାଧମରେ କରାଯାଇଥିଲା। କିନ୍ତୁ ଡିଏଲ୍‌ଏଡ୍ ପରୀକ୍ଷା କାହିଁକି ଅଫ୍‌ଲାଇନ୍‌ରେ କରାଯିବ ସେନେଇ ଅଖିଳ ଭାରତ ଛାତ୍ରସଂଘ ଓ ନିଖିଳ ଓଡ଼ିଶା ଡିଏଲ୍‌ଏଡ୍ ଛାତ୍ରସଂଘ ପକ୍ଷରୁ ସରକାରଙ୍କୁ ପ୍ରଶ୍ନ କରାଯାଇଛି। ଶନିବାର ଏଆଇଏସ୍‌ଏଫ୍ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତି ସଂଘମିତ୍ରା ଜେନା କହିଛନ୍ତି, ପରୀକ୍ଷା କେନ୍ଦ୍ର ୧୦୦ରୁ ୧୫୦କି.ମି. ଦୂରତାରେ ହୋଇଥିବାବେଳେ ପରୀକ୍ଷାର୍ଥୀ ଓ ଅଭିଭାବକଙ୍କ ଯାତାୟତ, ପରୀକ୍ଷା ପାଇଁ ୧୫ଦିନ ରହଣି, ପରୀକ୍ଷାର୍ଥୀ ଓ ପରିବାରବର୍ଗଙ୍କ କରୋନା ପରୀକ୍ଷା ବ୍ୟବସ୍ଥା ସମ୍ପର୍କରେ ସରକାର ଚିନ୍ତା ନ କରି ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ଅନେକ ଛାତ୍ରୀଛାତ୍ରଙ୍କ ଜୀବନହାନି ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ସରକାର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର ନ କଲେ ୧୨ ତାରିଖରେ ଏହି ଛାତ୍ରୀଛାତ୍ରମାନେ ନବୀନ ନିବାସ ଘେରାଉ କରିବେ ବୋଲି ଏଆଇଏସ୍‌ଏଫ୍ ଓ ନିଖିଳ ଓଡ଼ିଶା ଡିଏଲ୍‌ଏଡ୍ ଛାତ୍ରସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ନେତା ମାନୁ ନାହାନ୍ତି କୋଭିଡ୍ ନିୟମ!




## ୨ ମନ୍ତ୍ରୀଙ୍କ ବିରୋଧରେ ଥାନାରେ ଏତଲା

### କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗ

**ଭୁବନେଶ୍ୱର,୧୦।୧୦ (ବ୍ୟୁରୋ)**

ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏବଂ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ବିରୋଧରେ କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗ ଆଣିଛି ଶ୍ରୀଜଗନ୍ନାଥ ସେନା। ଏ ନେଇ ଶନିବାର ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଖାରବେଳ ନଗର ଥାନାରେ ଏତଲା ଦେଇଛନ୍ତି। ଏତଲାରେ ଦର୍ଶାଯାଇଛି ଯେ, ମନ୍ତ୍ରୀ ପାଣିଗ୍ରାହୀ ଓ ମନ୍ତ୍ରୀ ଦାଶ କରୋନା ପଜିଟିଭ ଥାଇ ଗତ ୪ତାରିଖରେ ପିପିଲି ବିଧାୟକ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ସରକାରୀ ବାସଭବନକୁ ଯାଇ ମରଶରୀରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ତେଣୁ ଦୁହେଁ କୋଭିଡ୍ ନିୟମ ଉଲ୍ଲଂଘନ କରିଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପଟ୍ଟନାୟକ ଦାବି କରିଛନ୍ତି।

## ମଦ ବିକ୍ରିକୁ ବିରୋଧ କରିବାରୁ ମହିଳା କନଷ୍ଟେବଲଙ୍କୁ ମାଡ଼


କନଷ୍ଟେବଲଙ୍କୁ ଦୁଇ ମହିଳା ମାଡ଼ ମାରୁଛନ୍ତି।

**ବାରିପଦା ଅଫିସ/ବିଶୋଇ/ରାଇରଙ୍ଗପୁର. ୧୦।୧୦ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବିଶୋଇ ସାପ୍ତାହିକ ହାଟରେ ଶନିବାର ଦେଶୀ ମଦ ବିକ୍ରିକୁ ବିରୋଧ କରିବାରୁ ୨ ମହିଳା ମଦ ବେପାରୀ ଜଣେ କନଷ୍ଟେବଲ ମଞ୍ଜୁଲତା ସାହୁଙ୍କୁ ଲାଠି ଛଡାଇ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ବିଶୋଇ ଥାନା ପୋଲିସ ଏକ ମାମଲା(ନଂ.୯୯/୨୦) ରୁଜୁ କରି କୁନ୍ଦୁରା ଗ୍ରାମର କାପରା ମାରଣ୍ଡିଙ୍କୁ ଗିରଫ କରିଥିବାବେଳେ ଅନ୍ୟଜଣେ ମହିଳା ଫେରାର ଥିବା ଥାନା ଅଧିକାରୀ ଫନୀ ଭୂଷଣ ନାୟକ କହିଛନ୍ତି।

ଶନିବାର ଅପରାହ୍ନରେ ବିଶୋଇ ହାଟରେ ଉକ୍ତ ମହିଳା କନଷ୍ଟେବଲ ଡ୍ୟୁଟି କରୁଥିବା ବେଳେ ସେଠାରେ ମଦ ବିକ୍ରି କରୁଥିବା ୨ ମହିଳାଙ୍କୁ ତାଗିଦ୍ କରିଥିଲେ। ଏନେଇ ଉଭୟଙ୍କ ସହ କନଷ୍ଟେବଲଙ୍କ ବଚସା ହୋଇଥିଲା। ମଦ ବିକ୍ରି କରୁଥିବା ୨ ମହିଳା ଉତ୍ୟକ୍ତ ହୋଇ ମହିଳା ଲାଠି ଛଡାଇ ଆଣି ମହିଳା କନଷ୍ଟେବଲଙ୍କୁ ହାଟ ମଧ୍ୟରେ ମାଡ଼ ମାରିଥିଲେ। ଏହି ଘଟଣାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି।

# ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍‌କୁ ଧର୍ମେନ୍ଦ୍ରଙ୍କ ବିରୋଧ

**ଭୁବନେଶ୍ୱର,୧୦।୧୦(ବ୍ୟୁରୋ)**

ବିଧାନସଭାରେ ଗୃହୀତ ହୋଇଥିବା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍-୨୦୨୦କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିରୋଧ କରିଛନ୍ତି। ଏହି ବିଧେୟକ ଦେଶର ସାମ୍ବିଧାନିକ ବ୍ୟବସ୍ଥା ତଥା ୟୁଜିସି ନିୟମାବଳୀର ଦୃଢ଼ ବିରୁଦ୍ଧାଚରଣ କରୁଛି। ରାଜ୍ୟର ଛାତ୍ରୀଛାତ୍ର, ଶିକ୍ଷକ ଓ ଗବେଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ବିଧେୟକକୁ ଉଚ୍ଛେଦ କରିବା ପାଇଁ ପଦକ୍ଷେପ ନେବାକୁ ଧର୍ମେନ୍ଦ୍ର ଶନିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି।

ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ସରକାରଙ୍କ ଏହି ନୂଆ ନିୟମରେ ବିଶ୍ୱବିଦ୍ୟାଳୟଗୁଡ଼ିକର ନୀତି ନିର୍ଦ୍ଧାରକ ସିନେଟ୍ ବ୍ୟବସ୍ଥାକୁ ସମାପ୍ତ କରି ଏହା ସ୍ଥାନରେ ସରକାର ନିୟନ୍ତ୍ରିତ ସିଣ୍ଡିକେଟ୍ ବ୍ୟବସ୍ଥା ପ୍ରଚଳନ କରିବେ। ବିଶ୍ୱବିଦ୍ୟାଳୟ କୁଳପତି ଚୟନ ଓ ନିଯୁକ୍ତି ପ୍ରକ୍ରିୟାକୁ ରାଜ୍ୟ ସରକାର ତତ୍ପରତାର ସହିତ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ସରକାରଙ୍କ ପ୍ରତିନିଧି ରଖିବା ସହ ଏହି ଚୟନ କମିଟିକୁ ଅଣ ଏକାଡେମିକ ପୃଷ୍ଠଭୂମିର ବ୍ୟକ୍ତି ପ୍ରାଧାନ୍ୟ ଦେଉଥିବା ପ୍ରଧାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ଶିକ୍ଷକ ନିଯୁକ୍ତି ଅଧିକାରରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବଞ୍ଚିତ କରି ଏହି କାମକୁ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ(ଓପିଏସ୍‌ସି)କୁ ପ୍ରଦାନ କରିବା ଦ୍ୱାରା ରାଜ୍ୟ ସରକାର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ରିମୋଟ୍ କଣ୍ଟ୍ରୋଲ ବ୍ୟବସ୍ଥାରେ ରଖିବାକୁ ଚାହୁଁଛନ୍ତି। ଏଥିସହ ବିଶ୍ୱବିଦ୍ୟାଳୟର ଆୟ ବ୍ୟୟ ବିବରଣୀ ସାମ୍ବିଧାନିକ ବ୍ୟବସ୍ଥା ରାଜ୍ୟ ବିଧାନସଭାରେ ଉପସ୍ଥାପନ କରାଯିବାର ବ୍ୟବସ୍ଥାକୁ ନୂଆ ବିଧେୟକରେ ବନ୍ଦ କରିଦିଆଯିବା ଦ୍ୱାରା ଜନସାଧାରଣଙ୍କ ଅର୍ଥ ଖର୍ଚ୍ଚର ଠିକ୍ ସମୀକ୍ଷା ହୋଇପାରିବ ନାହିଁ ବୋଲି ପ୍ରଧାନ ଉଲ୍ଲେଖ କରିଛନ୍ତି। ଏଥିସହ ଭାରତୀୟ ସମ୍ବିଧାନରେ ଶିକ୍ଷା ଯୁଗ୍ମ ତାଲିକାରେ ଥିବା କାରଣରୁ ଉଚ୍ଚଶିକ୍ଷା ଓ ଗବେଷଣା ପ୍ରସଙ୍ଗରେ ଆଇନ ପ୍ରଣୟନ କରିବାର ସମ୍ପୂର୍ଣ୍ଣ ଅଧିକାର ପାର୍ଲାମେଣ୍ଟର ରହିଛି। ୟୁଜିସି ଆକ୍ଟ-୧୯୫୬ ଓ ୟୁଜିସି ନିୟମ ଆଧାରରେ ଓଡ଼ିଶା ବିଶ୍ୱବିଦ୍ୟାଳୟଗୁଡ଼ିକ ପରିଚାଳନା ଆଇନ ସମ୍ମତ। ଓଡ଼ିଶାର ନୂଆ ନିୟମରେ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଚୟନ ପ୍ରକ୍ରିୟା ଓପିଏସ୍‌ସି ଦ୍ୱାରା କରାଯିବା ୟୁଜିସି ନିୟମ ପରିପନ୍ଥୀ ବୋଲି ପ୍ରଧାନ କହିଛନ୍ତି। ଏହି ପ୍ରକାର ପରିସ୍ଥିତିରେ ଅନ୍ୟ ରାଜ୍ୟଗୁଡ଼ିକ ପ୍ରସ୍ତୁତ କରିଥିବା ଆଇନ ସୁପ୍ରିମକୋର୍ଟରେ ମଧ ଖାରଜ ହେବାର ନଜିର ରହିଛି।

### ଚିଠି ଲେଖି କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ


ଧର୍ମେନ୍ଦ୍ର ପ୍ରଧାନ

ଓଡ଼ିଶାରେ ଏହି ନିୟମ କିପରି ସାମ୍ବିଧାନିକ ବ୍ୟବସ୍ଥାର ପରିପନ୍ଥୀ ତାହା କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ଅବଗତ କରାଇଛନ୍ତି। ରାଜ୍ୟରେ ଶୈକ୍ଷିକ ସମାଜ ଏହି ନିୟମକୁ ଦୃଢ଼ ବିରୋଧ କରୁଥିବା ପ୍ରସଙ୍ଗ ଉଲ୍ଲେଖ କରି ଧର୍ମେନ୍ଦ୍ର କହିଛନ୍ତି, ରାଜ୍ୟ ବିଶ୍ୱବିଦ୍ୟାଳୟ ଶିକ୍ଷକମାନଙ୍କ ଦ୍ୱାରା ଗଠିତ ଜଏଣ୍ଟ ଆକ୍ସନ କମିଟି ଦ୍ୱାରା କରାଯାଇଥିବା ସର୍ଭେରେ ଏହି ବିଲ୍ ବିରୋଧରେ ଦୃଢ଼ମତ ରହିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ଜାତୀୟ ଶିକ୍ଷାନୀତି-୨୦୨୦ ବିରୋଧରେ ରାଜ୍ୟ ସରକାରଙ୍କ ନିୟମ ଯାଉଥିବା କଥା ମଧ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି। ମୋଦି ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ସ୍ୱାୟତ୍ତତା ପ୍ରାଥମିକତା ହୋଇଥିବାବେଳେ ରାଜ୍ୟ ସରକାର ଉଚ୍ଚଶିକ୍ଷାକୁ ପ୍ରଶାସନିକ ନିୟନ୍ତ୍ରଣରେ ରଖି ଏହାକୁ ସରକାରୀକରଣ କରିବାକୁ ଚାହୁଁଛନ୍ତି। ଛାତ୍ରୀଛାତ୍ର, ଶିକ୍ଷକ, ଉଚ୍ଚଶିକ୍ଷାନୁଷ୍ଠାନର ସ୍ୱୟଂଶାସିତ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏହି ବିଲ୍‌କୁ ରଦ୍ଦ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଧର୍ମେନ୍ଦ୍ର କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସହାୟତା ଲୋଡ଼ିଛନ୍ତି।

### ବଜ୍ରପାତରେ ଦୁଇ ବୃଦ୍ଧ ମୃତ

**ବରଗଡ଼ ଅଫିସ୍,୧୦।୧୦:** ଶନିବାର ଅପରାହ୍ନରେ ବଜ୍ରପାତ ଯୋଗୁ ଦୁଇଜଣ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବରଗଡ଼ ଜିଲା ବିଜେପୁର ଥାନା ଅନ୍ତର୍ଗତ ଏମ୍.ଶ୍ରୀଗିଡାର ଜଗଦୀଶ ଦାଶ(୬୩) ଏବଂ ବରପାଲି ଥାନା ଅନ୍ତର୍ଗତ ଝୁଲପିଆପାଲି ଗ୍ରାମର ବୈକୁଣ୍ଠ ବଡଗୁଛିଆ(୬୦)। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ଜଗଦୀଶ ଘର ଛାତ ଉପରେ ଥିବାବେଳେ ବଜ୍ରପାତ ହେବାରୁ ସେ ଟଳିପଡ଼ିଥିଲେ। ବିଜେପୁର ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ସେହିପରି ବରପାଲି ଥାନା ଝୁଲପିଆପାଲି ଗ୍ରାମରେ ବର୍ଷା ସହ ବଜ୍ରପାତ ହେବାରୁ ବୈକୁଣ୍ଠଙ୍କ ମୃତ୍ୟୁ ହୋଇଛି।

## ଉପନିର୍ବାଚନ ସମୀକ୍ଷା କଲେ ମୁଖ୍ୟ ନିର୍ବାଚନ ଅଧିକାରୀ

**ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)**

ଜଗତ୍‌ସିଂହପୁରର ତିର୍ତ୍ତୋଲ ଓ ବାଲେଶ୍ୱର ବିଧାନସଭା କ୍ଷେତ୍ର ପାଇଁ ହେବାକୁ ଥିବା ଉପନିର୍ବାଚନ ନେଇ ଏକ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନି ଭିଡିଓ କନ୍‌ଫରେନ୍ସରେ ଏହି ଦୁଇ ଜିଲାର ଜିଲା ନିର୍ବାଚନ ଅଧିକାରୀ, ରିଟର୍ଣ୍ଣିଂ ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ନିର୍ବାଚନରେ ବିଭିନ୍ନ ସୂଚନା, ଯୋଗାଯୋଗ ଏବଂ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ ସମ୍ପର୍କିତ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ବୁଥ୍‌ସ୍ତରୀୟ ଅଧିକାରୀମାନେ ୧୪ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ୮୦ବର୍ଷରୁ ଊର୍ଦ୍ଧ୍ୱ ବୟସର ଭୋଟର ଓ ଭୋଟର ତାଲିକାରେ ଭିନ୍ନକ୍ଷମ ଭାବେ ସୂଚିତ ଭୋଟରଙ୍କୁ ଯୋଗାଯୋଗ କରିବେ ଏବଂ ପୋଷ୍ଟାଲ ବାଲାଟ୍‌ରେ ଭୋଟ୍ ପ୍ରଦାନ ପାଇଁ ଇଚ୍ଛାଧୀନ ଆବେଦନ ନିମନ୍ତେ ଫର୍ମ-୧୨(ଘ) ପ୍ରଦାନ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଲୋହାନୀ ପରାମର୍ଶ ଦେଇଥିଲେ। ସେହିପରି ସର୍ଭିସ ଭୋଟରଙ୍କ ପାଇଁ ଇଟିପିବିଏସ୍ ସେବା ମାଧ୍ୟମରେ କିପରି ସହଜରେ ଭୋଟ ଦେଇପାରିବେ ସେନେଇ ରହିଥିବା ବ୍ୟବସ୍ଥାର ସମୀକ୍ଷା କରିଥିଲେ।

# ତାଳଦଣ୍ଡା କେନାଲ ରାସ୍ତା ଉଦ୍‌ଘାଟିତ

### ବିଶ୍ୱସ୍ତରୀୟ ହେବ ଏସ୍‌ସିବି ମେଡିକାଲ



### 'ରାସ୍ତା ଆହୁରି ସମ୍ପ୍ରସାରଣ ହେବ': ମୁଖ୍ୟମନ୍ତ୍ରୀ

### ତାଳଦଣ୍ଡା କେନାଲରେ ହେବ ବୋଟିଂ ବ୍ୟବସ୍ଥା

**କଟକ ଅଫିସ,୧୦।୧୦**

ବିଶ୍ୱସ୍ତରୀୟ ହେବ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଓ ହସ୍ପିଟାଲ। ଏହି ପରିପ୍ରେକ୍ଷୀରେ ମେଡିକାଲକୁ ସଂଯୋଗ କରୁଥିବା ରାସ୍ତାକୁ ପ୍ରଶସ୍ତୀକରଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ନବନିର୍ମିତ ଯୋବ୍ରା-ରାଣୀହାଟ ତାଳଦଣ୍ଡା କେନାଲ ପାର୍ଶ୍ୱ ତିନି ଥାକିଆ ରାସ୍ତାକୁ ଶନିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। କରୋନା ମହାମାରୀକୁ ଦୃଷ୍ଟିରେ ରଖି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହି ଉତ୍ସବ ହୋଇଥିଲା। ଏହି ଉପଲକ୍ଷେ କଟକ ଯୋବ୍ରାଠାରେ ମଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୧୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ରାସ୍ତା ୭ ମାସରେ ଶେଷ ହୋଇଛି। ନବନିର୍ମିତ ରାସ୍ତାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହି ନୂଆ ରାସ୍ତା ଦ୍ୱାରା କଟକ ବାହାରୁ ଆସୁଥିବା ରୋଗୀମାନେ ବିନା ଟ୍ରାଫିକ ସମସ୍ୟାରେ ବଡ ମେଡିକାଲରେ ପହଞ୍ଚିବା ସହ ତୁରନ୍ତ ଚିକିତ୍ସା ସୁବିଧା ପାଇପାରିବେ। ହଜାର ବର୍ଷର କଟକ ସହରର ମୁଖ୍ୟ ସମସ୍ୟା ହେଉଛି ଗହଳିପୂର୍ଣ୍ଣ ସଂକୀର୍ଣ୍ଣ ରାସ୍ତା, ଯାହାକି ଯାତାୟତରେ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏହାକୁ ଆଧୁନିକ ରୂପ ଦେବା ଉପରେ ରାଜ୍ୟ ସରକାର ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି। ଜନସାଧାରଣଙ୍କ ମତାମତକୁ ଭିତ୍ତିକରି ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱ ରାସ୍ତାକୁ ଆଗାମୀ ଦିନରେ ଆହୁରି ସମ୍ପ୍ରସାରିତ କରାଯିବ ଏବଂ ଏଥିପାଇଁ ବିସ୍ଥାପିତ ହେଉଥିବା ଲୋକଙ୍କୁ ମାନବିକତା ଦୃଷ୍ଟିକୋଣରୁ ଉପଯୁକ୍ତ ଭାବେ ଥଇଥାନ କରାଯିବ ବୋଲି କହିଥିଲେ।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ରାସ୍ତାକୁ ଉଦ୍‌ଘାଟନ କରୁଛନ୍ତି। ପାର୍ଶ୍ୱରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ।


କଟକ ଯୋବ୍ରାଠାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଧିକାରୀମାନେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ତା'ର ଉଚ୍ଚକୋଟୀର ସେବା ପାଇଁ କେବଳ ଓଡ଼ିଶା ନୁହେଁ, ଅନ୍ୟ ରାଜ୍ୟରେ ମଧ ପ୍ରସିଦ୍ଧିଲାଭ କରିଛି। ପ୍ରତିଦିନ ରାଜ୍ୟ ବାହାରୁ ଏଠାକୁ ଚିକିତ୍ସା ପାଇଁ ବହୁ ଲୋକ ଆସିଥାନ୍ତି। ତେଣୁ ଏହାକୁ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନ ଭାବରେ ଗଢି ତୋଳିବା ପାଇଁ ରାଜ୍ୟ ସରକାର ଦୃଢ ସଂକଳ୍ପ ନେଇଛନ୍ତି। ଏ ଦିଗରେ ତାଳଦଣ୍ଡା କେନାଲର ନୂଆ ରାସ୍ତା ହେଉଛି ଶୁଭାରମ୍ଭ। ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ସମୟରେ କଟକବାସୀ ଯେପରି ତ୍ୟାଗ ଓ ସହଯୋଗ କରିଛନ୍ତି, ସେଥିପାଇଁ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ସେହିପରି କୋଭିଡ୍ ସମୟରେ ଦିନରାତି କାମ କରି ଏହି ରାସ୍ତା ପ୍ରକଳ୍ପକୁ ରେକର୍ଡ ସମୟରେ ଶେଷ କରିଥିବାରୁ ପୂର୍ତ୍ତ ବିଭାଗ ଓ କଟକ ଜିଲା ପ୍ରଶାସନକୁ ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଉଦ୍‌ବୋଧନ ଦେଇ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ନୂଆ ରାସ୍ତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ନଗର ଉନ୍ନୟନ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା ତାଙ୍କ ଭାଷଣରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ବିଶ୍ୱସ୍ତରୀୟ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟକୁ ସାକାର ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଥିଲେ ଯେ, ରାଜ୍ୟବାସୀଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେଇ ମୁଖ୍ୟମନ୍ତ୍ରୀ ସବୁବେଳେ କାର୍ଯ୍ୟ କରି ଆସିଛନ୍ତି। ଏହି ନୂଆ ରାସ୍ତା ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ପୂରଣର ଜ୍ୱଳନ୍ତ ଉଦାହରଣ। କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ କଟକର ରୂପାନ୍ତରକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମର ଉଚ୍ଚ ପ୍ରଶଂସା କରିଥିଲେ। ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ଅନୁ ଗର୍ଗ ତାଳଦଣ୍ଡା କେନାଲର ଲାଇନିଂ କାମ ଖୁବ୍ ଶୀଘ୍ର ଆରମ୍ଭ କରାଯିବା ସହିତ ଏଥିରେ ବୋଟିଂ ଓ କ୍ରୀଡ଼ା ବ୍ୟବସ୍ଥାର ବିକାଶ କରାଯିବ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କଟକବାସୀଙ୍କ ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଥିଲେ। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ କଟକ ମହାନଗର ନିଗମର କମିଶନର ଅନନ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା, ଉନ୍ନୟନ କମିଶନର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ, ପୂର୍ତ୍ତ ସଚିବ, ଆର୍‌ଡିସି ଅନିଲ କୁମାର ସାମଲଙ୍କ ସମେତ ବହୁ ଅଧିକାରୀ, ଜନ ପ୍ରତିନିଧି ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



**ଆଜିର ମନ୍ତବ୍ୟ**

"ଯବାନଙ୍କ ପାଇଁ ନନ୍-ବୁଲେଟ୍ ପ୍ରୁଫ୍ ଟ୍ରକ୍ ଏବଂ ପ୍ରଧାନମନ୍ତ୍ରୀଙ୍କ ଲାଗି ୮,୪୦୦ କୋଟି ଟଙ୍କାର ବିମାନ। ଏହା କ'ଣ ନ୍ୟାୟ ?
-ରାହୁଲ ଗାନ୍ଧୀ, କଂଗ୍ରେସ ନେତା


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ରଷିରାଜ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପାନ୍ଥନିବାସ ଘରୋଇକରଣ ବନ୍ଦ ନ ହେଲେ ଆତ୍ମାହୁତି ଦେବେ କର୍ମଚାରୀ

**ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)**

କରୋନା ଯୋଗୁ ପର୍ଯ୍ୟଟନ କ୍ଷେତ୍ର ଗୁରୁତର ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ପର୍ଯ୍ୟଟନ ଭିତ୍ତିଭୂମି ସଜାଡ଼ିବା ପରିବର୍ତ୍ତେ ରାଜ୍ୟର ୫ ପାନ୍ଥନିବାସକୁ ଘରୋଇକରଣ କରିବା ପାଇଁ ଚକ୍ରାନ୍ତ କରାଯାଉଛି। ଏଭଳି ଅଭିଯୋଗ ନେଇ ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଘରୋଇକରଣ ନ କରିବା ପାଇଁ ଦାବି କରି ଆସିଛି। କିନ୍ତୁ ବାରମ୍ବାର ବିରୋଧ ସତ୍ତ୍ୱେ ଆଲୋଚନା କିମ୍ବା ପୁନର୍ବିଚାର କରାଯାଉ ନ ଥିବାରୁ ସମ୍ପୃକ୍ତ ପାନ୍ଥନିବାସର କର୍ମଚାରୀମାନେ ତୀବ୍ର ବିରୋଧ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଗୋପାଳପୁର ପାନ୍ଥନିବାସ, ତପ୍ତପାଣି ପାନ୍ଥନିବାସ, ଧଉଳି ପାନ୍ଥିକା, ଭଦ୍ରକ ଓ ବାଲେଶ୍ୱର ପାନ୍ଥନିବାସର କର୍ମଚାରୀମାନେ ସଂଘ ଜରିଆରେ ଏ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଘରୋଇକରଣ ପ୍ରସ୍ତାବର ପ୍ରତିବାଦ କରିଛନ୍ତି। ଯଦି ଏହାର ପୁନର୍ବିଚାର କରାଯାଇ ଘରୋଇକରଣ ଯୋଜନାକୁ ସ୍ଥଗିତ କରା ନ ଯାଏ ତେବେ ନବୀନ ନିବାସ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବେଙ୍ଗ ବୋଲେ ବେଙ୍ଗୁଲୀଲୋ,**
**ପୃଥ୍ୱୀ କ୍ଷଣକ୍ଷଣକେ ଆନ ।**

ଚିରସ୍ଥାୟୀ ନୁହେଁ କିଛି ସକଳ ଅସ୍ଥିର, ଜୀବନ, ଯୌବନ, ଧନ ପଦ୍ମ ପତ୍ରେ ନୀର। ସବୁ କ୍ଷଣସ୍ଥାୟୀ। ଦୁନିଆ ପରିବର୍ତ୍ତନଶୀଳ। କେତେବେଳେ କ'ଣ ହେବ କେହି କହି ପାରିବେ ନାହିଁ। ପରିବର୍ତ୍ତନ ଦୁନିଆର ନିୟମ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଡ଼ ଘର ଝିଅ ନ ହେବ ବିଭା,**
**ହଁ ବୋଇଲେ ସେ ଦାଣ୍ଡରେ ଉଭା ।**

କଥାରେ ଅଛି ଗାଳି ନ ସହଇ ବଡ଼ ଘର ଝିଅ, ମାଡ଼ ନ ସହଇ ଲହୁଣି କୋମଳ ଦେହ। ବଡ଼ ଘର ଝିଅ ମନମୋଟିଆ, ବେପରୁଆ। ତାକୁ କ'ଣ କିଛି ଆକଟ କରି କହିଦେଲେ ସେ ସହିପାରେନି। ବାପଘରର ଦମ୍ଭ ଦେଖାଇ ଚାଲିଯାଏ। କଥା ଦାଣ୍ଡରେ ପଡିବା ଫଳରେ ଲାଜ କଥା ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ଆବେଦନକାରୀଙ୍କ ପକ୍ଷରୁ ମିସ୍‌କେସ୍ ଦାଖଲ

**■ ବଗଲା ଧର୍ମଶାଳା ଜମି ବିକ୍ରି ଘଟଣା**

**କଟକ ଅଫିସ,୧୦।୧୦**

ପୁରୀ ବଗଲା ଧର୍ମଶାଳା ଜମି ବିକ୍ରି ବିବାଦକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲା ବିଚାରାଧୀନ ଥିବାବେଳେ ଏଥିରେ ସଂଶୋଧନ ଦର୍ଶାଇ ଆବେଦନକାରୀ ତଥା ସାମାଜିକ କର୍ମୀ ଜଗନ୍ନାଥ ବସ୍ତିଆ ଶନିବାର ଏକ ମିସ୍‌କେସ୍ ଦାଖଲ କରିଛନ୍ତି। ବଗଲା ଧର୍ମଶାଳା ଜମି ସାବକ ରେକର୍ଡ ଅନୁଯାୟୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଅଟେ। ଅମୃତ ମଣୋହୀ ସମ୍ପତ୍ତିକୁ ବିକ୍ରି କରିବାର କ୍ଷମତା ଜିଲାପାଳଙ୍କର ନାହିଁ। ଏହି ବେଆଇନ ବିକ୍ରି ଯୋଗୁ ମହାପ୍ରଭୁଙ୍କର ୫କୋଟି ଟଙ୍କାର ଭୂରାଜସ୍ୱ କ୍ଷତି ହୋଇଛି ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ପୁରୀ ତହସିଲଦାରଙ୍କ ଦ୍ୱାରା ଜମି ମାଲିକାନା ରେକର୍ଡ ସଂଶୋଧନ, ମ୍ୟୁଟେଶନ ଏବଂ ୬ଜଣ ଲଜ୍ ମାଲିକଙ୍କୁ ଜମିପଟ୍ଟା ପ୍ରଦାନ ସମ୍ପୂର୍ଣ୍ଣ ବେଆଇନ ବୋଲି ସେ ଏଥିରେ ଉଲ୍ଲେଖ କରିଛନ୍ତି। ମାଟିତୋଟା ମୌଜାରେ ପ୍ରସାଦ ଯୋଜନାରେ ଧର୍ମଶାଳା ନିର୍ମାଣ ନିମନ୍ତେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଆବଣ୍ଟନ କରିଥିବା ୨ ଏକର ଜମି ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କ ପାଇଁ ଆଦୌ ଉପଯୁକ୍ତ ନୁହେଁ ବୋଲି ଦର୍ଶାଇ ଆବେଦନକାରୀ ବସ୍ତିଆ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆବଶ୍ୟକ ଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କୋର୍ଟରେ ଦାଖଲ କରାଯାଇଛି ବୋଲି ଆବେଦନକାରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ସ୍ୱନକ୍ଷତ୍ରସ୍ଥ ଚନ୍ଦ୍ର ହେତୁ ପ୍ରତ୍ୟେକ ଦିଗରୁ ମନ ଖୁସୀ ରହିବ, କାମଗୁଡିକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ନିକଟ ସମ୍ପର୍କୀୟମାନଙ୍କ ସହାନୁଭୂତି ଲାଭ କରିବେ। କଳ କାରଖାନା, ଜଳଜାତ ଦ୍ରବ୍ୟ ତୈଳ କିମ୍ବା ବିଦ୍ୟୁତ ବ୍ୟବସାୟରୁ ଲାଭବାନ ହେବେ।

**ବୃଷ** – ଚତୁର୍ଥସ୍ଥ ଶୁକ୍ରଙ୍କ ଯୋଗୁଁ ଲୋକପ୍ରିୟତା ବୃଦ୍ଧି ପାଇବା ସଙ୍ଗକୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ରରେ ନିଜର ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହୋଇପାରନ୍ତି । ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** – ଧନାଧିପତିଙ୍କ ଶୁଭତ୍ୱ କାରଣରୁ ଅର୍ଥଲାଭ ସହ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବ। ଜମିଜମା ବିବାଦ କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ । କେତେକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁଁ ମନୋବଳ କ୍ରମଶଃ ହ୍ରାସ ପାଇପାରେ ।

**କର୍କଟ** – ଚନ୍ଦ୍ର ନିଜ ରାଶିରେ ରହିଥିବାରୁ ଦୈହିକ ସୁସ୍ଥତା ସଙ୍ଗକୁ ମାନସିକ ସ୍ୱାସ୍ଥ୍ୟ ଭଲ ରହିବ। ପାରିବାରିକ କ୍ଷେତ୍ରରେ କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିପାରନ୍ତି । ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ, ଯାହା କି ବନ୍ଧୁ ଗହଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯିବ।

**ସିଂହ** – ଆର୍ଥିକ ପରିସ୍ଥିତି କ୍ରମଶଃ ବଦଳି ଯିବାରୁ ଏକ ପ୍ରକାର ମନ ହାଲୁକା ହୋଇଯିବ । କିନ୍ତୁ କେତୁଙ୍କ କୁପ୍ରଭାବରେ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି । ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହୋଇଯିବ । କଳା, ସାହିତ୍ୟ, ସଂଗଠନ, ପ୍ରଶାସନିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କନ୍ୟା** – ଆଜି ଅଭିଳାଷ ପୂରଣ ହେବା ସହ ମଜାମଉଜରେ ଦିନଟି ଅତିବାହିତ କରିବେ। କିନ୍ତୁ ଚିତ୍ରା ନକ୍ଷତ୍ର ବୁଝିବିଚାରୀ କାମ କରନ୍ତୁ ନତୁବା ସମସ୍ୟାକୁ ଡାକି ଆଣିଲା ଭଳି କାମ ହେବ। ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହା ବିଶେଷ ଉତ୍କଟ ହେବ ନାହିଁ। ବନ୍ଧୁଙ୍କ ସାନ୍ନିଧ ଲାଭ କରିବେ।

**ତୁଳା** – ରାଶ୍ୟାଧିପ ଏକାଦଶ ସ୍ଥାନରେ ରହିଥିବାରୁ କୌଣସି କାମ ଅଟକି ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ଦୀର୍ଘ ଦିନରୁ ରହିଥିବା ସମସ୍ୟାର ସମାଧାନ ହୋଇଯିବ ଏବଂ ପ୍ରାପ୍ୟ ହାତପଇଠ ହୋଇପାରେ। ବନ୍ଧୁଙ୍କ ପାଇଁ ମନ ଛଟପଟ ହେବାର ସୂଚନା ରହିଛି।

**ବିଛା** – ଆପଣ ଯାହାକୁ ଭଲ ଭାବୁଛନ୍ତି ସେହି ବ୍ୟକ୍ତିଟି ନିଜର ଫାଇଦା ହାସଲ କରିବା ସକାଶେ ସର୍ବଦା ଚେଷ୍ଟିତ ରହିବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମତାନ୍ତର ଘଟିପାରେ। କଳା, ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତି ସହ ପ୍ରତିଷ୍ଠା ମିଳିବ ।

**ଧନୁ** – ସ୍ୱାସ୍ଥ୍ୟ ସମସ୍ୟା ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିବାରୁ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ। ଅନ୍ୟମାନଙ୍କ ଘରୋଇ କଥାର ଆଲୋଚନା ସମ୍ପର୍କୀୟ ଅଯଥା ଚିନ୍ତା କରିପାରନ୍ତି । ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡିଥିବା ସମ୍ପର୍କ ପୁଣି ଯୋଡିବା ସକାଶେ ପ୍ରଯତ୍ନ କରିପାରନ୍ତି । ପରିବହନ, ବ୍ୟବସାୟ, ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବେ।

**ମକର** – ଆଜି ଯେଉଁ କାମରେ ହାତଦେବେ ସେଥିରେ ଅତି କମ୍ ସମୟରେ ତାହା ସୁବିଧାରେ ସମ୍ପନ୍ନ ହୋଇ ପାରିବ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଅଟକି ଥିବା କାମଟି ସହଜରେ ହାସଲ କରିବେ।

**କୁମ୍ଭ** – ଭୁଲ୍ ବୁଝାମଣା କାରଣରୁ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିପାରେ,ଏଣୁ ସତର୍କ ରହିବା ଭଲ। ବିଶେଷ ଭ୍ରମଣ ଓ କଠିନ ଶ୍ରମଜନିତ ସାମୟିକ ଭାବରେ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି । କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମୀନ** – ରାହୁଙ୍କ ଯୋଗୁଁ ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟିବା କାରଣରୁ ମନ ବିଷାଦଗ୍ରସ୍ତ ହୋଇପାରେ। ରେବତୀ ନକ୍ଷତ୍ରର ଗତକାଲି ରାତିରେ ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। କୌଣସି ଶୁଭ ଖବର ପାଇ ମନ ଖୁସୀ ହୋଇଯିବ।

ଆଜି ଆଶ୍ୱିନ ମଳକୃଷ୍ଣ ନବମୀ ରବିବାର, ଅକ୍ଟୋବର ୧୧ ତାରିଖ, ବିଶ୍ୱ କନ୍ୟା ସନ୍ତାନ ଦିବସ, ଅନ୍ତର୍ଜାତୀୟ ବାଳିକା ଦିବସ, ବାଜିରାଉତ ଶହୀଦ୍ ଦିବସ, ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ମେଷରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୩୦ମି.ଗତେ ଘ.୦୮.୫୦ମି. ମଧ୍ୟେ, ଘ.୧୧.୫୬ମି. ଗତେ ଘ.୦୩.୦୨ମି. ମଧ୍ୟେ, ରାତ୍ରି ଘ.୦୭.୫୦ମି. ଗତେ ଘ.୦୯.୨୯ମି. ମଧ୍ୟେ, ଘ.୧୧.୫୮ମି. ଗତେ ଘ.୦୧.୩୬ମି. ମଧ୍ୟେ, ଘ.୦୨.୨୬ମି. ଗତେ ଘ.୦୫.୪୩ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୩.୪୯ମି. ଗତେ ଘ.୦୪.୩୬ମି. ମଧ୍ୟେ ମାହେନ୍ଦ୍ରବେଳା।


# classifieds Everyday
**0674-2580101, 2549302**




## BRIDE WANTED

Son age 27, B. Tech M. Tech NIST Berhmapur current job in MNC company at out of country, caste no bar, 8144589551. D-18512

39 ବର୍ଷୀୟ ଡିଭୋର୍ସ ପାତ୍ରଙ୍କ ପାଇଁ ପାତ୍ରୀ ଆବଶ୍ୟକ। ଯଦି କୌଣସି divorce ପାତ୍ରୀ ରହିଥାନ୍ତି ଯୋଗାଯୋଗ କରନ୍ତୁ। ସନ୍ତାନ ଥିଲେ ମଧ୍ୟ କୌଣସି ଅସୁବିଧା ନାହିଁ। ପାତ୍ର ଜଣକ ରେଲୱେ କର୍ମଚାରୀ। ଯୋଗାଯୋଗ କରନ୍ତୁ: 9831238247 D-18565

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଗୁଡ଼ିଆ, ତେଲି, ଭଣ୍ଡାରୀ ଜାତିର କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68258

Bride needed for Karan tall handsome, only Child Nationalised Bank Officer, caste No bar. Contact: 9437427691. D-56666

Age 39 Government Engineer Widower କରଣ ପୁଅଙ୍କୁ any caste married, unmarried ଝିଅ ଦରକାର। 9668711776. D-67959

37 ବର୍ଷର ବ୍ରାହ୍ମଣ ବରପାତ୍ର MBA, 5.8", 18/8 Director ପାଇଁ Graduate କନ୍ୟାପାତ୍ରୀ ଆବଶ୍ୟକ। 7978736177 D-68259

## GROOM WANTED

ସରକାରୀ ଚାକିରିଆ 40ବୟସ୍କା unmarried ବଣିଆ ଝିଅଙ୍କୁ ବିବାହିତ, ଅବିବାହିତ ଯେ କୌଣସି ଜାତିର ପୁଅ ଦରକାର। 7381460070. D-67958

Barik bride 28/5'4", Doctor (BDS), working in a reputed dental clinic, Bhubaneswar. Looking for suitable match. Caste-No bar. Contact: 9178062431, 8249177878. D-69447

"Sports Authority of India"ରେ 49yrs. ବୟସର divorce ମହିଳା ପାଇଁ ଉପଯୁକ୍ତ ବୟସର ବରପାତ୍ର ଆବଶ୍ୟକ। "ଯେକୌଣସି ଜାତି ଗ୍ରହଣୀୟ"। 7655858756. D-68842




## SALE

Now Hyundai Car's available through CSD. Mobile: 7991000658. D-18582




## SALE

Duplex at Hanspal 2Km. from NH-5. Rs.69 lakhs and plot at Hanspal Rs.1670/- P.sqft. Mobile: 8763499150, 7064994691. D-18506

**Ready to move 2BHK flat @22.99 lakhs** near Mount Litera Zee School, Kateni is for sale. 9937162220.** D-18552

Booking open for 3BHK duplex with layout plan near ITER College, Jagamara, Bhubaneswar. Contact: 9861616986. D-67571

**Well developed 30'road, ଘରବାରୀ, boundary, ଇଲେକ୍‌ଟ୍ରିସିଟି ଥାଇ ୪ଟି ପ୍ଲଟ ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ sqft.650/- ବିକ୍ରିହେବ। Land owner- 9437033320.** D-69181

ଛତାବର 200' roadside Nakhara Synergy College ପାଖରେ ଗୃହୋପଯୋଗୀ ଜାଗା 1500sqft.କୁ 9,75,000/- 9437306208. D-69349

Hi-Tech ଛକରୁ 5 K.m ଦୂରରେ କୃଷ୍ଣସରଣପୁର ମୌଜାରେ ପଟ୍ଟାଥିବା boundary plot ମିଳୁଛି। 8480619769. D-69559

**Gharabari plots at Atala, Balianta, Bhingarpur & Bagalpur immediate possession & registration. Contact: 9437147826, 9658894066.** D-18299

ଗଙ୍ଗପଡ଼ାରେ ଲେଆଉଟ୍ ଆପ୍ରୋଭାଲ ଥାଇ NH5 ରୁ 1.5km ମଧ୍ୟରେ ଘରବାରି ବାସୋପଯୋଗୀ ପ୍ଲଟ୍ ମିଳୁଅଛି। 7735922768. D-69177

Tamando national highway ଠାରୁ 600meter ଦୂରରେ immediate ଘରକରି ରହିବା ପାଇଁ boundary plot ମିଳୁଅଛି। 8480619769. D-69558

**ଭୁବନେଶ୍ୱର ଟଙ୍କପାଣି ରୋଡ୍‌ରେ 2BHK flat, ଲିଙ୍ଗିପୁରରେ 10 Bedroom independent building, ପୁରୀ VIP ରୋଡ୍‌ରେ 4BHK flat, ଅଠରନଳା ପାଖରେ 5Bedroom independent building ବକ୍ରୟହେବ। Genuine buyer. Contact: 9438109040, 8144658008.** D-18511

Bhubaneswar ସୁନ୍ଦରପଦାରେ 1200sqft. plot 11,40,000/- କିଣି ଘର କରନ୍ତୁ। 9938016295. D-69183

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69179

4/5 BHK Duplex with Gated Community at Balianta. Construction- 2200 @ 65lakhs/ 2600 @ 75lakhs. MPlanets: 9938219397/ 9861022055 D-18555

**Earthquake proof 2BHK flat in Apartment Avantika near Gokul Residency on Rasulgarh GGP Pandra Road for immediate sale with Puja discount. Contact: 9437396718, 8763935874 during office hour.** D-69925

Ready to move 3/2BHK flats available near Ravitalkies, Bhubaneswar. Contact: 9861037729, 9040337729. D-63988

**BDA yellowzone gharabari plot for sale near Gohirachhak & Janla, Bhubaneswar. Contact: 7008381162** D-18580

**About 3 K.M.from KIIT Jagannath Temple, Khordha-Barang road side Kataki 6 gunth gharabari land for sale, Contact No-6372388060.** D-18566

Gharabari Yellowzone BDA Approved Plot for sale at Garage Chhack, Bhubaneswar. Contact-8658264988, 6371040313. D-18570

Commercial plot for sale in Ashok Nagar, Bhubaneswar. Contact: 7978751719 D-67573

**Plot for immediate sale 2400sqft. corner BDA plot at SUM Hospital & 2200sqft. plot at Rasulgarh (200 meters from NH), Bhubaneswar, buyers contact Deepak - 9937329999** D-69924

1600sqft. residential land for sale near Mausima Square, Bhubaneswar. Price 50 lakhs. Direct buyers contact: 8260595320 D-69784




Any type civil, plumbing, colouring work, mistri labour supply 9658009658 D-69783

## GENERAL SALE

**Restaurant for sale! Fully furnished airconditioned multicuisine restaurant at Kalpana Square, Bhubaneswar with space for mini parties & Huge Parking. Contact: 9337100570, 7873000570.** D-69445

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com




House at Nayapalli, DAV/ Stewart School for Family. 8895096862, 9438490107. D-56957

**2Bedroom, 2toilets, dining, drawing, kitchen, puja, ground floor, Garage Chawk, Bhubaneswar. Family holder, Rent- 8500/- per month. Mobile: 9937347649.** D-69450

Godam 3800sqft. ground floor, Behera Sahi, Nayapalli, Bhubaneswar. 8917525377 D-18548

Cold storage 15x12x10 near Rasulgarh, Bhubaneswar. 7377773777, 7377774777 D-18547

Very Urgent- VSS Nagar Main Square- commercial building for rent out. Rs.100/ sqft., whatsapp- 9437513333 urgent. D-18569




Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69778

Newly open SPA centre smart therapist full body massage: 7846814019. D-59967

Get refreshment body massage by expert therapist contact for 7205084157. D-69777

Full ayurvedic body massage with refreshment expert therapist call: 7436826500. D-69774

Swarna SPA newly open positively health benefits with expert therapist. 7873794731. D-69776

Newly open SPA centre smart therapist full body massage: 7205187702. D-59966

Herbal full body massage by smart / expert therapist. Contact: 8338067247. D-69775

Newly open SPA centre smart therapist full body massage: 8114970372. D-59968

Newly open full body massage SPA in Bhubaneswar. Contact: 7205058838. D-69779

Rejuvenate and Ayurvedic full body massage by smart therapist. 9348123330. D-69780

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ତୃତୀୟ ଦିନରେ ତାଲାବନ୍ଦ ଆନ୍ଦୋଳନ

ଲୋଇସିଂହା,(ଡି.ଏନ.ଏ.)- ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ କୁଟାସିଂହା ପଞ୍ଚାୟତ ଡୁଙ୍ଗରିପାଲି ଗାଁର ଖେଳପଡିଆ ଉନ୍ନତୀକରଣ ନାଁରେ ଅର୍ଥ ଆତ୍ମସାତ ଘଟଣାର ତଦନ୍ତ ଦାବିରେ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଗତ ୮ ତାରିଖଠାରୁ ଧାରଣା ଚାଲିଛି। ରବିବାର ଧାରଣାର ତୃତୀୟ ଦିବସ ଥିଲା। ହେଲେ ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳକୁ ଆଲୋଚନା ଲାଗି ଅସି ନାହାନ୍ତି। ବ୍ଲକ ଅଧିକାରୀ ତଦନ୍ତ ସଂକ୍ରାନ୍ତ ରିପୋର୍ଟ ଓ କାର୍ଯ୍ୟାନୁଷ୍ଠାନ ଦିଗରେ ପ୍ରତିଶ୍ରୁତି ନ ଦେବା ଯାଏ ଧାରଣ ଜାରି ରହିବ ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା ଡୁଡୁକା ଭାଜପା ମଣ୍ଡଳ ସଭାପତି ପୀତାମ୍ବର କର୍ଣ୍ଣା ପ୍ରକାଶ କରିଛନ୍ତି।

# ସଂକ୍ରମଣଠୁ ମାନସିକ ଚାପ, ଭୟ ଅଧିକ

**ବଲାଙ୍ଗୀର ଅଫିସ, ୧୦।୧୦**

**ବଲାଙ୍ଗୀରରେ କରୋନା ମହାମାରୀ**

କରୋନା ସଂକ୍ରମଣ ବୃଦ୍ଧି ସାଙ୍ଗକୁ ଲୋକମାନଙ୍କ ମଧ୍ୟରେ ମାନସିକ ଚାପ ଓ ଭୟ ଯଥେଷ୍ଟ ବୃଦ୍ଧି ପାଇଛି। ବଲାଙ୍ଗୀର ଜିଲାରେ ଶୁକ୍ରବାର ୯୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୨୨୭ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୮୬୦ ଜଣ ସକ୍ରିୟ ରହିଥିବାବେଳେ ୪୩୪୨ଜଣ ସୁସ୍ଥ ହୋଇସାରିଲେଣି। ଜିଲାରେ କରୋନାରେ ୨୫ଜଣଙ୍କ ମୃତ୍ୟୁ ହୋଇସାରିଛି। ସୋସିଆଲ ମିଡିଆରେ ଏଭଳି ମୃତ୍ୟୁ ଖବର ପ୍ରଚାରିତ ପରେ ସାଧାରଣରେ ଭୟର ବାତାବରଣ ଦେଖାଦେଇଛି। ଅପରପକ୍ଷରେ କୋଭିଡ-୧୯ ସଂକ୍ରମିତ ହେବା ପରେ ଅତ୍ୟଧିକ ଦୁର୍ବଳତା ଅନୁଭବ ହେଉଥିବା କାରଣରୁ ଅନେକେ ମାନସିକ ଚାପରେ ରହୁଛନ୍ତି। ଲକ୍‌ଡାଉନ୍ ଆରମ୍ଭ ହେବା ଦିନଠାରୁ ଦୀର୍ଘ ୬ ମାସରୁ ଊର୍ଦ୍ଧ୍ୱ ହେଲା ଲୋକେ ଘର ଭିତରେ ରହିବାକୁ ବାଧ୍ୟ ହୋଇଛନ୍ତି। ଏହା ପ୍ରକାରାନ୍ତରେ ମାନସିକ ଚାପ ବଢ଼ାଉଛି। ଏହାବାଦ୍ କୋଭିଡ ହସ୍ପିଟାଲ, ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ, ସହରାଞ୍ଚଳ ପିଏଚ୍‌ସି, ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଅନ୍ୟ ରୋଗୀଙ୍କୁ ସୂଚାରୁ ଚିକିତ୍ସା ସେବା ମିଳୁ ନ ଥିବା କାରଣରୁ ସାଧାରଣରେ ଭୟର ବାତାବରଣ ଦେଖାଦେଇଛି। ଡାକ୍ତରମାନେ ରୋଗୀମାନଙ୍କୁ ଠିକ୍‌ଭାବେ ପରାମର୍ଶ ଦେଉ ନ ଥିବା ଅନେକ ଲୋକ ଅଭିଯୋଗ କରିଛନ୍ତି। ପରିସ୍ଥିତି ଏଭଳି ହୋଇଛି ଯେ, ବଲାଙ୍ଗୀର ଜିଲାରୁ ଶତାଧିକ କରୋନା ସଂକ୍ରମିତ ଓ ଅନ୍ୟ ରୋଗୀ ଛତିଶଗଡର ରାୟପୁର ଓ ବରଗଡ ଜିଲାର ଏକ ଘରୋଇ ହସ୍ପିଟାଲକୁ ଯାଇ ଚିକିତ୍ସିତ ହେଉଛନ୍ତି।

ଜିଲାରେ ମେଡିକାଲ କଲେଜ ହସ୍ପିଟାଲ ପ୍ରତିଷ୍ଠା ହେବା ସତ୍ତ୍ୱେ ଏଠାକାର ଲୋକଙ୍କୁ ସୁଚାରୁରୂପେ ଚିକିତ୍ସା ସେବା ମିଳିପାରୁ ନାହିଁ ଏହାବାଦ୍ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଭୀମ ଭୋଇ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଅଭାବରୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅବ୍ୟବସ୍ଥା ସୃଷ୍ଟି ହେଉଛି ବୋଲି ଅଭିଯୋଗ ହେଉଛି। ବିଶେଷକରି ମେଡିକାଲ କଲେଜ ହସ୍ପିଟାଲ କର୍ତ୍ତୃପକ୍ଷ ଏ ଦିଗରେ ବିଶେଷ ସହଯୋଗ କରୁ ନ ଥିବା କେତେକ ରୋଗୀ ଅଭିଯୋଗ କରିଛନ୍ତି। ତେବେ ଏଭଳି ଅଭିଯୋଗକୁ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଡା. ମହେନ୍ଦ୍ର କୁମାର ନାୟକ ଅସ୍ୱୀକାର କରିଛନ୍ତି। ସିଡିଏମ୍‌ଓଙ୍କ ସହ ଉତ୍ତମ ସମନ୍ୱୟ ରହିଛି ଓ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ଅଧିକ ଧ୍ୟାନ ଦିଆଯାଉଛି ବୋଲି ସେ କହିଛନ୍ତି। ଏ ନେଇ ସିଡିଏମ୍‌ଓ ଡା. ଭୀମ ସାହୁଙ୍କୁ ପଚରାଯିବାରୁ ସେ ମଧ୍ୟ ଉଭୟଙ୍କ ମଧ୍ୟରେ ସମନ୍ୱୟ ରହିଥିବା କହି ରୋଗୀମାନେ ଯେଭଳି ସ୍ୱାସ୍ଥ୍ୟସେବା ପାଇବେ ସେ ଦିଗରେ ଗୁରୁତ୍ୱ ଦିଆଯାଉଥିବା କହିଛନ୍ତି। କରୋନା ମହାମାରୀ ସମୟରେ ଲୋକେ ମାନସିକ ଚାପରେ ରହୁଛନ୍ତି। ତେବେ ମେଡିକାଲ କଲେଜ ହସ୍ପିଟାଲରେ ମାନସିକ ସ୍ୱାସ୍ଥ୍ୟ ୱିଙ୍ଗସ୍ ରହିଛି। ସେମାନେ ଟେଲି ମେଡିସିନ୍ ଜରିଆରେ ଲୋକଙ୍କୁ ପରାମର୍ଶ ଦେଉଛନ୍ତି ବୋଲି ଡା ସାହୁ ସୂଚନା ଦେଇଛନ୍ତି।

## ଦୁଇ ଯୁବକଙ୍କୁ ଆକ୍ରମଣ ଘଟଣା, ୪ଗିରଫ

**ବଲାଙ୍ଗୀର ଅଫିସ, ୧୦।୧୦**



ପୋଲିସ ଗିରଫ ଅଭିଯୁକ୍ତମାନଙ୍କୁ ଖବରଦାତା ସମ୍ମିଳନୀରେ ହାଜର କରିଛି।

ବଲାଙ୍ଗୀର ସହର କଂସାରୀପଡା ମୁଖ୍ୟ ରାସ୍ତାକଡରେ ଥିବା ବିଦେଶୀ ମଦଦୋକାନ ସମ୍ମୁଖରେ ଗତ ୪ ତାରିଖ ଅପରାହ୍ଣରେ ଦୁଇଜଣ ଯୁବକ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ଆହତ ତୁଷାରକାନ୍ତି ପାଢ଼ୀ ଓ ଗରିବ ପାଣ୍ଡେ ଏବେ ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଶନିବାର ୪ଜଣଙ୍କୁ ଗିରଫ କରିବା ସହ ଦୁଇଟି ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଲଗୋଦାମପଡାର ଜିତେନ୍ଦ୍ର ଓରଫ୍ ଜିତେନ୍ କୁମ୍ଭାର (୨୪), ନିରଜ ହରପାଲ (୧୯), ନିରାକାର ବାଗ (୨୧) ଓ ସୁରଜ ହରପାଲ (୨୨)। ଫେରାର ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ତଦନ୍ତକାରୀ ଟିମ୍ ଅଭିଯାନ ଚଳାଇଛି। ଟାଉନ ଥାନା ପରିସରରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ବଲାଙ୍ଗୀର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଓ ଟାଉନ୍ ଥାନା ଆଇଆଇସି ସଂଗ୍ରାମ କେଶରୀ ପଟ୍ଟନାୟକ। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୨ତାରିଖ ଦିନ ଗାନ୍ଧୀନଗରପଡାର ଟୁନା ଓରଫ ତୁଷାରକାନ୍ତ ପାଢ଼ୀ, ରାଜୀବନଗରର ଗରିବ ପାଣ୍ଡେ ଏବଂ ମାଲଗୋଦାମପଡାର ଜିତେନ୍ଦ୍ର, ନିରଜ, ନିରାକାର ଓ ସୁରଜଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଗୋଟିଏ ପକ୍ଷରୁ ୪ଜଣ ଯାକ ଆହତ ହୋଇଥିଲେ। ଏହା ପରଦିନ ଏହି ଗଣ୍ଡଗୋଳର ସମାଧାନ କରିବାକୁ ଟୁନା ମାଲଗୋଦାମପଡାର ଜିତେନ୍ଦ୍ର, ନିରଜ, ନିରାକାର ଓ ସୁରଜଙ୍କୁ ଡାକିଥିଲେ। ସେମାନେ ରାଜୀବନଗର ଯାଉଥିବାବେଳେ ମଦନଗୁଡିଆ ଛକ ନିକଟ ବିଦେଶୀ ମଦ ଦୋକାନ ସମ୍ମୁଖରେ ଟୁନା ପାଢ଼ୀ ଓ ଗରିବ ପାଣ୍ଡେ ଠିଆ ହୋଇଥିବା ଦେଖିଥିଲେ। ଏହାପରେ ସେହି ୪ଜଣ ଓ ତାଙ୍କ ସହ ଥିବା ଅନ୍ୟ କେତେକ ଯୁବକ ଟୁନା ଓ ଗରିବଙ୍କୁ ପଥର ଓ ଇଟା ମାଡ କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଏକ ଲୁହା ପାଇପରେ ଟୁନା ଓ ଗରିବଙ୍କୁ ମାଡ ମାରିବାରୁ ସେମାନେ ଗୁରୁତର ଆହତ ହୋଇ ସଂଜ୍ଞାହୀନ ହୋଇପଡିଥିଲେ। ଏହାପରେ ଆକ୍ରମଣକାରୀ ଆହତଙ୍କ ବାଇକ୍ ଧରି ସେଠାରୁ ଫେରାର ହୋଇଯାଇଥିଲେ। ପରେ ପିସିଆର ଟିମ୍ ସେଠାରେ ପହଞ୍ଚି ଆହତ ଟୁନା ଓ ଗରିବଙ୍କୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଉଭୟଙ୍କ ଅବସ୍ଥା ଗୁରୁତର ହେବାରୁ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଧନଞ୍ଜୟ ପାଣ୍ଡେଙ୍କ ଅଭିଯୋଗ ମୁତାବକ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୪୧୦/୨୦) ରୁଜୁ କରି ତଦନ୍ତ ଚଳାଇଥିଲା।

## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ବାଇକ ଆରୋହୀ ମୃତ

**ରିଆମାଳ, ୧୦।୧୦(ଡି.ଏନ.ଏ.):** ଦେବଗଡ ଜିଲା ରିଆମାଳ ଥାନା ତେଲିମୁଣ୍ଡା ଛକରେ ଶନିବାର ଟ୍ରାକ୍ଟର ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁନ୍ଦରଗଡ ଜିଲା କୁର୍ଲା ଗ୍ରାମର ସୁମନ୍ତ କୁମାର ଗଡତିଆ। ଦୁର୍ଘଟଣାରେ ଟ୍ରାକ୍ଟର ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତାଙ୍କ ପରିଚୟ ମିଳି ପାରିନାହିଁ। ସୁମନ୍ତ ବାଇକ(ନଂ.ଓଡି-୧୭-ଟି-୫୪୧୧) ଯୋଗେ ତେଲିମୁଣ୍ଡା ଛକଦେଇ ଯାଉଥିବା ବେଳେ ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବାକୁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବି କରି ରାସ୍ତାରୋକୋ କରିଥିଲେ।

### କ୍ଷତିପୂରଣ ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଲା

**ଦେବଗଡ଼, ୧୦।୧୦(ଡ଼ି.ଏନ୍.ଏ.):** ଦେବଗଡ ଜିଲା କୁଣ୍ଡେଇଗୋଲା ଥାନା ଅନ୍ତର୍ଗତ ମହାସିନ୍ଧୁ ଗ୍ରାମରେ ଶୁକ୍ରବାର ହାଇୱା ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆର୍ଥିକ ସହାୟତା ଦାବିରେ ଅଞ୍ଚଳବାସୀ ସିଆରମାଳିଆ କଲୋନୀ ନିକଟ ରାଞ୍ଚି-ବିଜୟୱାଡା ରାଜପଥରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଶ୍ରୀଦୁର୍ଗା କନଷ୍ଟ୍ରକ୍ସନର କେତେକ କର୍ମଚାରୀ ସେଠାକୁ ଆସି ମୃତାଙ୍କ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ପ୍ରତିଶ୍ରୁତି ଦେବ ପରେ ରାସ୍ତା ଅବରୋଧ ହଟିଥିଲା। ସୂଚନାଯୋଗ୍ୟ ଯେ, ଶୁକ୍ରବାର କୁଣ୍ଡେଇଗୋଲା ଥାନା ଫୁଲଝରୀ ଗ୍ରାମର ସଞ୍ଜୟ ପ୍ରଧାନ ସ୍ତ୍ରୀ ଲିପିକା (୨୫)ଓ ପୁଅ କ୍ରିଶ ପ୍ରଧାନ(୪)ଙ୍କୁ ନେଇ ଏକ ବାଇକରେ ରିଆମାଳ ଆସିଥିଲେ। ଦିନ ପ୍ରାୟ ୧ଟାରେ ଘରକୁ ଫେରୁଥିବା ବେଳେ ସମ୍ମୁଖ ପଟୁ ଆସୁଥିବା ଶ୍ରୀଦୁର୍ଗା କନଷ୍ଟ୍ରକ୍ସନରେ ନିୟୋଜିତ ହାଇୱା ଟ୍ରକ(ନଂ.୦୫-ଏଏଚ୍-୬୨୦୪)ସେମାନଙ୍କୁ ଧକ୍କା ଦେଇଥିଲା। ଚିକିତ୍ସା ନିମନ୍ତେ ସେମାନଙ୍କୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲିପିକାଙ୍କର ମୃତ୍ୟୁ ଘଟିଥିଲା।

### ବାଇକ ଧକ୍କାରେ ଯୁବକ ମୃତ

**ଡୁଙ୍ଗୁରିପାଲି, ୧୦।୧୦ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବରଗଡ-ବରିଗୁମା ଜାତୀୟ ରାଜପଥ ନଂ. ୨୬ର ଚେରୁପାଲି ମାହେଶ୍ୱରୀ ମନ୍ଦିର ନିକଟରେ ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚେରୁପାଲିର ରାମଚନ୍ଦ୍ର ପ୍ରଧାନ (୪୫)। ଆଗଲପୁର ଛକରେ ହୋଟେଲ କରିଥିବା ରାମଚନ୍ଦ୍ର ଶନିବାର ସକାଳେ ଶୌଚ ସାରି ଫେରୁଥିବା ବେଳେ ମାହେଶ୍ୱରୀ ମନ୍ଦିର ପାଖରେ ଲୋଇସିଂହା ପଟୁ ଆସୁଥିବା ଏକ ବାଇକ୍ (ନଂ.ଓଡି୦୩ଜି/୨୦୭୬) ତାଙ୍କୁ ଧକ୍କା ଦେଇଥିଲା। ଖବର ପାଇ ପରିବାର ତଥା ସ୍ଥାନୀୟ ଲୋକେ ରାମଚନ୍ଦ୍ରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଡୁଙ୍ଗୁରିପାଲି ହସ୍ପିଟାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ମୃତକଙ୍କ ପୁଅ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଡୁଙ୍ଗୁରିପାଲି ଥାନାରେ ଏକ ମାମଲା (ନଂ.୧୭୯/୨୦) ରୁଜୁ କରିବା ସହ ଗାଡିକୁ ଜବତ କରି ତଦନ୍ତ ଜାରି ରଖିଛି।

# ଭଙ୍ଗାଘରେ ଭୟରେ କଟୁଛି ଦିନ

**ଲୋଇସିଂହା,୧୦।୧୦(ଡି.ଏନ.ଏ.)**



ନିଜ ଭଙ୍ଗା ଘର ଆଗରେ ବୁଧ କରନ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅଧୀନ କଦଳୀପାଲି ଗାଁର ବୁଧ କରନ (୫୫)। ଗତ ଅଗଷ୍ଟ ମାସରେ ଲଗାଣ ବର୍ଷା ଯୋଗୁ ତାଙ୍କ ମାଟି ଘର କାନ୍ଥ ଭୁଶୁଡି ପଡିଛି। ଏ ନେଇ ସେ ସ୍ଥାନୀୟ ରାଜସ୍ୱ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ସୁଦ୍ଧା ତଦନ୍ତ ହୋଇନି। ଏଣୁ ସେ ତହସିଲରୁ ପଲିଥିନଟିଏ ମଧ୍ୟ ପାଇ ନାହାନ୍ତି। କଦଳୀପାଲି ହାତୀଙ୍କ ଆଡ୍ଡାସ୍ଥଳ ହୋଇଥିବାରୁ ଭୟରେ ଦିନ କାଟୁଥିବା ସେ କହିଛନ୍ତି।

ସ୍ୱାମୀ ଶ୍ରୀଧର କରନ ୭ ବର୍ଷ ହେଲା ଆରପାରିକୁ ଚାଲି ଗଲେଣି। ଏକମାତ୍ର ଝିଅର ବି ବିବାହ ସରିଛି। ବୁଧ ଏବେ ଏକୁଟିଆ। ଅଗଷ୍ଟ ୨୩ ତାରିଖ ଲଗାଣ ବର୍ଷାରେ ତାଙ୍କ ମାଟି ଘରର କାନ୍ଥ ଭୁଶୁଡି ପଡିଥିଲା। ଅଳ୍ପକେ ସେ ବର୍ତ୍ତି ଯାଇଥିଲେ। ସରକାରୀ ଯୋଜନାରୁ ଘର ଖଣ୍ଡିଏ ପାଇଁ ବ୍ଲକ୍ ଓ ରାଜସ୍ୱ ବିଭାଗକୁ ସେ ଲିଖିତ ଭାବେ ଜଣାଇଛନ୍ତି। ହେଲେ ତାଙ୍କ ଗୁହାରୀ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ଜଙ୍ଗଲ ମଧ୍ୟରେ କଦଳୀପାଲି ଗାଁ ଅବସ୍ଥିତ। ଏହି ସ୍ଥାନ ହାତୀଙ୍କ ଚରାଭୂଇଁ। ଏବେ ଧାନ ଅମଳ ସମୟ ହେଉଥିବାରୁ ହାତୀପଲ ଆସିବା ଆଶଙ୍କା ରହିଛି। ଏଣୁ ସେ ଭୟଭୀତ ହୋଇ ପଡିଛନ୍ତି। ସେହିପରି ବ୍ଲକର ଯୋଗୀସର୍ଡା ପଞ୍ଚାୟତର ଅଧୀନ କରନପାଲି ଗାଁର ଆଉ ଏକ ଅସହାୟ ଦମ୍ପତି ହେଲେ ହୁକୁଡ କରନ ଓ ସୁରୁବାଳି କରନ। ତାଙ୍କର ମଧ୍ୟ ଘରଟିଏ ନ ଥିବାରୁ ଘୁଷୁରାମୁଣ୍ଡା ରାସ୍ତାରେ ଥିବା ଚାଷଜମିରେ ଝୁମ୍ପୁଡି ଘର କରି ରହୁଛନ୍ତି। ସରକାରୀ ଯୋଜନାରେ ଘର ଖଣ୍ଡିଏ ପାଇଁ ପଞ୍ଚାୟତ ଅଫିସରେ ବହୁ ଥର ସେ ଆବେଦନ କରିଛନ୍ତି। ହେଲେ ଯୋଗ୍ୟ ବିବେଚିତ ହୋଇ ନ ଥିବା ଅଭିଯୋଗ କରିଛନ୍ତି। ଭାଗ୍ୟକୁ ଆଦରି ଖରାବର୍ଷା, ଶୀତରେ ଝୁମ୍ପୁଡି ଘରେ ଏହି ଦମ୍ପତି ଦିନ କାଟୁଥିବା କ୍ଷୋଭର ସହ କହିଛନ୍ତି।

## ୪ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର, ୧୦।୧୦(ବ୍ୟୁରୋ)**– ସମ୍ବଲପୁର ହୀରାକୁଦ ଡ୍ୟାମର ଜଳସ୍ତର ଶନିବାର ୬୨୯.୮୭ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୭୨ ହଜାର ୨୫୨ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ଡାହାଣପାର୍ଶ୍ୱର ୧ଟି ଓ ବାମପାର୍ଶ୍ୱର ୩ ସ୍ଲୁଇସ୍ ଗେଟ, ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୮୪ ହଜାର ୯୬୧ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି। ବେଲଗାଁରେ ୧୦ ହଜାର ୮୦୦, ପଥର୍ଲାରେ ୩୮ ହଜାର ୮୦୭, ଖଇରମାଳରେ ୧ ଲକ୍ଷ ୧୨ ହଜାର, ବରମୁଲାରେ ୧ ଲକ୍ଷ ୨୪ ହଜାର ୩୭୫, ମୁଣ୍ଡଳିରେ ୧ ଲକ୍ଷ ୪୯ ହଜାର ୪୨୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି।

# ୨ ଶିକ୍ଷକଙ୍କୁ ନିଲମ୍ବନ କଲେ ଡିଇଓ

**ବଲାଙ୍ଗୀର ଅଫିସ, ୧୦।୧୦**

- ଘରୋଇ ସ୍କୁଲ ପରିଚାଳନାରେ ଅନୁଦାନପ୍ରାପ୍ତ ହାଇସ୍କୁଲ ଶିକ୍ଷକଙ୍କ ସମ୍ପୃକ୍ତି
- ଛାତ୍ରଙ୍କୁ ଯୌନ ନିର୍ଯାତନା ଘଟଣାରେ ଚର୍ଚ୍ଚାରେ ରହିଛି ଉକ୍ତ ଘରୋଇ ସ୍କୁଲ

ବଲାଙ୍ଗୀର ଜିଲା ତୁଷରାସ୍ଥିତ ଏକ ଘରୋଇ ସ୍କୁଲରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରଙ୍କୁ ସେହି ସ୍କୁଲର ଜଣେ ଦଶମ ଶ୍ରେଣୀ ଛାତ୍ର ଅପ୍ରାକୃତିକ ଯୌନ ନିର୍ଯାତନା ଦେଇଥିବା ନେଇ ତୁଷରା ଥାନାରେ ଏକ ମାମଲା(ନଂ.୧୨୨/୨୦)ରୁଜୁ ହୋଇଥିଲା। ଘଟଣାର ତଦନ୍ତ ଚାଲିଥିବାବେଳେ ଏହି ସ୍କୁଲ ସହ ସମ୍ପୃକ୍ତି ଅଭିଯୋଗରେ ଶନିବାର ଜିଲା ଶିକ୍ଷା ଅଧିକାରୀ (ଡିଇଓ) ଧ୍ରୁବଚରଣ ବେହେରା ବଗଡାସ୍ଥିତ ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲର ଦୁଇଜଣ ଶିକ୍ଷକ ଅଶୋକ ପଧାନ ଓ ବଳଦେବ ସାହୁଙ୍କୁ ନିଲମ୍ବିତ କରିଛନ୍ତି। ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ଶିକ୍ଷକ ଥାଇ ଏହି ଦୁଇ ଶିକ୍ଷକ ତୁଷୁରାସ୍ଥିତ ଉକ୍ତ ଘରୋଇ ସ୍କୁଲ ପରିଚାଳନାରେ ସମ୍ପୃକ୍ତ ଥିବା ଜଣାପଡିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଡିଇଓ ସୂଚନା ଦେଇଛନ୍ତି। ଏହି ଘରୋଇ ସ୍କୁଲରେ ଛାତ୍ରଙ୍କ ଯୌନ ନିର୍ଯାତନାକୁ ନେଇ ତଦନ୍ତ ଆରମ୍ଭ ହେବା ପରେ ଅନେକ ଘଟଣା ଜଣାପଡିଛି। ଘରୋଇ ସ୍କୁଲ କର୍ତ୍ତୃପକ୍ଷ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ନବମ ଓ ଦଶମ ଶ୍ରେଣୀ ଖୋଲିବା ପାଇଁ ବିଧିବଦ୍ଧ ଅନୁମତି (ସାର୍ଟିଫିକେଟ୍ ଅଫ୍ ରେକଗ୍ନିସନ୍) ନେଇ ନ ଥିଲେ ବୋଲି ଡିଇଓ ବେହେରା ସୂଚନା ଦେଇଛନ୍ତି। ଏ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଦିଆଯାଇଛି। ଛାତ୍ରଙ୍କୁ ଯୌନ ନିର୍ଯାତନା ଘଟଣାର ତଦନ୍ତ ଚାଲିଥିବାବେଳେ ଏବେ ଏହି ସ୍କୁଲ ପରିଚାଳନାରେ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ ଶିକ୍ଷକଙ୍କ ସମ୍ପୃକ୍ତି ଓ ନିଲମ୍ବନ ଚର୍ଚ୍ଚାର ବିଷୟ ହୋଇଛି।

# ଡକାୟତି ଯୋଜନା ପଣ୍ଡ, ୭ ଗିରଫ



ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ହାଜର କରିଛି।

**ବରଗଡ଼ ଅଫିସ/ଅତାବିରା/ସରଣ୍ଡା,୧୦।୧୦**

ବରଗଡ଼ ଜିଲା ଅତାବିରା ଥାନା ଚକୁଳି ଫାର୍ମ ନିକଟ ୫୩ ନମ୍ବର ଜାତୀୟ ରାଜପଥରେ ଶୁକ୍ରବାର ରାତିରେ ଚାଲିଥିବା ଡକାୟତି ଯୋଜନା ପଣ୍ଡ ହୋଇଛି। ପୋଲିସ ଡକାୟତି ଗ୍ୟାଙ୍ଗର ୭ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅତାବିରା ରେଳଷ୍ଟେଶନ ପଡ଼ାର ମୋତି ଓରଫ ସରୋଜ ସାହାଣୀ, ଅତାବିରା ଆରଏମସି ପଡ଼ାର ଅଶୋକ ନାଏକ, କଟକିଆପଡ଼ାର ବବଲୁ ଓରଫ ଜିତେନ୍ଦ୍ର ସାହୁ, ଏମଡ଼ି ଆଜାଦ, ଡେଭିଡ୍ ଓରଫ କ୍ରିଷ୍ଣା ମଲ୍ଲିକ, ଭୋଇପୁରାର ରୋଶନ ତ୍ରିପାଠୀ ଏବଂ ବରେଇପାଲିର ମୂଳ ବାସିନ୍ଦା ତଥା ଅତାବିରାରେ ରହୁଥିବା ସୁଜିତ ସାହାଣୀ। ସେମାନଙ୍କ ପାଖରୁ ଗୁଳିଭର୍ତ୍ତି ଏକ ପିସ୍ତଲ, ଛୁରୀ, ଭୁଜାଲି, ଲାଠି, ଏକ କାର୍ ଏବଂ ବାଇକ୍ ଜବତ ହୋଇଛି। ଅତାବିରା ଥାନାରେ ଏକ ମାମଲା ରୁଜୁ ହୋଇଛି। ଏସ୍‌ଡିପିଓ ଦୀପକ କୁମାର ଗୋଚ୍ଛାୟତ କହିଛନ୍ତି, ଅଭିଯୁକ୍ତମାନେ ଚକୁଳି ଫାର୍ମ ନିକଟ ରାଜପଥରେ ଯାଉଥିବା ଏବଂ ଅଟକି ରହିଥିବା ଗାଡ଼ିରୁ ଡକାୟତି ପାଇଁ ଯୋଜନା କରୁଥିଲେ। ଆଇଆଇସି ପୁରୁଷୋତ୍ତମ ଭୋଇଙ୍କ ତତ୍ତ୍ୱାବଧାନରେ ପୋଲିସ ଟିମ୍ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲା।


**Government College (Auto), Angul**
www.gaca.nic.in

**ADMISSION NOTICE: 2020-21**

Applications in prescribed form are invited for admission into the following Self-financing Courses (PPP) offered under Utkal University for the academic session **2020-21**.

| Course | Eligibility |
|---|---|
| 5 Yr. I - MBA | +2 or Eqv. with 40% in aggregate |
| 2 Yr. MBA (Lateral Entry) | +3 or Equivalent with 40% in aggregate |
| 2 Year M. Com. (Finance & Control) | |

**Scholarship: Available for eligible SC, ST, OBC & Minority Category.**

The application form can be obtained from the College on all working days on payment of Rs.100/- and the last date for sale and receipt of form is 13.11.2020.

**PRINCIPAL**

Phone: 06764-237370
I-MBA: 9853590609, MBA (LE): 9439494248, M.Com (F&C): 9040717438



**ଭାରତୀୟ ରିଜର୍ଭ ବ୍ୟାଙ୍କ**
www.rbi.org.in

**ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ନିୟନ୍ତ୍ରିତ ହେଉଥିବା କୌଣସି ସଂସ୍ଥା କିମ୍ବା ନିଜର ବିଭାଗ ବିରୁଦ୍ଧରେ ଅଭିଯୋଗର ନିରାକରଣ**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦେଶସାରା ନିଜର କାର୍ଯ୍ୟାଳୟରେ ଅଭିଯୋଗର ନିରାକରଣ ପାଇଁ ବିଭିନ୍ନ ମାଧ୍ୟମ ସ୍ଥାପନ କରିଅଛି।

ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ଯଥା: ବାଣିଜ୍ୟିକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ, ସମବାୟ ବ୍ୟାଙ୍କ କିମ୍ବା ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ (ଭାରତୀୟ ରିଜର୍ଭ ବ୍ୟାଙ୍କ ଆଇନ ୧୯୩୪ର ଧାରା ୪୫-IA ଅନୁଯାୟୀ ପଞ୍ଜୀକୃତ) ଅଣବ୍ୟାଙ୍କିଙ୍ଗ୍ ସଂସ୍ଥାମାନଙ୍କର ଡ଼ିଜିଟାଲ୍ ନେଣ ଦେଣ (ପେମେଣ୍ଟ ସେଟଲମେଣ୍ଟ ଆଇନ ୨୦୦୭ ଅଧୀନସ୍ତ) ଜମା ବୀମା ଓ ଋଣ ନିକ୍ଷେପ ନିଗମ କିମ୍ବା ନିଜର କୌଣସି ବିଭାଗ ବିରୁଦ୍ଧରେ ଯଦି କୌଣସି ବ୍ୟକ୍ତିଙ୍କର ସେବା ଅବହେଳା ଜନିତ ଅଭିଯୋଗ ଥାଏ ତେବେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କର ଓଡ଼ିଶା କ୍ଷେତ୍ର ପାଇଁ ନିମ୍ନଲିଖିତ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ତାଙ୍କ ଅଭିଯୋଗ ପୂର୍ଣ୍ଣ ବିବରଣୀ ଏବଂ ସମର୍ଥିତ କାଗଜପତ୍ର ସହିତ ଦାଖଲ କରିପାରିବେ।

**୧. ବ୍ୟାଙ୍କ ଲୋକପାଳ, ଯୋଜନା 2006 (BO Scheme, 2006)**

ବ୍ୟାଙ୍କ ଲୋକପାଳ ଯୋଜନା, 2006 ରେ ଧାରା ୮ ନିର୍ଦ୍ଦିଷ୍ଟ ଅଭିଯୋଗର ନିରାକରଣ।

ଜଣେ ଅଭିଯୋଗକାରୀ ଅନ୍‌ଲାଇନ କମ୍ପ୍ଲେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ୍ (CMS) ମାଧ୍ୟମରେ https://www.rbi.org.in>>lodge complaintରେ ଯାଇ ଅଭିଯୋଗ ଦାଖଲ କରିପାରିବେ। ସଂପୂର୍ଣ୍ଣ ତଥ୍ୟ ଏବଂ ସମର୍ଥିତ କାଗଜ ପତ୍ର ସହିତ ଅଭିଯୋଗକୁ ନିମ୍ନଲିଖିତ ଠିକଣାରେ ଡ଼ାକ ଦ୍ୱାରା /କାହା ହାତରେ/e-mail ମାଧ୍ୟମରେ ମଧ୍ୟ ଦାଖଲ କରାଯାଇ ପାରିବ। **ବ୍ୟାଙ୍କିଙ୍ଗ୍ ଲୋକପାଳଙ୍କ କାର୍ଯ୍ୟାଳୟ,** ମାର୍ଫତ୍-ଭାରତୀୟ ରିଜର୍ଭ ବ୍ୟାଙ୍କ (ତୃତୀୟ ମହଲା), ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧, ଟେଲିଫୋନ-୦୬୭୪-୨୩୯୬୨୦୭/୨୩୯୬୦୦୮, ଇ-ମେଲ୍-cms.bobhubaneswar@rbi.org.in, କାର୍ଯ୍ୟାଳୟ ସମୟ: ପୂର୍ବାହ୍ନ - ୯:୩୫ ଠାରୁ ଅପରାହ୍ନ - ୫:୨୦।

**୨. ଡ଼ିଜିଟାଲ୍ ନେଣଦେଣ ପାଇଁ ଲୋକପାଳ ଯୋଜନା (OSDT 2019)**

ପେମେଣ୍ଟ ସେଟଲମେଣ୍ଟ ଅଧିନୀୟମ, ୨୦୦୭ରେ ସୂଚୀତ ପଦ୍ଧତି ଭାଗୀଦାରୀ ଦ୍ୱାରା ପେମେଣ୍ଟ ନେଣ ଦେଣ ସେବାରେ ଅବହେଳା ଜନିତ ଅଭିଯୋଗର ନିରାକରଣ ପାଇଁ ସମ୍ପୂର୍ଣ୍ଣ ତଥ୍ୟ ଏବଂ ସମର୍ଥିତ କାଗଜ ପତ୍ର ସହିତ ଅଭିଯୋଗକୁ ନିମ୍ନଲିଖିତ ଠିକଣାରେ ଡ଼ାକ ଦ୍ୱାରା/କାହା ହାତରେ କିମ୍ବା e-mail ମାଧ୍ୟମରେ ମଧ୍ୟ ଦାଖଲ କରିପାରିବେ।

**ଲୋକପାଳ, ଡ଼ିଜିଟାଲ୍ ନେଣଦେଣ (ଭୁବନେଶ୍ୱର)**

ମାର୍ଫତ-ଭାରତୀୟ ରିଜର୍ଭ ବ୍ୟାଙ୍କ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଟେଲିଫୋନ୍ ନମ୍ବର-୦୬୭୪-୨୩୯୬୨୦୭/୨୩୯୬୦୦୮, ଇ-ମେଲ୍-cms.odtbhubaneswar@rbi.org.in, କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ-୯.୩୫ ଅପରାହ୍ନ-୫.୨୦

**୩. ଲୋକପାଳ ଯୋଜନା-ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ (NBFC-O Scheme), 2018**

ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ ଲୋକପାଳ ଯୋଜନା ୨୦୧୮ର ଧାରା ୮ ଅନ୍ତର୍ଗତ (ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ) ବିରୁଦ୍ଧରେ ଅଭିଯୋଗର ନିରାକରଣ ପାଇଁ ସଂପୂର୍ଣ୍ଣ ତଥ୍ୟ ଏବଂ ସମର୍ଥିତ କାଗଜ ପତ୍ର ସହିତ ଅଭିଯୋଗକୁ ନିମ୍ନଲିଖିତ ଠିକଣାରେ ଡ଼ାକ ଦ୍ୱାରା/କାହା ହାତରେ/e-mail ମାଧ୍ୟମରେ ଦାଖଲ କରାଯାଇ ପାରିବ।

**ଲୋକପାଳ-ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ପୂର୍ବ କ୍ଷେତ୍ର East Zone)**

ମାର୍ଫତ-ଭାରତୀୟ ରିଜର୍ଭ ବ୍ୟାଙ୍କ, ୧୫, ନେତାଜୀ ସୁବାଷ ରୋଡ୍, କୋଲକତା-୭୦୦୦୦୧, ଟେଲିଫୋନ ନମ୍ବର-୦୩୩-୨୩୩୦୪୯୮୨, ଫାକ୍ସ ନମ୍ବର-୦୩୩-୨୨୩୦୫୮୯୯, ଇ-ମେଲ୍-cms.nbfcokolkata@rbi.org.in, କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ-୯.୩୦ ଅପରାହ୍ନ-୫.୩୦

ଅଧିକ ସୂଚନା ପାଇଁ, ଦୟାପୂର୍ବକ ୱେବସାଇଟ୍ https://www.rbi.org.in>>lodge complaint ଦେଖନ୍ତୁ।

**ଟିପ୍ପଣୀ :** ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ କିମ୍ବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କଂପାନୀ ଲୋକପାଳ ଯୋଜନା, ୨୦୧୮ କିମ୍ବା ଡ଼ିଜିଟାଲ ନେଣ-ଦେଣ ଲୋକପାଳ ଯୋଜନା, ୨୦୧୯ ଅନ୍ତର୍ଗତ ଅଭିଯୋଗ ଦାଖଲ କରିବା ପାଇଁ ଅଭିଯୋଗକାରୀ ଦୟାପୂର୍ବକ ଧ୍ୟାନ ଦିଅନ୍ତୁ ଯେ ନିଜ ଅଭିଯୋଗର ନିରାକରଣ ପାଇଁ ପ୍ରଥମେ ବ୍ୟାଙ୍କ ଶାଖା / ରିଜର୍ଭ ବ୍ୟାଙ୍କରେ ପଞ୍ଜିକୃତ ହୋଇ ଜମା ଗ୍ରହଣ କରୁଥିବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ/ପଦ୍ଧତି ଅଂଶ ଗ୍ରହଣକାରୀଙ୍କ ସହ ସଂପର୍କ ସ୍ଥାପନ କରନ୍ତୁ। ଯଦି ସମ୍ବନ୍ଧିତ ବ୍ୟାଙ୍କ / ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ/ପଦ୍ଧତି ସହଭାଗୀ ଲୋକପାଳ ଯୋଜନା ଧାରା ୮ ଅନ୍ତର୍ଗତ ସେବା ଅବହେଳା ସଂପର୍କିତ ଅଭିଯୋଗର ନିରାକରଣ ୩୦ ଦିନ ଭିତରେ ନ'କରନ୍ତି କିମ୍ବା ଅଭିଯୋଗକାରୀ, ତାଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେ ତା'ପରେ ଉତ୍ତର ପ୍ରାପ୍ତିର ଏକ ବର୍ଷ ମଧ୍ୟରେ କିମ୍ବା ଉତ୍ତର ପ୍ରାପ୍ତି ନ' ହୋଇଥିଲେ ଅଭିଯୋଗ ଦେଇଥିବା ତାରିଖ ଠାରୁ ଏକ ବର୍ଷ ଏକ ମାସ ମଧ୍ୟରେ ସଂପୃକ୍ତ ଲୋକପାଳଙ୍କୁ ଅଭିଯୋଗ କରିପାରିବେ।

**ଲୋକପାଳଙ୍କ ନିଷ୍ପତ୍ତିର ପୁନର୍ବିଚାର**

ବ୍ୟାଙ୍କ/ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ/ଡ଼ିଜିଟାଲ୍ ନେଣଦେଣ ଲୋକପାଳଙ୍କ ନିଷ୍ପତ୍ତି ପୁନର୍ବିଚାର ପାଇଁ ଆବେଦନ କରାଯାଇପାରିବ ଯଦି ଅଭିଯୋଗଟି ଏହି ଯୋଜନାରେ ସୂଚୀତ ପୁନର୍ବିଚାର ଯୋଗ୍ୟ ଅଭିଯୋଗ ହୋଇଥିବ। ଏହି ପୁନର୍ବିଚାର ଆବେଦନ ବ୍ୟାଙ୍କିଙ୍ଗ୍ ଲୋକପାଳଙ୍କ ନିଷ୍ପତ୍ତି ସୂଚନା ପ୍ରାପ୍ତିର ୩୦ ଦିନ ମଧ୍ୟରେ ପୁନର୍ବିଚାର ଅଧିକାରୀ, **ଭାରତୀୟ ରିଜର୍ଭ ବ୍ୟାଙ୍କ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା ବିଭାଗ, କେନ୍ଦ୍ରୀୟ କାର୍ଯ୍ୟାଳୟ, ଅମର ବିଲ୍ଡିଂ ସାର୍ ପି ଏମ ରୋଡ୍, ପୋଷ୍ଟ ମୁମ୍ବାଇ-୪୦୦୦୦୧**ରେ ଦାଖଲ କରାଯାଇପାରିବ।

**୪. ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ (CEPC) (ଲୋକପାଳ ଯୋଜନା ବହିର୍ଭୂତ ଅଭିଯୋଗଗୁଡ଼ିକର ସମାଧାନ ନିମନ୍ତେ)**

ମାର୍ଫତ୍-ଭାରତୀୟ ରିଜର୍ଭ ବ୍ୟାଙ୍କ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ-୭୫୧୦୦୧ ଭୁବନେଶ୍ୱର, ଟେଲିଫୋନ ନମ୍ବର-୦୬୭୪-୨୩୯୦୦୭୪, ଇ-ମେଲ୍-cms.cepcbhubaneswar@rbi.org.in, କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ-୯.୩୫ ଅପରାହ୍ନ-୫.୨୦, ଅଧିକ ସୂଚନା ପାଇଁ ଦୟାପୂର୍ବକ https://www.rbi.org.in>>lodge complaint ନାମକ ୱେବସାଇଟ୍ ଦେଖନ୍ତୁ।

**୫. ଜମାବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗ**

ସାଧାରଣବ୍ୟକ୍ତି ଜମାବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗକୁ ନିମ୍ନୋକ୍ତ ଠିକଣା/ଇ-ମେଲ୍ ମାଧ୍ୟମରେ ଦାଖଲ କରିପାରିବେ।

**ଜମାବୀମା ଓ ଋଣ ନିକ୍ଷେପ ନିଗମ (DICGC)**

ଉପ ମହାପ୍ରବନ୍ଧକ, ଜମାବୀମା ଓ ଋଣ ନିକ୍ଷେପ ନିଗମ, ଅଭିଯୋଗ ନିରାକରଣ କକ୍ଷ, ଭାରତୀୟ ରିଜର୍ଭ ବ୍ୟାଙ୍କ ଭବନ, ୨ୟ ମହଲା, ମୁମ୍ବାଇ ସେଣ୍ଟ୍ରାଲ୍ ରେଲୱେ ଷ୍ଟେସନ ସମ୍ମୁଖ, ମୁମ୍ବାଇ-୪୦୦୦୦୮, ଅଭିଯୋଗକାରୀ ମଧ୍ୟ ଟେଲିଫୋନ୍ ନମ୍ବର-୦୨୨-୨୩୦୧୯୬୩୩ କିମ୍ବା ଇ-ମେଲ୍ dicgc@rbi.org.in ମାଧ୍ୟମରେ ଯୋଗାଯୋଗ କରିପାରିବେ।

**ଟିପ୍ପଣୀ : ଅଭିଯୋଗକାରୀଙ୍କ ନିଜର ଠିକଣା ଏବଂ ଫୋନ୍ ନମ୍ବର/ମୋବାଇଲ୍ ନମ୍ବର ଅଭିଯୋଗରେ ଦର୍ଶାଇବା ପାଇଁ ଅନୁରୋଧ।**

ଧରିତ୍ରୀ
DHARITRI
ରବିବାର, ୧୧ ଅକ୍ଟୋବର, ୨୦୨୦

ଯାହାସବୁ ତୁମକୁ ଅଶୁଦ୍ଧତା, ଅପୂର୍ଣ୍ଣତା, ମାନସିକ ଉଦ୍‌ବେଗ, ପ୍ରାଣିକ କାମନା ଓ ପ୍ରବେଗ ତଥା ଶାରୀରିକ ରୋଗକୁ ଦୀର୍ଘସ୍ଥାୟୀ କରିବାକୁ ବା ଦୃଢ଼କରି ଧରି ରଖିବାକୁ ପରାମର୍ଶ ଦିଏ ସେ ସବୁ ସମ୍ପର୍କରେ ତୁମେ ସାବଧାନ ରୁହ। ଏଇସବୁ ଜିନିଷକୁ ଚତୁରତାର ସହ ସମର୍ଥନ କରିବା ଓ ଆଢୁଆଳରେ ଡାକିଁ ରଖିବା ବିରୋଧୀ ଶକ୍ତିର ସାଧାରଣ କୌଶଳ। -ଶ୍ରୀଅରବିନ୍ଦ



# ସମସ୍ୟାକୁ ଅଣଦେଖା



ଆକାର ପଟେଲ

ମୋର ସମସ୍ୟା ରହିଛି ବୋଲି ଯଦି ମୁଁ ସ୍ୱୀକାର ନ କରେ ତେବେ ତାହାକୁ କସ୍ମିନକାଳେ ସମାଧାନ କରିପାରିବିନି। ଯଦି ସମସ୍ୟା ସାମାନ୍ୟ ହୋଇଥାଏ ତାହାର ପରିଣାମ କମ୍ ରହିବ ଏବଂ ଏକ ନିର୍ଦ୍ଦିଷ୍ଟ ସୀମା ପରେ ମୋତେ ତାହା ପ୍ରଭାବିତ କରିପାରିବ ନାହିଁ। ଏହା ଦୁଃଖଦାୟକ ହେଲେ ବି ମୁଁ ଲଗାତର ଏହାକୁ ଅଣଦେଖା କରିପାରିବି। ହେଲେ ମୋ ସହ ମୋ ଚାରିପାଖରେ ଥିବା ଲୋକଙ୍କୁ ଯଦି ଏକ ଜଟିଳ ସମସ୍ୟା ପ୍ରଭାବିତ କରୁଥାଏ ତେବେ ତାହାକୁ ଅଣଦେଖା କରିବା ପଛରେ ମୋ ନିକଟରେ ଠୋସ୍ କାରଣ ଥିବା ଦରକାର। ଗତ ୫ ବର୍ଷରେ ଭାରତରେ କାର୍ ବିକ୍ରି ବୃଦ୍ଧି ହୋଇନାହିଁ। ୨୦୧୫-୨୦୧୬ରେ ଭାରତୀୟମାନେ ୨୭ ଲକ୍ଷ ୟୁନିଟ କାର କିଣିଥିଲେ। ୨୦୧୯-୨୦ରେ ଏହି ସଂଖ୍ୟା ମଧ୍ୟ ଥିଲା ୨୭ ଲକ୍ଷ ୟୁନିଟ। ଏଥିରୁ ବୁଝାପଡୁଛି, ଭାରତରେ ମଧ୍ୟବିତ୍ତ ଶ୍ରେଣୀଙ୍କ ଆର୍ଥିକ ବିକାଶ ହୋଇଥିବା ମାନ୍ଦାବସ୍ଥା ଏକ ସମସ୍ୟା ନୁହେଁ। କାରଣ ଯୁବପିଢ଼ି ଉବର ଏବଂ ଓଲାରେ ଯିବାକୁ ପସନ୍ଦ କରୁଛନ୍ତି। ଦେଖିବାକୁ ଗଲେ ଯୁକ୍ତରାଷ୍ଟ୍ର ଆମେରିକାରେ ଗତ ବର୍ଷ ୨ କୋଟି କାର ବିକ୍ରି ହୋଇଥିଲା। ଏଥିରୁ ଜଣାପଡୁଛି ଉବର ଏବଂ ଓଲା ଅନ୍ୟ କୌଣସି ଦେଶରେ କାର ବିକ୍ରି ଉପରେ ପ୍ରଭାବ ପକାଇ ନାହାନ୍ତି।

ଗତ ୪ ବର୍ଷ ମଧ୍ୟରେ ଭାରତରେ ୨ ଚକିଆ ଯାନ ବିକ୍ରି ବଢ଼ିନାହିଁ। ୨୦୧୬-୧୭ରେ ୧.୭ କୋଟି ୟୁନିଟ୍ ବିକ୍ରି ହୋଇଥିଲା ବେଳେ ୨୦୧୯-୨୦ରେ ଏହି ସଂଖ୍ୟା ଥିଲା ୧.୭ କୋଟି ୟୁନିଟ୍। ଦୁଇ ଚକିଆ ଯାନ ହେଉଛି ନିମ୍ନ ମଧ୍ୟବିତ୍ତଙ୍କ ଯାନ । ଏଣୁ ଏଥିରୁ ଜଣାପଡୁଛି ଗତ ୪ ବର୍ଷ ମଧ୍ୟରେ ନିମ୍ନ ମଧ୍ୟବିତ୍ତଙ୍କ ବିକାଶ ହୋଇନି କି ସେମାନଙ୍କ ବ୍ୟୟ ବୃଦ୍ଧି ପାଇନି। ସରକାରଙ୍କର ଏହା ପଛରେ କ'ଣ ଯୁକ୍ତି ରହିଛି ତାହା ଆମକୁ ଜଣାପଡୁନି, କାରଣ ସରକାର ଏମାନଙ୍କର ବିକାଶ ହୋଇନଥିବା ଯୁକ୍ତିକୁ ଗ୍ରହଣ କରିନାହାନ୍ତି। ବ୍ୟବସାୟିକ ଯାନ କ୍ଷେତ୍ରରେ ବି ଗତ ୪ ବର୍ଷ ମଧ୍ୟରେ କୌଣସି ଅଭିବୃଦ୍ଧି ଘଟିନାହିଁ। ୨୦୧୬-୧୭ରେ ୭ ଲକ୍ଷ ୟୁନିଟ ବିକ୍ରି ହୋଇଥିଲା ବେଳେ ସମାନ ସଂଖ୍ୟକ ୟୁନିଟ ୨୦୧୯-୨୦ରେ ବିକ୍ରି ହୋଇଛି। ଟ୍ରକ ଭଳି ମ୍ୟାନୁଫାକଚର୍ସ କିମ୍ବା ମାର୍କେଟକୁ ଉତ୍ପାଦ ପରିବହନ କରୁଥିବା ଯାନଗୁଡ଼ିକ ଏଥିରେ ରହିଛନ୍ତି। ବ୍ୟବସାୟିକ ଯାନ ମାର୍କେଟରେ ୪ ବର୍ଷରେ କୌଣସି ଅଭିବୃଦ୍ଧି ନ ହେବାର ବାସ୍ତବିକ ଚିନ୍ତାର ବିଷୟ। ରିୟଲ ଇଷ୍ଟେଟ୍ କଥା ଦେଖିବା। ଗତ ୪ ବର୍ଷରେ ତାହାର ମଧ୍ୟ ଅଭିବୃଦ୍ଧି ହୋଇନାହିଁ। ୨୦୧୬ରେ ଭାରତୀୟମାନେ ରିୟଲ ଇଷ୍ଟେଟର ୨ ଲକ୍ଷ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି କିଣିଥିଲେ। ୨୦୧୯ରେ ସେମାନେ ମଧ୍ୟ ୨ ଲକ୍ଷ କୋଟି ମୂଲ୍ୟର ସମ୍ପତ୍ତି କିଣିଛନ୍ତି। ଗତ ୬ ବର୍ଷ ମଧ୍ୟରେ ଭାରତର ରପ୍ତାନି ମଧ୍ୟ ବୃଦ୍ଧି ହୋଇନାହିଁ। ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥିବାବେଳେ ଯେତିକି ରପ୍ତାନି କରାଯାଉଥିଲା ଏବେ ସେତିକି ହେଉଛି। ଉପା ସରକାର କ୍ଷମତାରୁ ଯିବାବେଳକୁ ବର୍ଷକୁ ପ୍ରାୟ ୩୦୦ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି ହେଉଥିଲା। ଦେଶ ୨୦୧୯-୨୦ରେ ପ୍ରାୟ ସମାନ ମୂଲ୍ୟର ରପ୍ତାନି କରିଥିଲା। ସରକାର ଏ ସମ୍ପର୍କରେ କିଛି କହୁ ନ ଥିବାରୁ କାହିଁକି ଏମିତି ଘଟିଛି ତାହା ସ୍ପଷ୍ଟହେଉନି। ଆମଦାନୀ କମିଛି ଓ ରପ୍ତାନି କ୍ଷେତ୍ରରେ ଏଭଳି ଅବସ୍ଥା ଉପୁଜିଥିଲେ ବି ସରକାର ଏହାକୁ ଏକ ସଫଳତା କହି ଖୁସି ହେଉଛନ୍ତି।

ଗତ ୪ ବର୍ଷରେ ଦେଶରେ ରୋଜଗାର ବଢ଼ିନି, ବରଂ ତଳକୁ ଖସିଯାଇଛି। ୨୦୧୮ରେ ଏହା ୬ % ଉପରେ ରହିବ ବୋଲି ସରକାର ଏକ ରିପୋର୍ଟରେ ଦର୍ଶାଇଥିଲେ। ଏହା ଭାରତ ଇତିହାସରେ ସବୁଠୁ ଅଧିକ ଥିଲା। ତେବେ ଭାରତୀୟମାନେ କାହିଁକି ରୋଜଗାର ହରାଉଛନ୍ତି ତାହା ମଧ୍ୟ ଆମେ ଜାଣିପାରୁନୁ। ସରକାର ଏହି ସମସ୍ୟାକୁ ଅସ୍ୱୀକାର କରି କହିଲେ ପକୁଡ଼ି ବିକାଳି ଏମ୍ଂ ଉବର ଡ୍ରାଇଭରମାନେ ପାରମ୍ପରିକ ରୋଜଗାରର ଜାଗା ନେଇଛନ୍ତି। କୋଭିଡ୍-୧୯ ମହାମାରୀରେ ଭାରତର ଅର୍ଥବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହୋଇଛି ଓ ଏମିତି ଆଗକୁ ଜାରି ରହିବ। ଚଳିତ ବର୍ଷ ଜାନୁୟାରୀରେ ଆମ ଜିଡିପି ଫିଗର ଯାହା ଥିଲା ତାହା ଆମେ ଆଗାମୀ ୩ ବର୍ଷରେ ହାସଲ କରିବାର ସମ୍ଭାବନା ନାହିଁ। ଅର୍ଥାତ୍ ମୋଦିଙ୍କ ଦ୍ୱିତୀୟ ପାଳି ଶେଷ ସୁଦ୍ଧା ଆମେ ଚଳିତ ବର୍ଷ ଜାନୁୟାରୀର ଅର୍ଥବ୍ୟବସ୍ଥା ଯାହାଥିଲା ସେଥିରେ ହିଁ ରହିବୁ। ସମସ୍ୟା ହେଉଛି ଆମେ ଜାନୁୟାରୀରେ ଯେଉଁ ଅର୍ଥବ୍ୟବସ୍ଥା ମଧ୍ୟରେ ରହିଥିଲୁ ତାହା ଭଲ ନ ଥିଲା। ଉପରେ ଯେଉଁ ସବୁ ତଥ୍ୟ ଉଲ୍ଲେଖ କରାଯାଇଛି ତାହା ସବୁ କୋଭିଡ୍ ପୂର୍ବର। କୋଭିଡ୍ ପୂର୍ବରୁ ମାନ୍ଦା ଅର୍ଥବ୍ୟବସ୍ଥା ଜାରି ରହିଛି ଏବଂ ଏବକାର ସଙ୍କଟ ସମୟରେ ଏଥିରେ କିଛି କରିହେବ ନାହିଁ। ଯେତେବେଳେ ଆମେ ଅର୍ଥବ୍ୟବସ୍ଥା ସହ ଜଡ଼ିତ କୋଭିଡ୍ ସମ୍ପର୍କିତ ସମସ୍ୟାକୁ ଦୂର କରିବାକୁ ସକ୍ଷମ ହେବୁ ସେତେବେଳେ ହିଁ ପୂର୍ବାବସ୍ଥାକୁ ଫେରିପାରିବୁ।

ଭାରତର ଜିଡିପି ଅଭିବୃଦ୍ଧି କୋଭିଡ୍ ପୂର୍ବରୁ ୧୦ ଟି ତ୍ରୈମାସିକର ପ୍ରତ୍ୟେକଟିରେ ହ୍ରାସ ପାଇଥିଲା। କାହିଁକି ଏମିତି ଘଟିଥିଲା । ଏହା ପଛରେ ଏକ କିମ୍ବା ଏକାଧିକ କାରଣ ଥାଇପାରେ। କିନ୍ତୁ ଏହାକୁ ଯଦି ଏକ ସମସ୍ୟା ବୋଲି ଆମେ ସ୍ୱୀକାର ନ କରିବା ତେବେ କେବେ ବି ସମାଧାନ କରିପାରିବାନାହିଁ। ସମାଧାନ ଲାଗି ଉପଯୁକ୍ତ ପଦକ୍ଷେପର ଆବଶ୍ୟକତା ରହିଛି ବୋଲି ଯଦି ହୃଦବୋଧ କରିବ ତେବେ ତୁମେ ସମସ୍ୟା ସମ୍ପର୍କରେ ଚିନ୍ତା କରିବ, ଆଲୋଚନା କରିବ ଓ ଠିକ୍ ସମୟରେ ପଦକ୍ଷେପ ନେଇପାରିବ। କିଛି ଘଟିନାହିଁ ବୋଲି କହି ଚାଲିଲେ ଗୁରୁତର ସମସ୍ୟା ଆପଣାଛାଏ ଚାଲିଯିବନି। ବିଶ୍ୱ ଅର୍ଥନୀତିରେ ଭାରତ ଏକ ଭଲ ସ୍ଥାନରେ ରହିଥିଲା ଏବଂ ଏହା ଦ୍ରୁତ ଗତିରେ ବୃଦ୍ଧି ପାଉଥିଲା ବୋଲି ପୂର୍ବରୁ କହୁଥିଲା ବେଳେ ଏବେ ଅର୍ଥବ୍ୟବସ୍ଥା ସମ୍ପର୍କରେ କିଛି କହୁ ନାହାନ୍ତି ସରକାର। ସମସ୍ୟା ଖୁବ୍ ଗମ୍ଭୀର। ଏହା କେବଳ ପ୍ରଧାନମନ୍ତ୍ରୀଙ୍କୁ ନୁହେଁ ବରଂ କୋଟି କୋଟି ଭାରତୀୟଙ୍କୁ ପ୍ରଭାବିତ କରିଛି।

Email:aakar.patel@gmail.com

# ମନର ମାନଚିତ୍ର ଓ ଜାତିର ଚେତନା



ଉପେନ୍ଦ୍ର ବିଶ୍ୱାଳ

ଚିର ମୌନ ଆଜି 'ମନର ମାନଚିତ୍ର'ର ମଣିଷ। ଅଗଣିତ ପାଠକଙ୍କ ମନର ମଲାଟରେ ଆଙ୍କି ଚାଲିଥିଲେ ମୂଲ୍ୟବୋଧର ମାନଚିତ୍ର। ମହାନତାର ମନ୍ତ୍ରରେ ମନ୍ତ୍ରମୁଗ୍ଧ ହେଉଥିଲା ଅଜସ୍ର ମନ। କିନ୍ତୁ ଅକାଳରେ ସବୁଦିନ ପାଇଁ ମଉଳିଗଲା 'ଧରିତ୍ରୀ'ର 'ମନର ମାନଚିତ୍ର' ସ୍ତମ୍ଭଟି। ସତରେ କେତେ ଦୂରଦ୍ରଷ୍ଟା ନ ଥିଲେ ମାନଚିତ୍ରର ସେ ଚିତ୍ରକାର ନରହରି ବେହେରା ! କାରଣ ମଣିଷ ପାଇଁ ମାନଚିତ୍ରଟିଏ ତ ମାର୍ଗଦର୍ଶକ, ପଥିକ ପାଇଁ ଦିଗବାରିଣୀ। ମନରେ ଅଙ୍କିତ ଠିକ ମାନଚିତ୍ର ହିଁ ନିର୍ମାଣ କରେ ବ୍ୟକ୍ତିକୁ। ବ୍ୟକ୍ତି ସମୁଦାୟଙ୍କୁ ନେଇ ଗଢ଼ା ଯାଇଥାଏ ଦେଶ ଓ ଜାତି। ମନରେ ଖୋଦିତ ମାନଚିତ୍ର ବା ମାନସିକତା ଉପରେ ନିର୍ଭର କରେ ଗୋଟେ ଭୂମିର ଭାଗ୍ୟ ଓ ଭବିଷ୍ୟତ। ଜନ ମାନସିକତା ହିଁ ରାଷ୍ଟ୍ରର ଅସଲ ଶକ୍ତି ଓ ସାମର୍ଥ୍ୟ – ଏହି କଥାକୁ କାଲିର ଇତିହାସ ଆମକୁ କହି ଚାଲିଥିଲା ବେଳେ ଇଥିଓପିଆ ବି କହୁଛି ଆଜି। ସମୃଦ୍ଧଶାଳୀ ଫ୍ରାନ୍ସର ବିଶାଳ ସେନା ବିପକ୍ଷରେ ଲଢୁଥାଏ ଛୋଟିଆ ଦେଶ ହଲାଣ୍ଡ (ନେଦରଲାଣ୍ଡସ୍)। ବର୍ଷ ପରେ ବର୍ଷ, ଏପରି କି ଛଅ ବର୍ଷ ଧରି ଯୁଦ୍ଧ ଚାଲିଥିଲେ ବି ଟିପେ ହେଲେ ଆଗେଇ ପାରୁନି ଫ୍ରାନ୍ସର ସୈନ୍ୟବାହିନୀ। ସେଇଠୁ ଅତ୍ୟନ୍ତ ବ୍ୟତିବ୍ୟସ୍ତ ହୋଇ ସମ୍ରାଟ ୧୪ଶ ଲୁଇ ଜାଣିବାକୁ ଚାହିଁଲେ ଏହାର ରହସ୍ୟ। ''ଗୋଟେ ଦେଶର ଶୌର୍ଯ୍ୟ ଓ ସାମର୍ଥ୍ୟ ନିର୍ଭର କରେନା ବିଭବ ବା ବିଶାଳତା ଉପରେ। ବରଂ ନିର୍ଭର କରେ ଜନ ମାନସିକତା ଉପରେ। ହଲାଣ୍ଡର ପ୍ରତିଟି ପ୍ରାଣ ପିଲାଟି ବେଳୁ ମାତୃଭୂମି ପ୍ରତି ସମର୍ପିତ। ମରିବୁ ତ ମାଟି ପାଇଁ, ଜିଇବୁ ତ ଜାତି ପାଇଁ – ମନ୍ତ୍ରରେ ଖୋଦିତ ତାଙ୍କ ମନର ମାନଚିତ୍ର। ଭୂମି ପାଇଁ ଲଢ଼ି ବୀରଗତି ପ୍ରାପ୍ତ ହେବା ତ ଅତୀବ ସୌଭାଗ୍ୟର ବିଷୟ ତାଙ୍କ ପାଇଁ; ଯେଉଁଥିପାଇଁ କି ପ୍ରାଣକୁ ବାଜି ଲଗାଇ ଲଢ଼ି ଚାଲିଛନ୍ତି ସେମାନେ''। ଅତି ବିଶ୍ୱସ୍ତ ଓ ବିଦ୍ୱାନ ମନ୍ତ୍ରୀଙ୍କଠାରୁ ଏହା ଶୁଣି ନିଜ ସେନାଙ୍କୁ ହଟେଇ ଆଣିଥିଲେ ସମ୍ରାଟ ସେଦିନ। ଜର୍ମାନର ଦୂରଦ୍ରଷ୍ଟା ଲେଖକ ତଥା ବିଶିଷ୍ଟ ବିଦ୍ୱାନ ମାର୍ଟିନ ଲୁଥର ବି କହୁଥିଲେ ଠିକ୍ ସେଇ କଥା – ''ଗୋଟିଏ ଭୂମିର ଭାଗ୍ୟ ଓ ଭବିଷ୍ୟତ ନିର୍ଭର କରେ ନା ତା'ର ଭୂଗୋଳ ବା ଭୂସମ୍ପଦ ଉପରେ। ବିତ୍ତ ବା ବିଭବ ଅପେକ୍ଷା ଅଧିକ ନିର୍ଭର କରେ ଚିତ୍ତ ଓ ଚରିତ୍ର ଉପରେ। ଅର୍ଥାତ୍ ସେ ଦେଶର ଜନ ମାନସିକତା ବା ଲୋକ ଚରିତ୍ର ଉପରେ।''

ଦୁର୍ଭିକ୍ଷ ପ୍ରପୀଡ଼ିତ ଇଥିଓପିଆର ମଣିଷ ମନରେ ଦିନେ ଉଙ୍କି ମାରିଲା, ଉପରକୁ ଉଠିବାର ଉଦ୍ଦୀପନା। ମନରେ ଦାନା ବାନ୍ଧିଲା, ଦୁର୍ଦ୍ଦିନ ବିରୋଧରେ ଦୁର୍ବାର ଲଢେଇ କରିବାକୁ। ସବୁଜିମାରେ ଭରି ଭୂଇଁକୁ ଶସ୍ୟଶ୍ୟାମଳା କରିବାକୁ ମନରେ ଆଙ୍କି ବସିଲେ ସୁନ୍ଦର ଚିତ୍ରଟିଏ। ସ୍ୱପ୍ନକୁ ସାକାର କରିବାକୁ ସଂକଳ୍ପମନା ହୋଇ ଆଗେଇ ଆସିଲେ ସମସ୍ତେ। ବାସ କଙ୍କାଳସାର ମଣିଷଙ୍କ ମାଟି ସମୃଦ୍ଧ ହେବାକୁ ଲାଗିଲା ଧୀରେ ଧୀରେ। ଫଳତଃ ଅନାହାରର ଭୂଖଣ୍ଡ ଭାବେ ଅପଖ୍ୟାତ ଭୂମିଟି ଆଜି ଦ୍ରୁତ ବିକାଶଶୀଳ ଭୂଖଣ୍ଡ ଭାବେ ସୁବିଦିତ। କେବଳ ସେତିକି ନୁହେଁ, ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରି ଅନେକ ସମ୍ମାନର ଅଧିକାରୀ ହୋଇପାରିଛି ସେ ଆଜି। ଗତବର୍ଷ ୨୦୧୯ରେ ନୋବେଲ ଶାନ୍ତି ପୁରସ୍କାର ହାତେଇ ଥିଲା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମୁଖ୍ୟ ପଦକୁ ବି ସେ ଆଜି ଅକ୍ତିଆର କରି ରଖିଛି। ଏହିପରି ଜାତିକୁ ଗଢ଼ିବାକୁ ଓ ଆଗକୁ ବଢ଼ିବାକୁ ଜନ ମାନସିକତା ଉଜ୍ଜୀବିତ ହେବା ଉଚିତ। ଜନ ମାନସିକତା ଗଢ଼ିବାକୁ ହେଲେ ମାଟିର ମଣିଷଙ୍କ ମନରେ ଆଙ୍କିବାକୁ ହେବ ସୁନ୍ଦର ସ୍ୱପ୍ନଭରା ମାନଚିତ୍ରଟିଏ। ଓଡ଼ିଶା ପ୍ରାୟ କ୍ଷୁଦ୍ର ଦେଶ ଜାପାନ, ଜର୍ମାନଠାରୁ ଆରମ୍ଭ କରି ଫିନଲାଣ୍ଡ, ନେଦରଲାଣ୍ଡସ୍, ଇସ୍ରାଏଲ ପର୍ଯ୍ୟନ୍ତ ଅତି କ୍ଷୁଦ୍ରକାୟ ଦେଶ ସବୁ ବେଶ୍ ବିକଶିତ ଓ ବିଭୂଷିତ, ଏଇଥିପାଇଁ। ଅନ୍ୟପକ୍ଷେ, ଭ୍ରାନ୍ତ ମାନସିକତା ବା ମନରେ ଅଙ୍କିତ ଭୁଲ୍ ମାନଚିତ୍ରଟିଏ, ବାଟବଣା କରେ ବ୍ୟକ୍ତିକୁ, ଦିଶାହରା କରେ ଦେଶକୁ। ଠିକ୍ ଯେମିତି ଭବ୍ୟଦେଶ ଭାରତ ବର୍ଷକୁ ଦିଗହରା କରିବାକୁ ଯାଇ ମ୍ୟାକଲେ ରଚିଥିଲେ ସୈତାନୀ ଷଡ଼ଯନ୍ତ୍ର। ସଂସ୍କୃତିପ୍ରାଣା, ନୀତି ଓ ନୈତିକତାନିଷ୍ଠ ଏ ଦେଶକୁ ଧରାଇଦେଲେ ଭୁଲ୍ ମାନଚିତ୍ରଟିଏ। ଯୋଜନାବଦ୍ଧ ଭାବେ ଜୋରକରି ଲଦି ଦେଲେ ଆମ ମାଟି-ପ୍ରତିକୂଳ ପାଠ୍ୟ ଖସଡ଼ାକୁ। ୧୮୩୫ ମସିହା ଫେବୃୟାରୀ ୨ ତାରିଖରେ ବ୍ରିଟିଶ ସଂସଦରେ ଏଥି ସଂକ୍ରାନ୍ତ ପାରିତ ପ୍ରସ୍ତାବ ଓ ତାଙ୍କ ଅଭିଭାଷଣ ଏବଂ ପାଠ୍ୟ ଖସଡ଼ା ଲାଗୁ କରିବା ପରେ ପରେ ଖୁସିରେ ଗଦ ଗଦ ହୋଇ ୧୮୩୬ ଅକ୍ଟୋବର ୧୨ରେ ଡାଡିଙ୍କୁ ଲେଖିଥିବା ଚିଠିର ପ୍ରତିଟି ଶବ୍ଦ ହିଁ ସୁଚାଇଥାଏ ସୈତାନର ଷଡ଼ଯନ୍ତ୍ରକୁ। ଯେଉଁଥିପାଇଁ କି ଚାଇନା ଓ ଜାପାନଠାରୁ ଭାରତ ଆଜି ପଛରେ, ତାଙ୍କଠାରୁ ଆର୍ଥିକ ସମ୍ପନ୍ନତା ଥାଇ ଓ ଆଗେ ସ୍ୱାଧୀନତା ପାଇ ବି। ଭାରତର ଆତ୍ମା ନିହିତ, ତା'ର ସଂସ୍କୃତିରେ, ପରମ୍ପରାରେ, ଧର୍ମାଚାରରେ। ଏ ସବୁକୁ ସମାଧି ଦେବାକୁ କରାହେଲା ସେଇ କୁତ୍ସିତ କାରସାଦି। ସେଇଠୁ ଧୀରେ ଧୀରେ ଏ ମାଟିର ମୌଳିକତା, ମୂଲ୍ୟବୋଧ ମଶାଣି ମୁହାଁ ହେବାକୁ ଲାଗିଲା। ମିଶ୍ର-ସଂସ୍କୃତିର ସୂତ୍ରପାତ ଅର୍ଥାତ୍ ଆମ ସଂସ୍କୃତିର ସଂକରୀକରଣ ହେଲା। ତା' ନ ହୋଇଥିଲେ, ଏ ମାଟିର ମର୍ଯ୍ୟାଦାର ମାନକ, ମାଆ ଲକ୍ଷ୍ମୀଙ୍କ ପ୍ରତିରୂପା ମାନେ, ମାନ – ମହତକୁ ଭୁଲି, କ'ଣ ନିଶାରେ ବିଭୋର ହୁଅନ୍ତେ ? ଶିବାଜୀ-ନେତାଜୀ-ବାପୁଜୀ, ଲକ୍ଷ୍ମୀବାଈ-ଦୁର୍ଗାବତୀ-ପଦ୍ମାବତୀ ପ୍ରମୁଖ ବାସ୍ତବ ବୀର ଓ ବିରାଙ୍ଗନାମାନଙ୍କୁ ଭୁଲି କଳଙ୍କିତ ଚେହେରାର ମିଛ ନାୟକ-ନାୟିକାଙ୍କୁ ଏ ଦେଶର ଯୁବ ସମାଜ କ'ଣ ନିଜର ରୋଲ ମଡେଲ ଭାବେ ବାଛନ୍ତା ? ଆତଙ୍କବାଦୀ ଆଫଜଲ ଗୁରୁର ଜିନ୍ଦାବାଦ କ'ଣ ଶୁଭନ୍ତା, ଅବଦୁଲ କଲାମଙ୍କ ମାଟିରେ ? ମ୍ୟାକଲେଙ୍କ ପରି ଶିକ୍ଷା ଓ ସଂସ୍କୃତିକୁ ଆୟୁଧକରି ରଚିତ ଆଉ ଏକ ଷଡ଼ଯନ୍ତ୍ର ବା ଯୋଜନା ଏବେ ସଭିଙ୍କ ସାମ୍ନାକୁ ଆସିଛି। କେନ୍ଦ୍ରର ବିନାନୁମୋଦନରେ ଏ ଦେଶର ୫୦ରୁ ଅଧିକ ଉଚ୍ଚଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକ କନ୍‌ଫୁସିଅସ ଇନ୍‌ଷ୍ଟିଚ୍ୟୁଟ, ସ୍କୁଲ ଅଫ ଚାଇନିଜ ଲାଙ୍ଗୁଏଜ ଆଦି ଚାଇନାର ବିଭିନ୍ନ ଅନୁଷ୍ଠାନ ସହିତ ବୁଝାମଣା କରିଥିଲେ। ଉଦ୍ଦେଶ୍ୟ ଥିଲା, ଚାଇନାର ଭାଷା ଓ ସଂସ୍କୃତିଟି ସମ୍ବନ୍ଧେ ଶିକ୍ଷା ଓ ଗବେଷଣା କରିବା। ମାତ୍ର ଚାଇନାର ଶାସନତନ୍ତ୍ରକୁ ନିୟନ୍ତ୍ରଣ କରୁଥିବା 'ଚାଇନା କମ୍ୟୁନିଷ୍ଟ ପାର୍ଟିର ପ୍ରଚ୍ଛନ୍ନ ପ୍ରୋତ୍ସାହନରେ ପରିଚାଳିତ ଚାଇନା ଅନୁଷ୍ଠାନଗୁଡ଼ିକ ତାଙ୍କ ସରକାରଙ୍କ ଗୁପ୍ତ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ବିଭିନ୍ନ ନେଟୱର୍କ ଚଳେଇ ଆସୁଥିଲେ। ଜେଏନ୍‌ୟୁ ସମେତ ମୁମ୍ବାଇ ବିଶ୍ୱବିଦ୍ୟାଳୟ, ଖଡ଼ଗପୁର ଆଇଆଇଟି ଆଦି ମେଧା ବହୁଳ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପଶି, ଖୁବ୍ ସତର୍କତାର ସହିତ ବାମବାଦୀ ବିଚାରକୁ ପରିବ୍ୟାପ୍ତ କରିବା ସହିତ ଭାରତ ବିରୋଧୀ ବୌଦ୍ଧିକ ଗୋଷ୍ଠୀ ତିଆରି କରିବାରେ ସକ୍ରିୟ ଥିଲେ। ଏପରି କି ତାଙ୍କ ଦେଶ ପାଇଁ ଏକପ୍ରକାର ଗୋଇନ୍ଦାଗିରି କରୁଥିଲେ। ଏମାନଙ୍କ ସହ ସଂଶ୍ଲିଷ୍ଟ ଭାରତର ୫୦ରୁ ଅଧିକ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ସବୁବେଳେ ବିବାଦ ଓ ବିତର୍କରେ ରହୁଥିବା ଜେଏନ୍‌ୟୁ ଅଧୀନରେ ସର୍ବାଧିକ (୧୨ଟି) ଶିକ୍ଷାନୁଷ୍ଠାନ ତାଙ୍କ ସହିତ ଅନୁବନ୍ଧିତ ଥିଲା। ଦୁନିଆରେ ସବୁଠୁ ଅଧିକ ସନ୍ଦେହ, ଆପତ୍ତି ଓ ଅଭିଯୋଗ ଥିବା କନ୍‌ଫୁସିଅସ ଇନ୍‌ଷ୍ଟିଚ୍ୟୁଟ ଏଠାକାର ୭ଟି ଉଚ୍ଚ ଶିକ୍ଷାନୁଷ୍ଠାନରେ କାମ କରି ଆସୁଥିଲା। ସେ ଯାହା ବି ହେଉ, ଅଭିଯୋଗ ଓ ଅନୁସନ୍ଧାନ ମୂଳେ, ଭାରତ ସରକାର ଗତ ଅଗଷ୍ଟରେ ଏଗୁଡ଼ିକ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ବିଳମ୍ବରେ ହେଲେ ମଧ୍ୟ ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଯେହେତୁ ମାଟିର ମାନଚିତ୍ର ଅପେକ୍ଷା, ମାଟିର ମଣିଷଙ୍କ ମନର ମାନଚିତ୍ର ଅଧିକ ମହତ୍ତ୍ୱ ରଖେ, ସେଥିପାଇଁ ଏଠାକାର କଅଁଳ ମନକୁ କବଳିତ କରିବାକୁ ନାନାଦି ଯୋଜନା କରାଯାଉଛି। ଏଥିପ୍ରତି ଏ ଜାତି ଯଥେଷ୍ଟ ଯତ୍ନବାନ ହେବା ଉଚିତ।

Emailunbiswal05@gmail.com,
ମୋ-୯୪୩୭୪୩୬୦୭୩

# ଶବ୍ଦର ରୂପକାର

ବ୍ୟକ୍ତିତ୍ୱ



ଲୁଇସ୍ ଗ୍ଲକ୍

କୁହାଯାଏ ସମୟ ସ୍ରୋତରେ ସବୁ କିଛି ବିଲୀନ ହୋଇଯାଏ। ଆଜି ଯିଏ ଦୁଃଖରେ ଅଛି କାଲି ତା' ପାଇଁ ଆନନ୍ଦ ଆସିପାରେ। ସେହିପରି ଖୁସିରୁ ଆରମ୍ଭ ହୋଇଥିବା ଜୀବନ ସର୍ବଦା ଦୀର୍ଘସ୍ଥାୟୀ ହୋଇ ନ ପାରେ। ଆପେକ୍ଷିକ ଦୃଷ୍ଟିକୋଣରୁ ଦେଖିଲେ ଦୁଃଖ ଓ ସୁଖକୁ ସମସ୍ତଙ୍କ ପାଇଁ ସମାନ ଭାବେ ତଉଲି ହେବ ନାହିଁ। ତେଣୁ ଆଦ୍ୟ ଅବସ୍ଥାରେ ଦୁଃଖ ଓ ଯନ୍ତ୍ରଣା ଦେଖାଦେଲେ ମଣିଷ ଭାଙ୍ଗିପଡ଼ିବା ଠିକ୍ ନୁହେଁ। କାରଣ ଭାବିବା ଦରକାର ଯେ, ଆଗକୁ କିଛି ଭଲ ଅଛି। ସମ୍ଭବତଃ ପିଲାଟି ବେଳେ ଏହି ଚିନ୍ତାଧାରା ଆମେରିକୀୟ କବି ଲୁଇସ୍ ଗ୍ଲକ୍‌ଙ୍କ ମନକୁ ଆସିଥିଲା। ରୋଗ ଯୋଗୁ ଶାରୀରିକ କଷ୍ଟ ପାଇ ଲୁଇସ୍ ମୃତ୍ୟୁଯନ୍ତ୍ରଣା ଭୋଗୁଥିଲେ ମଧ୍ୟ ଦୃଢ଼ ମନୋବଳ ଯୋଗୁ ସେଥିରୁ ବର୍ତ୍ତି ଯାଇଥିଲେ। ପରବର୍ତ୍ତୀ ସମୟରେ ଜୀବନରେ ବଢ଼ିବା ଲାଗି ଯନ୍ତ୍ରଣା ସତେ ଯେମିତି ତାଙ୍କୁ ପ୍ରେରଣା ଦେଇଥିଲା ବୋଲି କୁହାଯାଇପାରେ। ୨୦୨୦ ନୋବେଲ ସାହିତ୍ୟ ପୁରସ୍କାର ପାଇଁ ତାଙ୍କ ନାମ ନିକଟରେ ଘୋଷଣା ହେବା ପରେ ଲୁଇସ୍‌ଙ୍କ ମୁଗ୍ଧ ଅନୁଭବ ବାଲ୍ୟଜୀବନର ସ୍ମୃତିକୁ ମନେ ପକାଇବା ସ୍ୱାଭାବିକ।

ଆମେରିକାର ନ୍ୟୁୟର୍କ ସିଟିରେ ୨୨ ଏପ୍ରିଲ ୧୯୪୩ରେ ଲୁଇସ୍ ଜନ୍ମଗ୍ରହଣ କରିଥିଲେ। ଜୀବିତ ଦୁଇ ଭଉଣୀଙ୍କ ମଧ୍ୟରେ ସେ ବଡ଼। ଲୁଇସ୍‌ଙ୍କ ଜନ୍ମ ପୂର୍ବରୁ ତାଙ୍କର ଜଣେ ବଡ଼ ଭଉଣୀଙ୍କ ମୃତ୍ୟୁ ଘଟି ସାରିଥିଲା। ପିତା ଡାନିଏଲ୍ ଗ୍ଲକ୍ ବ୍ୟବସାୟୀ ଓ ମାତା ବିଟ୍ରାଇସ୍ ଗ୍ଲକ୍ ଜଣେ ଗୃହିଣୀ। ତାଙ୍କ ମା' ରୁଷୀୟ ଇହୁଦୀ ବଂଶଧର ହୋଇଥିବା ବେଳେ ପିତାଙ୍କ ପୂର୍ବପୁରୁଷ ଥିଲେ ହଙ୍ଗେରୀର ଇହୁଦୀ। ଡାନିଏଲଙ୍କ ଜନ୍ମ ପୂର୍ବରୁ ତାଙ୍କ ପରିବାର ଆମେରିକା ପଳାଇ ଆସିଥିଲେ। ଡାନିଏଲ ଜଣେ ଲେଖକ ହେବାକୁ ଚାହିଁଥିଲେ। ହେଲେ ନିଜ ଶାଳକଙ୍କ ସହ ମିଶି ନ୍ୟୁୟର୍କରେ ଏକ ତେଜରାତି ଦୋକାନ କରି ସଫଳ ହୋଇଥିଲେ। ଲୁଇସିଙ୍କ ମା' ୱେଲ୍ସଲେ କଲେଜରୁ ଡିଗ୍ରୀ ଅର୍ଜନ କରିଥିଲେ। ପିଲାଟିବେଳେ ମାତାପିତା ତାଙ୍କୁ ଗ୍ରୀକ୍ ପୁରାଣ ଓ ଅନେକ ଶାସ୍ତ୍ରୀୟ ଗଳ୍ପ କହିଥିଲେ। ସେଥିରେ ଲୁଇସ ପ୍ରଭାବିତ ହୋଇ ଛୋଟ ବେଳୁ କବିତା ଲେଖିବାରେ ମନୋନିବେଶ କରିଥିଲେ। ହେଲେ କିଶୋରୀ ଅବସ୍ଥାରେ ତାଙ୍କଠାରେ ଏନୋରେକ୍ସିଆ ନେର୍ଭୋସା ଲକ୍ଷଣ ବୃଦ୍ଧି ପାଇଥିଲା, ଯେଉଁଥିଲେ ଖାଦ୍ୟ ଖାଇବାଜନିତ ବିଶୃଙ୍ଖଳା ଯୋଗୁ ଶରୀର କ୍ଷୀଣ ହେବାକୁ ଲାଗିଥିଲା। ତାଙ୍କର ଏକ ପ୍ରବନ୍ଧରେ ସେ ଏ ବିଷୟରେ ଉଲ୍ଲେଖ କରିଥିଲେ ଯେ, ତାଙ୍କୁ ସେତେବେଳେ ଏଭଳି ଲାଗିଥିଲା ଯେପରି ସେ ଆଉ ବଞ୍ଚିବେ ନାହିଁ। ପରବର୍ତ୍ତୀ ସମୟରେ ସେ ୭ ବର୍ଷ ଧରି ଚିକିତ୍ସିତ ହେଲା ବେଳେ ଦୃଢ଼ ଇଚ୍ଛାଶକ୍ତି ରଖିବା ଯୋଗୁ ସେଥିରୁ ଆରୋଗ୍ୟ ଲାଭ କରିଥିବା ବର୍ଣ୍ଣନା କରିଛନ୍ତି। ସ୍ୱାସ୍ଥ୍ୟଜନିତ ଅସୁବିଧାରୁ ସେ କଲେଜରେ ପୂର୍ଣ୍ଣକାଳୀନ ଛାତ୍ରୀ ହୋଇପାରି ନ ଥିଲେ। ତେଣୁ ସେ କଲମ୍ବିଆ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଜେନେରାଲ ଷ୍ଟଡିଜ୍‌ରେ କବିତା କର୍ମଶାଳାରେ ନାମ ପଞ୍ଜୀକରଣ କରିଥିଲେ। ସେତିକି ବେଳେ ସେ ଯେଉଁ ଶିକ୍ଷା ପାଇଥିଲେ ତାହାର ଫଳସ୍ୱରୂପ ତାଙ୍କୁ ଏକ ଡିଗ୍ରୀ ପ୍ରୋଗ୍ରାମ୍ ମିଳିଥିଲା। ଏକ ବିଧିବଦ୍ଧ ଡିଗ୍ରୀ ପାଇବାରୁ ବଞ୍ଚିତ ହେବା ପରେ ସେ ସେକ୍ରେଟେରିଆଲ୍ କାର୍ଯ୍ୟ କରିଥିଲେ। ୧୯୬୭ରେ ଚାର୍ଲସ ହେର୍ଜେ ଜୁନିୟରଙ୍କୁ ବିବାହ କରିଥିଲେ। ହେଲେ ୧୯୬୮ରେ ଉଭୟ ଛାଡ଼ପତ୍ର ଦେଇଥିଲେ। କିଶୋରୀ ଅବସ୍ଥାରେ ରୋଗ ଯନ୍ତ୍ରଣା ଓ ବିବାହ ପରେ ପାରିବାରିକ ଅଶାନ୍ତି ତାଙ୍କୁ ବିବ୍ରତ କରିଥିଲା। କିନ୍ତୁ ସେ ସବୁ ଭୁଲି ଲେଖିଲେ କବିତା। ସେହି ବର୍ଷ ପ୍ରକାଶ ପାଇଲା ତାଙ୍କ ପ୍ରଥମ କବିତା ସଙ୍କଳନ 'ଫାଷ୍ଟବର୍ନ', ଯାହା ସମାଲୋଚକଙ୍କ ମଧ୍ୟରେ ସକାରାତ୍ମକ ଆଲୋଚ୍ୟର ବିଷୟ ହୋଇପାରିଥିଲା। ତା' ପରଠାରୁ ସେ କବିତା ଓ ପ୍ରବନ୍ଧ ଲେଖିଚାଲିଲେ। ୧୯୭୧ରେ ଭର୍ମୋଣ୍ଟସ୍ଥିତ ଗୋଡାର୍ଡ କଲେଜରେ କବିତା ପଢ଼ାଇବାର ସୁଯୋଗ ପାଇଥିଲେ। ପରେ ଲେଖକ ଜନ୍ ଡ୍ରନାଓଙ୍କ ସହ ତାଙ୍କ ସମ୍ପର୍କ ବଢ଼ିଥିଲା ଓ ସେ ୧୯୭୩ରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। କିନ୍ତୁ ଡ୍ରନାଓଙ୍କୁ ସେ ୧୯୭୭ରେ ବିବାହ କରିଥିଲେ।

୧୯୮୦ରେ ତାଙ୍କ ତୃତୀୟ କବିତା ସଙ୍କଳନ 'ଡିସେଣ୍ଡିଂ ଫିଗର' ପ୍ରକାଶିତ ହୋଇଥିଲା। ଏହି ସମୟରେ ଭେମୋଣ୍ଟସ୍ଥିତ ତାଙ୍କ ଘର ପୋଡ଼ିଯିବାରୁ ସେ ସବୁ ଜିନିଷ ହରାଇଥିଲେ। ଏହାପରେ ୧୯୮୫ରେ ତାଙ୍କ କବିତା ସଙ୍କଳନ 'ଦି ଟ୍ରାଏମ୍ଫ୍ ଅଫ୍ ଆକିଲ୍ସ' ପ୍ରକାଶ ପାଇ ଉଚ୍ଚ ପ୍ରଶଂସିତ ହୋଇଥିଲା। ସେ ଯେତେବେଳେ ୟେଲ୍ ୟୁନିଭର୍ସିଟିର ଇଂଲିଶ ବିଭାଗ ପ୍ରଫେସର ହେଲେ ଛାତ୍ରୀଛାତ୍ରଙ୍କୁ ଗବେଷଣା ମନସ୍କ କରାଇ ଦେଇଥିଲେ। ସେହି ସମୟରେ ହିଁ ତାଙ୍କ ରଚନା ଅଧିକ ଶାଣିତ ହୋଇଥିଲା। ଲୁଇସ୍ ୧୨ କବିତା ସଙ୍କଳନ ଓ ବହୁବିଧି ପ୍ରବନ୍ଧ ରଚନା କରିଛନ୍ତି। ତାଙ୍କ କବିତାରେ ସ୍ୱତନ୍ତ୍ର କାବ୍ୟିକ ଉଚ୍ଚାରଣ ଥିବା ଦେଖିବାକୁ ମିଳେ। ପୌରାଣିକ କଥାବସ୍ତୁ ସହ ଯେତେବେଳେ ସେ ଶାସ୍ତ୍ରୀୟ ରୂପକଳ୍ପ ଦେଇ ସମକାଳୀନ ଘଟଣାକୁ କବିତାରେ ସଜାନ୍ତି, ତାହାକୁ ପାଠିକାପାଠକ ପଢ଼ି ମୁଗ୍ଧ ହୋଇଯାଇଥାନ୍ତି। ସେଥିପାଇଁ ତାଙ୍କୁ ୧୯୯୩ରେ ପୁଲିଜର ଓ ୨୦୧୪ରେ ଆମେରିକାର ନ୍ୟାଶନାଲ ବୁକ୍ ଆୱାର୍ଡ ମିଳିଥିଲା। ହେଲେ ୨୦୨୦ ପାଇଁ ସାହିତ୍ୟରେ ନୋବେଲ ପାଇବା ପରେ ତାଙ୍କୁ ସମାଲୋଚନା କରାଯାଉଛି। କାରଣ ଅନ୍ତର୍ଜାତୀୟ ସ୍ତରରେ ତାଙ୍କ ନାମ ସେଭଳି ଚର୍ଚ୍ଚିତ ହୋଇ ନ ଥିଲା କି ବିଭିନ୍ନ ଭାଷାରେ ତାଙ୍କ କୃତି ସେତେ ଅନୁବାଦ କରାଯାଇ ନାହିଁ। କିନ୍ତୁ ତାଙ୍କ ଯନ୍ତ୍ରଣା ଜର୍ଜରିତ ଜୀବନ କହିଦେଉଛି ତାଙ୍କ କବିତାର ସ୍ୱର କେତେ ପ୍ରଖର ଅଛି।

-ଜିତେନ୍ଦ୍ର କୁମାର ନାୟକ

# ଶହୀଦ ବାଳକ

ଡ. ଉଦ୍ଧବ ଚରଣ ନାୟକ

୧୯୩୮ ଅକ୍ଟୋବର ୧୧ ପାହାନ୍ତା। ବ୍ରାହ୍ମଣୀନଦୀର ନୀଳକଣ୍ଠପୁର ଘାଟ। ଏଇଠି ଟଳି ପଡିଥିଲେ ଛଅଜଣ ମହାରଥୀ । ଅତ୍ୟାଚାରୀ ଗୋରା ଫଉଜ ଆଉ ବର୍ବର ଢେଙ୍କାନାଳ ରାଜାଙ୍କ ପୋଲିସ ଗୁଳିରେ । ସେମାନେ ହେଲେ ବାରବରଷର ବାଳକ ବାଜି ରାଉତ, ଲକ୍ଷ୍ମଣ ମଲ୍ଲିକ, ନଟ ମଲ୍ଲିକ, ହୁରୁଷି ପ୍ରଧାନ (ନୀଳକଣ୍ଠପୁର) ଆଉ ଭୁବନର ରଘୁ ନାଏକ ଓ ଗୁରୀ ନାଏକ।

ତା' ପୂର୍ବରୁ ଢେଙ୍କାନାଳ ଗଡଜାତ ରାଜ୍ୟ ପରଜଙ୍ଗ ଓମଡ଼ି (କାମାକ୍ଷାନଗର) ଇଲାକାରେ ଗୋରା ଫଉଜ ଓ ଢେଙ୍କାନାଳ ରାଜାଙ୍କ ପୋଲିସ ଫଉଜ ମିଶି ଆରମ୍ଭ କରି ଦେଇଥିଲେ ବର୍ବରୋଚିତ ଅତ୍ୟାଚାର । ସେମାନଙ୍କ ଆକ୍ରମଣର ପ୍ରତିହତ ପାଇଁ ଲୋକେ ଥିଲେ ପ୍ରସ୍ତୁତ ।'ମାରିବୁ ନୋହିଲେ ମରିବୁ' ଏହା ଥିଲା ଢେଙ୍କାନାଳ ପ୍ରଜାଙ୍କର ସ୍ଲୋଗାନ। ଅନେକ ଲୋକ ମଲେ । ପୋଲିସ ବି ମଲେ । ଏହା ଥିଲା ଢେଙ୍କାନାଳ ଗଣ ଆନ୍ଦୋଳନ ବା ଗଣ ବିପ୍ଳବ । ପୋଲିସ ଫଉଜ ଗାଁ ଗାଁରେ ପଶି ଅତ୍ୟାଚାର, ବଳାତ୍କାର, ଲୁଣ୍ଠନ, ଶୋଷଣ କରିବାରେ ଲାଗିଲେ । ସେମାନେ ମାଡ଼ି ଆସିଲେ କାମାକ୍ଷାନଗର ଦେଇ ଭୁବନ ଇଲାକାକୁ । ଭୁବନ ପାଖ ନୀଳକଣ୍ଠପୁର ବ୍ରାହ୍ମଣୀ ଘାଟରେ

## ବାଜି ରାଉତଙ୍କ ବଳିଦାନ ଦିବସ ଉପଲକ୍ଷେ

ପାର ହୋଇ ଢେଙ୍କାନାଳ ଗଡକୁ ଫେରିଯିବାର ମସୁଧା କରିଥାନ୍ତି ।

ଅକ୍ଟୋବର ୧୦ ରାତିରେ ଭୁବନଠାରେ ବସିଲା ପ୍ରଜାମଣ୍ଡଳ ଜରୁରୀ ବୈଠକ । ଆଲୋଚନା ହେଲା କେଉଁମାନେ ଡଙ୍ଗା ଜଗି ଫଉଜକୁ ବାଟ ଓଗାଳିବେ। ବାର ବରଷର ବାନର ସେନା ବାଜି ରାଉତ କହିଲେ,ମୁଁ ଡଙ୍ଗା ଜଗିବି । ବାଜି ରାଉତ ବୀରଦର୍ପରେ ଆସି ମା'ଙ୍କୁ କହିଲେ ବୋଉ ମୋତେ ଶୀଘ୍ର ଖାଇବାକୁ ଦେ, ଆଜି ରାତିରେ ଆମେ ଡଙ୍ଗା ଜଗିବୁ। ରାଜାଙ୍କ ପୋଲିସ ଓ ଗୋରା ଫଉଜକୁ ସେପାରିକୁ ଛାଡିବୁ ନାହିଁ । ଶେଷରେ ମା' ଅମାନିଆ ବୀରପୁତ୍ରର ମଥାରେ ପିନ୍ଧାଇଦେଲା ମା' ମଙ୍ଗଳାଙ୍କ ସିନ୍ଦୂର । ହାତରେ ଧରେଇ ଦେଲା କପିଳାସ ଠେଙ୍ଗା । ବନ୍ଦାପନା କରି ବିଦାୟ ଦେଲା ପୁଅକୁ। ବାଜି ଚାଲିଗଲା ନଦୀ ଘାଟକୁ।

ବାଜିଆର ଜନ୍ମ ନୀଳକଣ୍ଠପୁର ଗାଁର ଏକ ଖଣ୍ଡାୟତ ପରିବାରରେ ୧୯୨୬ ଅକ୍ଟୋବର ୫ରେ । ବାପାଙ୍କ ନାଁ ହରି ରାଉତ ଓ ମା'ଙ୍କ ନାମ ରଣିଆ ରାଉତ । ରାତ୍ରିର ଦ୍ୱିତୀୟ ପ୍ରହର । ବାଜି ଅଣ୍ଟାରେ ଡଙ୍ଗା ଦଉଡି ବାନ୍ଧି ଡଙ୍ଗାକୁ ନେଇ ରଖିଛି କୂଳ ଠାରୁ ଟିକିଏ ଦୂରରେ । ଫଉଜ ଘାଟ ପାଖରେ ପହଞ୍ଚି ଡାକ ଛାଡିଲେ 'ଆରେ କିଏ ଅଛ, ଡଙ୍ଗା ଆଣ। ବାଜିଆ ଡଙ୍ଗାରେ ଥାଇ ଜବାବ ଦେଲା, ପ୍ରଜା ମଣ୍ଡଳର ଆଦେଶ ନାହିଁ, ଡଙ୍ଗା ନେବା ପାଇଁ। ଫଉଜମାନେ ବାରମ୍ବାର ଗର୍ଜନ କରୁଥାନ୍ତି। ବାଜିଆ ଥରକୁ ଥର ଚିତ୍କାର କରି କହୁଥାଏ ପ୍ରଜାମଣ୍ଡଳର ଆଦେଶ ନାହିଁ, ଆଦେଶ ନାହିଁ। ଫଉଜରୁ ଜଣେ କହିଲା, ଆରେ ଜାଣିଛୁ ଆମେ କିଏ ? ବାଜିଆ କହିଲା, 'ତୁମେ ଆଉ କିଏ, ତୁମେମାନେ ହେଉଛ ଅତ୍ୟାଚାରୀ ରାଜାର ତାହାଳ କୁକୁର, ... କୁକୁର । ତୁମେମାନେ ଆମ ମା' ଭଉଣୀଙ୍କର ଇଜ୍ଜତ ଲୁଟୁଛ । ତୁମେମାନେ ମଣିଷ ନୁହଁ। ନର ରାକ୍ଷସ । ଏତିକି ବେଳେ ଢେଙ୍କାନାଳ ରାଜାଙ୍କ ପୋଲିସ ରବି ସ୍ୱାଇଁ ଚଳାଇ ଦେଲା ଗୁଳି ବାଜି ରାଉତର ମୁଣ୍ଡକୁ । ଏତିକି ବେଳେ ବାଜିଆ ମୁହଁରୁ ବାହାରି ପଡିଲା, ''ପ୍ରଜା ମଣ୍ଡଳର ଜୟ, ମହାତ୍ମା ଗାନ୍ଧୀ କି ଜୟ, ଭାରତମାତା କି ଜୟ''।

ମୋ: ୯୪୩୮୨୯୯୧୭୪

# ପାଠକ ଶ୍ରେଷ୍ଠ ବିଚାରକ

## କୃଷି ଆଇନର ପ୍ରୟୋଗକୁ ଅପେକ୍ଷା କରନ୍ତୁ

ମହାଶୟ,

ଦେଶରେ ଏବେ କରୋନାର ଘନଘଟା ସମୟରେ କୃଷି ଆଇନକୁ ନେଇ ଆନ୍ଦୋଳନ ଚାଲିଛି। କୃଷି ସମସ୍ୟାର ଦୂରୀକରଣ ପାଇଁ କୃଷି ବିଶେଷଜ୍ଞ ଏମ୍.ଏସ୍.ସ୍ୱାମୀନାଥନଙ୍କ ପରାମର୍ଶରେ ପ୍ରଧାନମନ୍ତ୍ରୀ ନେହେରୁ ଦେଶରେ ସବୁଜ ବିପ୍ଳବର ସୂତ୍ରପାତ କରି ଅଧିକ ଅମଳକ୍ଷମ ବିହନ, ରାସାୟନିକ ସାର ଓ ଔଷଧ ପ୍ରୟୋଗ କରି ଖାଦ୍ୟଶସ୍ୟର ବିପୁଳ ସମ୍ଭାର ସୃଷ୍ଟି କରାଗଲା। ଭୋକ ମେଣ୍ଟିବା ସହିତ ବଳକା ଖାଦ୍ୟଶସ୍ୟର ବିକ୍ରିବଟା ପାଇଁ ମଣ୍ଡି, ଏଫ୍‌ସିଆଇ, ଏମ୍ଏସ୍‌ପିର ପ୍ରଚଳନ ହେଲା। ସରକାର ବଳକା ଖାଦ୍ୟଶସ୍ୟକୁ ଖାଦ୍ୟ ନିରାପତ୍ତା ଆଇନରେ ମାତ୍ର ୧ ଟଙ୍କାରେ ଦେଶର ୮୦କୋଟି ଉପଭୋକ୍ତାଙ୍କୁ ଦିଆଯାଉଛି। କୃଷି ଥିବାରୁ କୃଷକ ସମାଜ ଦିନକୁ ଦିନ ଦୁର୍ବଳ ହୋଇ ଦାଦନ ଶ୍ରମିକ ହେଲେ। ଅନେକ କୃଷକ ବୃତ୍ତିରୁ ମୁହଁ ଫେରାଇ ନେଉଛନ୍ତି। ସରକାରଙ୍କ ଭୁଲ୍ କୃଷି ନୀତି ଯୋଗୁ କୃଷିର ଏ ଦୁର୍ଗତି। କୃଷି ବିଧେୟକ ସଂସଦରେ ପାସ୍ କଲାପରେ ରାଷ୍ଟ୍ରପତିଙ୍କ ସ୍ୱୀକୃତିରେ ଆଇନ ହେଲା। ନିକଟ ଭବିଷ୍ୟତରେ ଦେଶବାସୀ ଏହାର କାର୍ଯ୍ୟକାରିତା ଏବଂ ଫଳାଫଳ ନିରୀକ୍ଷଣକୁ ଅପେକ୍ଷା କରନ୍ତୁ।

-ରାମଚନ୍ଦ୍ର ପାଲଟାସିଂ,
କୁମାରବସ୍ତ, ଖୋର୍ଦ୍ଧା

# ଏଇ ଭାରତରେ

ଭାରତ ବିକଶିତ ରାଷ୍ଟ୍ର ଆଡକୁ ଆଗଉଛି ହେଲେ ଜାତିବାଦ ଏହାର ପଛ ଛାଡୁନାହିଁ। ବାଛବିଚାରର ଶିକାର ହେଉଛନ୍ତି ଦଳିତମାନେ, ଯାହାର ଏକ ଛବି ସାମନାକୁ ଆସିଛି। ତାମିଲନାଡୁରେ ଜଣେ ଦଳିତ ମହିଳା ସରପଞ୍ଚଙ୍କୁ ଜାତି କାରଣରୁ ପଞ୍ଚାୟତ ବୈଠକରେ ତଳେ ବସିବାକୁ ପଡିଛି। ବୈଠକରେ ସରପଞ୍ଚ ତଳେ ବସିଥିଲାବେଳେ ଅନ୍ୟମାନେ ଚେୟାରରେ ବସିଥିଲେ। କୁଦ୍ଦାଲୋର ଜିଲା ଥେର୍‌କୁ ଥିଟାଇ ଭିଲେଜ ପଞ୍ଚାୟତର ସରପଞ୍ଚ ଭାବେ ଗତ ବର୍ଷ ସେ ନିର୍ବାଚିତ ହୋଇଥିଲେ। ପଞ୍ଚାୟତର ଏକ ବୈଠକରେ ତାଙ୍କୁ ସଭାପତିତ୍ୱ କରିବାର ଥିଲେ ମଧ୍ୟ ନାଏବ ସରପଞ୍ଚ ତାହା କରିବାକୁ ଦେଇ ନ ଥିଲେ। ଏହା ଉପରେ ସେଠାକାର ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେବା ସହ ପଞ୍ଚାୟତ ସେକ୍ରେଟାରୀଙ୍କୁ ନିଲମ୍ବନ କରିଛନ୍ତି।

## ଚିରନ୍ତନୀ

ତଥାପି କାହିଁ ତ ନ ଲଭେ ପରାଣ ତୃପତି
ସବୁ ପାଇ
ବୁଝାଇ ନିଜକୁ କରିଥିଲି କେତେ ଯୁକତି
ମନେ ନାହିଁ। -(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | | 7 | | 8 | E | | | 4 | | | 2 | | |
| | E | | | 9 | | | | 7 | | | | 3 | D | |
| | 2 | | | | 5 | | B | D | 1 | | 7 | | | C |
| | 8 | | 4 | 6 | | 1 | 5 | | 0 | | | | E | |
| | | | | | 0 | 6 | 8 | 9 | | | | | | |
| | | 6 | 8 | | 7 | | | 0 | | | | | B | |
| D | 0 | B | | 2 | | | 4 | | | | | 1 | | |
| | 4 | 1 | | | A | | 7 | 2 | 3 | | | | 9 | |
| A | | | | E | | 8 | 3 | 6 | 2 | | | | | |
| | | | | 3 | 4 | | | 1 | | | | | 8 | |
| | | 9 | C | | | | A | | 5 | | | | | |
| | D | A | | | 3 | C | 6 | | 9 | | 2 | | 5 | B |
| | | | A | | | 9 | | | B | | | | 3 | |
| | | | | | | | | 5 | | 3 | C | | | 9 |
| 2 | | | | | 1 | | | | A | E | | | 7 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | E | D | B | 6 | 2 | 1 | 8 | 5 | 9 | A | 7 | 0 | 3 | C |
| 5 | 1 | 0 | D | 3 | 7 | 9 | A | C | B | 6 | E | 4 | 2 | 8 |
| 6 | B | 3 | A | C | 0 | 7 | D | 2 | 8 | 5 | 4 | 9 | E | 1 |
| 2 | 9 | 7 | 5 | E | 8 | 3 | 4 | 0 | 1 | C | D | B | 6 | A |
| A | C | 8 | 1 | 4 | 9 | 6 | B | E | 0 | 3 | 2 | D | 7 | 5 |
| D | 2 | 6 | 8 | A | 4 | B | 9 | 3 | C | E | 0 | 5 | 1 | 7 |
| 0 | 5 | 1 | E | B | 6 | 8 | C | 4 | 3 | 7 | A | 2 | D | 9 |
| E | 3 | B | 7 | 0 | 1 | 2 | 5 | D | 4 | 8 | 9 | C | A | 6 |
| 9 | 4 | C | 2 | D | 3 | A | E | 7 | 5 | 1 | 6 | 8 | 0 | B |
| 8 | 7 | A | 9 | 5 | C | 0 | 6 | 1 | 2 | D | B | 3 | 4 | E |
| 3 | A | 9 | 0 | 7 | D | 5 | 1 | 8 | 6 | 4 | C | E | B | 2 |
| 1 | 6 | E | C | 2 | 5 | 4 | 0 | B | 7 | 9 | 3 | A | 8 | D |
| 7 | 8 | 4 | 3 | 9 | A | D | 2 | 6 | E | B | 5 | 1 | C | 0 |
| B | D | 2 | 4 | 8 | E | C | 7 | 9 | A | 0 | 1 | 6 | 5 | 3 |
| C | 0 | 5 | 6 | 1 | B | E | 3 | A | D | 2 | 8 | 7 | 9 | 4 |

ଗତକାଲିର ଉତ୍ତର

## ସଂକ୍ଷେପରେ

### ହୁଡ୍‌କୋ ପକ୍ଷରୁ ୪୨୮ କୋଟି ଟଙ୍କାର ଲାଭାଂଶ ପ୍ରଦାନ

ଭୁବନେଶ୍ୱର,୧୦।୧୦: ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ହୁଡ୍‌କୋ ପକ୍ଷରୁ ୪୨୮.୬୮ କୋଟି ଟଙ୍କାର ଏକ ଚେକ୍ ସଂସ୍ଥାର ଲାଭାଂଶ ବାବଦକୁ ହାଉସିଂ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ଏଚ୍.ଏସ୍.ପୁରୀଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ କମ୍ପାନୀର ନିର୍ଦ୍ଦେଶକ (କର୍ପୋରେଟ ଯୋଜନା) ଏମ୍ ନାଗରାଜ, ନିର୍ଦ୍ଦେଶକ (ଅର୍ଥ) ଡି. ଗୁହାନ, ବିଭାଗୀୟ ସଚିବ ଡି.ଏସ୍.ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ କମ୍ପାନୀ ମୋଟ ଉପରେ ୬୨୦.୫୯ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରିଛି। ସେହିଭଳି କମ୍ପାନୀ ପକ୍ଷରୁ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟକୁ ୧୨୮.୬୫ କୋଟି ଟଙ୍କା ଏବଂ ଅଂଶଧନକାରୀମାନଙ୍କୁ ୬୩.୨୬ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରାଯାଇଛି।

# ୩୦ ଲକ୍ଷରୁ ଉର୍ଦ୍ଧ୍ୱ ହୋମ୍‌ଲୋନ ଶସ୍ତା ହେବ

ନୂଆଦିଲ୍ଲୀ,୧୦।୧୦

୩୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ହୋମ୍ ଲୋନ୍ ଶୀଘ୍ର ଶସ୍ତା ହେବାକୁ ଯାଉଛି। ପୂର୍ବ ତୁଳନାରେ ଏହି ବର୍ଗରେ ଋଣ ଶସ୍ତା ହୋଇପାରେ। ସେହିଭଳି ୭୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଋଣ ଉପରେ ଲାଗୁ ହେଉଥିବା ସୁଧରେ ବଡ଼ ଧରଣର ହ୍ରାସ ମଧ୍ୟ ହୋଇପାରେ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏ ନେଇ ପଦକ୍ଷେପ ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ ବର୍ତ୍ତମାନ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋମ୍ ଲୋନ ଉପରେ ସବୁଠାରୁ କମ୍ ସୁଧହାର ଲାଗୁ ହେଉଛି। ଋଣ ପରିମାଣ ବଢ଼ିଲେ ସେହି ଅନୁସାରେ ସୁଧହାର ବୃଦ୍ଧି ହୋଇଥାଏ।

ଉଦାହରଣ ସ୍ୱରୂପ, ଭାରତୀୟ ଷ୍ଟେଟ ବ୍ୟାଙ୍କ ୩୦ ଲକ୍ଷ ଟଙ୍କାର ଋଣ ଉପରେ ୭% ସୁଧହାର ଲାଗୁ କରୁଛି। ସେହିଭଳି ୩୦ରୁ ୭୫ ଲକ୍ଷ ଟଙ୍କାର ହୋମ୍ ଲୋନ ଉପରେ ୭.୨୫%



**ରିଜର୍ଭ ବ୍ୟାଙ୍କର ପଦକ୍ଷେପ**

ସୁଧହାର ଦେବାକୁ ପଡୁଛି। ଋଣ ପରିମାଣ ୭୫ ଲକ୍ଷ ଟଙ୍କାରୁ ଅଧିକ ହେଲେ ସୁଧହାର ୭.୩୫% ରହିଛି। ଅପରପକ୍ଷରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏ କ୍ଷେତ୍ରରେ ଯଥାକ୍ରମେ ୭.୧୫%, ୭.୨୫% ଏବଂ ୭.୩୦% ଏବଂ ୭.୪୦% ସୁଧହାର ଲାଗୁ କରୁଛି। ସେହିଭଳି ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଭିନ୍ନ ଭିନ୍ନ ହାରରେ ମଧ୍ୟ ସୁଧ ହାର କାର୍ଯ୍ୟକାରୀ କରାଉଛି। ହୋମ୍ ଲୋନ ପରିମାଣ ବଢିଲେ ସେହି ଅନୁସାରେ ସୁଧହାର ବଢୁଥିବା ଦେଖାଯାଏ। କାରଣ ଭିନ୍ନ ଭିନ୍ନ ସ୍ଲାବ୍ ହିସାବରେ ବ୍ୟାଙ୍କଗୁଡିକୁ ଭିନ୍ନ ଭିନ୍ନ ପରିମାଣର କ୍ୟାପିଟାଲ ରଖିବାକୁ ପଡିଥାଏ। ୩୦ ଲକ୍ଷ ଟଙ୍କାର ହୋମ୍ ଲୋନ ଲାଗି ବ୍ୟାଙ୍କଗୁଡିକୁ ନିଜ ପାଖରେ ପ୍ରାୟ ୩୫% ପୁଞ୍ଜି ରଖିବାକୁ ପଡ଼ିଥାଏ। ସେହିଭଳି ୩୦ରୁ ୭୫ ଲକ୍ଷ ଗୃହ ଋଣ ଲାଗି ବ୍ୟାଙ୍କ ନିକଟରେ ୫୦% ପର୍ଯ୍ୟନ୍ତ ପୁଞ୍ଜି ରହିବା ଜରୁରୀ। ଏହାବାଦ ୭୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଋଣ ଉପରେ ଅତିକମ୍‌ରେ ୭୫% ପୁଞ୍ଜି ରଖିବାକୁ ହେବ। ଫଳରେ ଋଣ ପରିମାଣ ବଢ଼ିଲେ ବ୍ୟାଙ୍କଗୁଡିକ ସୁଧହାର ମଧ୍ୟ ବଢାଇଥାନ୍ତି।

ସେହିଭଳି ବ୍ୟକ୍ତିଗତ ଋଣ କ୍ଷେତ୍ରରେ ବ୍ୟାଙ୍କଗୁଡିକ ପ୍ରଦାନ କରୁଥିବା ଋଣ ଅର୍ଥର ୧୦୦% ପୁଞ୍ଜି ପ୍ରଦାନ ରଖିବାକୁ ପଡ଼େ। ଏହାକୁ ସାଧାରଣତଃ ରିସ୍କ ଭାବେ ଧରାଯାଇଥାଏ। ମାତ୍ର ହୋମ୍ ଲୋନ୍‌କୁ ରିସ୍କ ଭାବେ ଧରାଯାଇ ନ ଥାଏ। କେତେ ପରିମାଣର ପୁଞ୍ଜି ରଖିବାକୁ ହେବ ତାହା ଋଣର ପରିମାଣକୁ ଦେଖି ନିଷ୍ପତ୍ତି ନିଆଯାଇ ନ ଥାଏ। ଏ କ୍ଷେତ୍ରରେ ପ୍ରପର୍ଟିର ମୂଲ୍ୟ ମଧ୍ୟ କାର୍ଯ୍ୟ କରେ। ଏହାକୁ ଲୋନ୍ ଟୁ ଭାଲ୍ୟୁ (ଏଲ୍‌ଟିଭି) କୁହାଯାଏ। ଶୁକ୍ରବାର ରିଜର୍ଭ ବ୍ୟାଙ୍କ ଘୋଷଣା କରିଥିବା ଏହାର କ୍ରେଡିଟ ପଲିସିରେ କହିଛି ଯେ, ମାର୍ଚ୍ଚ ୨୦୨୨ ଯାଏ କେଉଁ ଋଣ ଉପରେ କେତେ ପରିମାଣର ପୁଞ୍ଜି ରଖିବାକୁ ହେବ ତାହା କେବଳ ଲୋନ୍ ଟୁ ଭାଲ୍ୟୁ ଉପରେ ନିର୍ଭର କରିବ। ଲୋନ ଟୁ ଭାଲ୍ୟୁ ୮୦% କିମ୍ବା ଏହାଠାରୁ କମ୍ ହେଲେ ୩୫% କ୍ୟାପିଟାଲ ରଖିବାକୁ ହେବ। ଅପରପକ୍ଷରେ ଲୋନ୍ ଟୁ ଭାଲ୍ୟୁ ୮୦%ରୁ ଅଧିକ ଏବଂ ୯୦% ରହିଲେ ସେ କ୍ଷେତ୍ରରେ ୫୦% କ୍ୟାପିଟାଲ ରଖିବା ବାଧ୍ୟତାମୂଳକ ହେବ।

# ତନିଷ୍କର ଅପରାଜିତା କଲେକ୍ସନ




ଭୁବନେଶ୍ୱର,୧୦।୧୦

ଦେଶର ପ୍ରମୁଖ ଗହଣା ବ୍ରାଣ୍ଡ ତନିସ୍କ ପକ୍ଷରୁ ପାର୍ବଣ ଉପଲକ୍ଷେ ସ୍ୱତନ୍ତ୍ର ଗହଣା ସମ୍ଭାର 'ଅପରାଜିତା'କୁ ଉନ୍ମୋଚନ କରାଯାଇଛି। ଏହାକୁ ପାରମ୍ପରିକ ବେଙ୍ଗଲୀ ଡିଜାଇନର ଭିନ୍ନ ସ୍ପର୍ଶ ପ୍ରଦାନ କରାଯାଇଛି। ସେହିଭଳି ପରମ୍ପରା, କାରିଗରି ଏବଂ ଡିଜାଇନର ଏକ ବାସ୍ତବ ସମ୍ମିଶ୍ରଣ ଏଥିରେ ଗ୍ରାହକ ପାଇପାରିବେ। ଏହି ସମ୍ଭାରର ପ୍ରତିଟି ଗହଣା ହେଉଛି ଆମର ଭାବ ପ୍ରତି ଉତ୍ସବ ଏବଂ ଉତ୍କୃଷ୍ଟ କାରିଗରିର ଏକ ବାସ୍ତବ ସ୍ୱୀକୃତି। କମ୍ପାନୀ ପକ୍ଷରୁ ସୁନାଗହଣାର ଗଢ଼ାମୂଲ୍ୟ ଓ ହୀରା ଗହଣା ଉପରେ ୨୫% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏହି ଅଫର ଅକ୍ଟୋବର ୧୦ରୁ ନଭେମ୍ବର ୧୨ ପର୍ଯ୍ୟନ୍ତ ଉପଲବ୍ଧ ରହିବ ବୋଲି ସୂଚନା କମ୍ପାନୀ ପକ୍ଷରୁ ଦିଆଯାଇଛି। ସେହିଭଳି ୨୨କ୍ୟାରେଟରୁ ଅଧିକ କିମ୍ବା ସୁନା ଏକ୍ସଚେଞ୍ଜ ଉପରେ ଗ୍ରାହକମାନେ ଶୂନ କାଟ ଶୁଳ୍କର ଲାଭ ପାଇବେ। ପୁରୁଣା ସୁନାକୁ ମଧ୍ୟ ଗ୍ରାହକମାନେ ଏକ୍ସଚେଞ୍ଜ କରିପାରିବେ।

## ୟୁକୋ ବ୍ୟାଙ୍କ ପକ୍ଷରୁ ହିନ୍ଦୀ ଦିବସ

ଭୁବନେଶ୍ୱର,୧୦।୧୦: ୟୁକୋ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଜେବି କଲେଜର ପୂର୍ବତନ ପ୍ରାଧ୍ୟାପକ ଡ. ଶଙ୍କର ଲାଲ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ହିନ୍ଦୀ ଭାଷା ପ୍ରତି ସଚେତନତା ଆଣିବା ତଥା ରାଷ୍ଟ୍ରୀୟ ଭାଷା ହିନ୍ଦୀରେ ବିଭିନ୍ନ କାର୍ଯ୍ୟ କରିବାରେ ବାତାବରଣ ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ତଥା ମହାପ୍ରବନ୍ଧକ ଏବଂ ରାଜ୍ୟ ବ୍ୟାଙ୍କର୍ସ କମିଟିର ସଂଯୋଜକ ଅରୂପାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ଏହି ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କୋଭିଡ୍-୧୯ କଟକଣା କାରଣରୁ ଭିଡିଓ କନ୍‌ଫେରେନ୍ସ ମାଧ୍ୟମରେ ସଭା ପରିଚାଳନା ସହ ଅତିଥି ମାନଙ୍କୁ ଜେନା ସ୍ୱାଗତ କରିବା ସହ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସନ୍ଦେଶ ପାଠ କରିଥିଲେ। ସେହିଭଳି ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ଲଲାଟେନ୍ଦୁ ବେହେରା ମଧ୍ୟ ଓଡ଼ିଶାର ଅର୍ଥମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ।

# ହୋଣ୍ଡା କାର୍‌ସର ପାର୍ବଣ ସେଲିବ୍ରେଶନ

ନୂଆଦିଲ୍ଲୀ,୧୦।୧୦

ହୋଣ୍ଡା କାର୍‌ସ ଇଣ୍ଡିଆ ପକ୍ଷରୁ ପାର୍ବଣ ଉପଲକ୍ଷେ 'ଦ ଗ୍ରେଟ୍ ହୋଣ୍ଡା ଫେଷ୍ଟ' ସମ୍ପର୍କରେ ଘୋଷଣା କରାଯାଇଛି। ପାର୍ବଣରେ କାର କ୍ରୟ କରିବାକୁ ଚାହୁଁଥିବା ଗ୍ରାହକଙ୍କ ଲାଗି ଏହି ଅଫର ଉପଲବ୍ଧ ହେବ। ଅକ୍ଟୋବର ୩୧ ପର୍ଯ୍ୟନ୍ତ ଗ୍ରାହକମାନେ ହୋଣ୍ଡାର ଡିଲରଶିପଗୁଡିକରେ ବିଭିନ୍ନ ମଡେଲ ଉପରେ ଆକର୍ଷଣୀୟ ଅଫର ଲାଭ କରିପାରିବେ। ପାର୍ବଣ ଋତୁକୁ ଅଧିକ ଆନନ୍ଦମୟ କରିବା ଲାଗି ବିଭିନ୍ନ ଅଫର ଘୋଷଣା କରାଯାଇଥିବା ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍‌ର ମାର୍କେଟିଂ ଏବଂ ସେଲ୍‌ସ ବିଭାଗ ନିର୍ଦ୍ଦେଶକ ରାଜେଶ ଗୋୟଲ ସୂଚନା ଦେଇଛନ୍ତି। ସେ କହିଛନ୍ତି, କାର କ୍ରୟ କରିବା ଲାଗି ଏହା ଉତ୍କୃଷ୍ଟ ସମୟ। ବର୍ତ୍ତମାନ ଚ୍ୟାଲେଞ୍ଜିଂ ସମୟରେ ବ୍ୟକ୍ତିଗତ ଯାନର ଅନେକ ଗୁରୁତ୍ୱ ରହିଛି। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗକୁ ବିଚାରକରି ଗ୍ରାହକଙ୍କ ଲାଗି ଅଫର ଡିଜାଇନ କରାଯାଇଛି। ଗ୍ରାହକଙ୍କୁ ସହଜ କ୍ରୟ ବିକଳ୍ପ ପ୍ରଦାନ କରାଯାଉଛି। ସ୍ମାର୍ଟ ଫାଇନାନ୍ସ ବିକଳ୍ପ ଏବଂ ସହଜ ଇଏମ୍‌ଆଇ ସୁବିଧା ଗ୍ରାହକ ପାଇପାରିବେ ବୋଲି ସେ ମତ ରଖିଛନ୍ତି।

କମ୍ପାନୀ ହୋଣ୍ଡା ଆମେଜ ଉପରେ ପ୍ରାୟ ୪୭ ହଜାର ଟଙ୍କା ପର୍ଯ୍ୟନ୍ତ ଅଫର ପ୍ରଦାନ କରୁଛି। ସେହିଭଳି ୫ମ ପିଢ଼ି ହୋଣ୍ଡା ସିଟି ଉପରେ ପ୍ରାୟ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ, ହୋଣ୍ଡା ଜାଜ୍ ଉପରେ

**ଦ ଗ୍ରେଟ୍ ହୋଣ୍ଡା ଫେଷ୍ଟ ଘୋଷଣା**




୪୦ ହଜାର ପର୍ଯ୍ୟନ୍ତ, ହୋଣ୍ଡା ଡବ୍ଲ୍ୟୁଆର୍‌ଭି ଉପରେ ୪୦ ହଜାର ପର୍ଯ୍ୟନ୍ତ ଏବଂ ଏବଂ ହୋଣ୍ଡା ସିଭିକ ଉପରେ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ଦେଉଛି। ଏହି ଅଫର ନୂଆ ଯାନ କ୍ରୟ ଉପରେ କ୍ୟାଶ ଡିସ୍‌କାଉଣ୍ଟ, ବର୍ଦ୍ଧିତ ୱାରେଣ୍ଟି, ହୋଣ୍ଡା କେୟାର ମେଣ୍ଟେନାନ୍ସ ଭଳି କ୍ଷେତ୍ରରେ ପ୍ରଦାନ କରାଯିବ। ସେହିଭଳି ହୋଣ୍ଡାର ବର୍ତ୍ତମାନର ଗ୍ରାହକଙ୍କ ଲାଗି ଅତିରିକ୍ତ ବେନିଫିଟ ରହିଛି। ଏହା ମଧ୍ୟରେ ଲୟାଲଟି ବୋନସ ଏବଂ ସ୍ୱତନ୍ତ୍ର ଏକ୍ସଚେଞ୍ଜ ବେନିଫିଟ୍ ରହିଛି।

# ଏଲ୍‌ଆଇସିର ଉତ୍ତମ ପ୍ରଦର୍ଶନ

ଭୁବନେଶ୍ୱର,୧୦।୧୦

ସାରା ଦେଶରେ କରୋନା ମହାମାରୀର ପ୍ରଭାବ ପଡ଼ିଛି। ଏହି ମହାମାରୀ ଯୋଗୁ ଦେଶର ଅର୍ଥ ବ୍ୟବସ୍ଥାରେ ମଧ୍ୟ ଅସ୍ଥିରତା ଦେଖାଦେଇଛି। କରୋନା କାଳରେ ଦେଶର ପ୍ରମୁଖ ଜୀବନବୀମା କମ୍ପାନୀ ଭାରତୀୟ ଜୀବନବୀମା ନିଗମ (ଏଲ୍‌ଆଇସି)ର ପ୍ରଦର୍ଶନ ଉନ୍ନତ ରହିଛି। ୨୦୨୦-୨୧ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ କମ୍ପାନୀ ବ୍ୟକ୍ତିଗତ ବ୍ୟବସାୟରେ ଉତ୍ତମ ପ୍ରଦର୍ଶନ ଜାରି ରଖିଛି। ପ୍ରଥମ ବର୍ଷ ପ୍ରିମିୟମ ଆୟ ଆକାରରେ କମ୍ପାନୀ ୨୫,୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ରାଶି ସଂଗ୍ରହ କରିଛି। ଗତ ଆର୍ଥିକ ବର୍ଷ ଏହି ସମାନ ସମୟ ମଧ୍ୟରେ କମ୍ପାନୀ ୨୪,୮୬୭.୭୦ କୋଟି ଟଙ୍କାର ପ୍ରିମିୟମ ସଂଗ୍ରହ କରିଥିଲା। ଆଲୋଚ୍ୟ ସମୟରେ ଏଲ୍‌ଆଇସିର ଜୀବନ ଶାନ୍ତି ଯୋଜନା ଅଧୀନରେ ୧୧,୪୫୬.୪୧ କୋଟି ଟଙ୍କା ପ୍ରଥମ ବର୍ଷର ପ୍ରିମିୟମ ଆକାରରେ ସଂଗ୍ରହ ହୋଇଛି। ଚଳିତ ବର୍ଷ କମ୍ପାନୀର ୟୁଲିପ୍ ବ୍ୟବସାୟ ମଧ୍ୟ ଉତ୍ତମ ପ୍ରଦର୍ଶନ କରୁଛି ବୋଲି ସୂଚନା ମିଳିଛି। ସେହିଭଳି ୨୦୨୦ ସେପ୍ଟେମ୍ବର ୩୦ ସୁଦ୍ଧା ଏଲ୍‌ଆଇସି ୧୬୮୪୪ଟି ପଲିସି ବିକ୍ରି କରି ମୋଟ ୧୨୮.୬୩ କୋଟି ଟଙ୍କା ସଂଗ୍ରହ କରିଛି। ସେହିପରି ଗତ ବର୍ଷ ଏହି ସମାନ ସମୟରେ କମ୍ପାନୀ ୧୨୯୪୦ ପଲିସି ବିକ୍ରି କରି ୨୪.୨୪ କୋଟି ଟଙ୍କାର ପ୍ରିମିୟମ ସଂଗ୍ରହ କରିଥିଲା। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବୀମାଧାରୀଙ୍କ ବୋନସ ୫୧,୦୦୦ କୋଟି ଟଙ୍କାରୁ ଅଧିକ ରହିଥିବା ଏଲ୍‌ଆଇସି ପକ୍ଷରୁ ସୂଚନା ଦିଆଯାଇଛି।

## କାନାରା ବ୍ୟାଙ୍କର ସ୍ୱଚ୍ଛ ଭାରତ ପକ୍ଷ



ଭୁବନେଶ୍ୱର,୧୦।୧୦: କାନାରା ବ୍ୟାଙ୍କ ମଣ୍ଡଳ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ସ୍ୱଚ୍ଛ ଭାରତ ପକ୍ଷ ପାଳନ କରାଯାଇଛି। ବ୍ୟାଙ୍କର ମହାପ୍ରବନ୍ଧକ ତଥା ମଣ୍ଡଳ ମୁଖ୍ୟ ବି.ଏଲ୍.ମୀନାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପ-ମହାପ୍ରବନ୍ଧକ ଏ.କେ.ସିଂହ, ସହାୟକ ମହାପ୍ରବନ୍ଧକ ଏସ୍. ଏନ୍. ପଣ୍ଡା, କେ. ଏସ୍. ଗୁପ୍ତା, ଏସ୍. ରାଜଶେଖର, ଡି. ମହାଲକ୍ଷ୍ମୀ ଏବଂ ମଣ୍ଡଳ କାର୍ଯ୍ୟାଳୟ ସମେତ ଆଞ୍ଚଳିକ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀଗଣ ତଥା ବିଭିନ୍ନ ଶାଖାର କର୍ମଚାରୀମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ।

# ଅରୁନ୍ଧତୀ ଜୁଏଲର୍ସର ପୂର୍ତ୍ତି ଅଫର

ଭୁବନେଶ୍ୱର,୧୦।୧୦

ଅରୁନ୍ଧତୀ ଜୁଏଲର୍ସ ଏହାର ବାର୍ଷିକ ଉତ୍ସବ ପାଳନ କରୁଛି। ଶୋ'ରୁମ୍ ଦୀର୍ଘ ବର୍ଷ ହେବ ଗ୍ରାହକ ସ୍ୱଚ୍ଛତା ସହ ୧୦୦% ବିଆଇଏସ୍ ସାର୍ଟିଫାଏଡ୍ ୯୧.୬ ହଲ୍‌ମାର୍କ ସୁନା ଅଳଙ୍କାର ପ୍ରସ୍ତୁତ କରିଆସୁଛି। ବାର୍ଷିକ ଉତ୍ସବ ଉପଲକ୍ଷେ ପ୍ରତିଷ୍ଠାନ ଗ୍ରାହକଙ୍କ ପାଇଁ ବିଗ୍ ଆନିଭର୍ସାରି ଅଫର ବିଷୟରେ ଘୋଷଣା କରିଛି। ଏହି ଅଫର ଜରିଆରେ ଗ୍ରାହକମାନେ ବିଭିନ୍ନ କାରୁକାର୍ଯ୍ୟରେ ଭରା ୯୧.୬ ହଲ୍‌ମାର୍କ ସୁନାଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୩୧୯୯ଟଙ୍କାର ରିହାତି ସହ ପ୍ରତି ୬୦ ଗ୍ରାମ ସୁନା ଗହଣା କ୍ରୟ ଉପରେ ଏକ ସୁନାମୁଦି ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ସେହିଭଳି ଫ୍ଲାଟ୍ ୨୦% ରିହାତି ଡାଇମଣ୍ଡ କ୍ରୟ ମୂଲ୍ୟ ଉପରେ, ୫୦% ରିହାତି ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଏବଂ ୩୦% ରିହାତି ରୁପା ବାସନ କ୍ରୟର ଗଢା ମଜୁରି ଆଦିରେ ପ୍ରଦାନ କରାଯାଉଛି ବୋଲି ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି। ଏହି ଅଫର ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୧୧ ପର୍ଯ୍ୟନ୍ତ ଉପଲବ୍ଧ ରହିବ ବୋଲି ସୂଚନା ଦିଆଯାଇଛି।

# ଏସ୍‌ବିଆଇ ନୂଆ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ନୂଆଦିଲ୍ଲୀ,୧୦।୧୦

ଏସ୍‌ବିଆଇର ନୂଆ ଅଧ୍ୟକ୍ଷ ଭାବରେ ଦୀନେଶ କୁମାର ଖାରା ଦାୟିତ୍ୱ ଗ୍ରହଣ କରିଛନ୍ତି। ଆସନ୍ତା ୩ ବର୍ଷ ପାଇଁ ସେ ଏହି ପଦବୀରେ କାର୍ଯ୍ୟ କରିବେ। ଏହା ପୂର୍ବରୁ ସେ ଏସ୍‌ବିଆଇର ପରିଚାଳନା ନିର୍ଦ୍ଦେଶକ-ଗ୍ଲୋବାଲ ବ୍ୟାଙ୍କିଙ୍ଗ୍ ଆଣ୍ଡ ସବ୍‌ସିଡାରିଜ ଭାବେ କାର୍ଯ୍ୟ କରୁଥିଲେ। ୧୯୮୪ ମସିହାରେ ସେ ବ୍ୟାଙ୍କରେ ପ୍ରୋବେସନାରି ଅଫିସର ଭାବରେ ଯୋଗ ଦେଇଥିଲେ। ତାଙ୍କର ରିଟେଲ, କର୍ପୋରେଟ କ୍ରେଡିଟ ଓ ଆନ୍ତର୍ଜାତିକ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ପ୍ରାୟ ୩୫ ବର୍ଷର ଅଭିଜ୍ଞତା ରହିଛି। ସେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ସମୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସମେତ ଅନ୍ୟ ୫ ସହଯୋଗୀ ବ୍ୟାଙ୍କ ଏବଂ ଭାରତୀୟ ମହିଳା ବ୍ୟାଙ୍କର ସମ୍ମିଶ୍ରଣ ସଫଳତାର ସହ କରାଇଥିଲେ।

## ହିରୋ ପକ୍ଷରୁ ରୋଡ୍ ସାଇଡ୍ ସହାୟତା ସେବା

ଭୁବନେଶ୍ୱର,୧୦।୧୦: ବିଶ୍ୱର ପ୍ରମୁଖ ମୋଟର ସାଇକେଲ ଏବଂ ସ୍କୁଟର ନିର୍ମାତା ହିରୋ ମୋଟୋକର୍ପ ପକ୍ଷରୁ ଗ୍ରାହକଙ୍କ ସୁବିଧା ପାଇଁ ରୋଡ୍ ସାଇଡ୍ ସହାୟତା ସେବା ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସେବା ସପ୍ତାହରେ ୭ଦିନ ଏବଂ ୨୪ଘଣ୍ଟିଆ ସୁବିଧା ଗ୍ରାହକଙ୍କୁ ଯୋଗାଇ ଦେବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ଫଳରେ ଦେଶବ୍ୟାପି ଏ ନେଇ ଏକ ମେଗା ସର୍ଭିସ କାର୍ନିଭାଲର ଆୟୋଜନ ମଧ୍ୟ କମ୍ପାନୀ ପକ୍ଷରୁ କରାଯାଉଛି। ଗ୍ରାହକଙ୍କୁ ଶ୍ରେଷ୍ଠତମ ଉତ୍ପାଦ ଏବଂ ସେବା ଯୋଗାଇ ଦେବା ସହ ଚିନ୍ତାମୁକ୍ତ ଭାବେ ରୋଡ୍ ସାଇଡ ସେବାର ସହାୟତା ମଧ୍ୟ ପ୍ରଦାନ ନେଇ ଯୋଜନା ରଖାଯାଇଛି। ଏ ନେଇ କମ୍ପାନୀ ପକ୍ଷରୁ ଏକ ନିଶୁଳ୍କ ନମ୍ବରକୁ ଫୋନ କଲେ ଉକ୍ତ ଗ୍ରାହକଙ୍କ ନିକଟରେ ଆବଶ୍ୟକ ସହାୟତା ମିଳିବ। ସେହିଭଳି ଗ୍ରାହକମାନେ ହିରୋ କଷ୍ଟମର ଆପ୍‌ର ବ୍ୟବହାର କରି ମଧ୍ୟ ଏହି ସେବା ପାଇପାରିବେ। ଏହା ଅନ୍ତର୍ଗତ ଗ୍ରାହକଙ୍କୁ ଅନ୍-କଲ ସହାୟତା, ଅନ୍ ସ୍ପଟ ମରାମତି, ନିକଟବର୍ତ୍ତୀ ହିରୋ ୱାର୍କଶପ ସୁବିଧା, ଫୁଏଲ ସେବା, ପମ୍ପ, ବ୍ୟାଟେରୀ ସମସ୍ୟା, ଦୁର୍ଘଟଣା ଜନିତ ସହାୟତା ଏବଂ କି-ରିଟ୍ରିଭାଲ ସହାୟତା ଆଦି ଯୋଗାଇ ଦିଆଯିବ। ହିରୋ ଗ୍ରାହକମାନେ ଏହି ସେବା ପାଇଁ ନିକଟସ୍ଥ ହିରୋ ମୋଟୋକର୍ପର ସ୍ୱୀକୃତିପ୍ରାପ୍ତ ଚ୍ୟାନେଲ ପାର୍ଟନରମାନଙ୍କ ନିକଟରେ ମଧ୍ୟ ଗ୍ରାହକମାନେ ପଞ୍ଜୀକରଣ କରିପାରିବେ। ଏହି ସବୁ ସେବା ପାଇଁ ଗ୍ରାହକଙ୍କୁ ବାର୍ଷିକ ୩୫୦ଟଙ୍କାର ଅଗ୍ରୀମ ପୈଠ କରିବାକୁ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

**ନିଲାମ ବିକ୍ରୟ ବିଜ୍ଞପ୍ତି**

**ବିଜ୍ଞାପନ ସଂଖ୍ୟା-୦୧ ତାରିଖ-୦୭।୧୦।୨୦୨୦**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ଆଦେଶ ପତ୍ର ସଂଖ୍ୟା ୭୩୬୯ ତା୧୦।୦୮।୨୦୨୦ ମୁତାବକ, ଜବତ ହୋଇଥିବା ଧାନ ଯାହାକି, ୨୧୯ କ୍ୱି. ୯୪ କି.ଗ୍ରା. ୬୮ ଗ୍ରାମ (୪୨୨ ବସ୍ତା)କୁ ନିଲାମ କରିବାକୁ ସ୍ଥିର କରାଯାଇଛି। ଏହା ତା୨୨।୧୦।୨୦୨୦ରିଖ ସକାଳ ଦିବା ୧୧.୦୦ ଘଣ୍ଟା ସମୟରେ ସୋନପୁର ବ୍ଲକ ପରିସରରେ ନିଲାମ କରାଯିବ । କ୍ୱିଣ୍ଟାଲ ପିଛା ଧାନର ସର୍ବନିମ୍ନ ମୂଲ୍ୟ ୧୮୧୫/- ଟଙ୍କା ଧାର୍ଯ୍ୟ କରାଯାଇଛି । ଉକ୍ତ ଧାନ (୧) ଗୋପାଳ ରାଇସ୍ ମିଲ୍, ବାଙ୍କବିଜ, ସୋନପୁରଠାରେ ଗଚ୍ଛିତ ଅଛି।

ଇଚ୍ଛୁକ ବ୍ୟକ୍ତି/ପ୍ରତିଷ୍ଠାନମାନେ ଉପରୋକ୍ତ ସମୟ, ତାରିଖ ଓ ସ୍ଥାନରେ ଉପସ୍ଥିତ ରହି, ଏହି ନିଲାମରେ ଅଂଶଗ୍ରହଣ କରିବାକୁ ଜଣାଇଦିଆଗଲା । ଇଚ୍ଛୁକ ବ୍ୟକ୍ତି/ ପ୍ରତିଷ୍ଠାନ ଜବତ ହୋଇଥିବା ଧାନକୁ ଅଫିସ ସମୟ ମଧ୍ୟରେ ଉପରୋକ୍ତ ମିଲ୍ ପରିସରରେ ନିରୀକ୍ଷଣ କରିପାରିବେ କିମ୍ବା ତଦନ୍ତ ଅଧିକାରୀ-ତଥା-ଯୋଗାଣ ନିରୀକ୍ଷକ, ସୋନପୁରଙ୍କ କାର୍ଯ୍ୟାଳୟଠାରେ ଯୋଗାଯୋଗ କରିପାରିବେ।

ସ୍ୱା./- ତଦନ୍ତ ଅଧିକାରୀ-ତଥା-ଯୋଗାଣ ନିରୀକ୍ଷକ
ସୋନପୁର ବ୍ଲକ

**ନିଲାମ ବିକ୍ରୟ ବିଜ୍ଞପ୍ତି**

**ବିଜ୍ଞାପନ ସଂଖ୍ୟା-୦୧ ତାରିଖ-୦୭।୧୦।୨୦୨୦**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ଆଦେଶ ପତ୍ର ସଂଖ୍ୟା ୭୩୬୯ ତା୧୦।୦୮।୨୦୨୦ ମୁତାବକ, ଜବତ ହୋଇଥିବା ଧାନ ଯାହାକି, ୨୨୮ କ୍ୱି. ୧୨ କି.ଗ୍ରା. (୪୨୪ ବସ୍ତା)କୁ ନିଲାମ କରିବାକୁ ସ୍ଥିର କରାଯାଇଛି । ଏହା ତା୨୨।୧୦।୨୦୨୦ରିଖ ସକାଳ ଦିବା ୧୧.୦୦ ଘଣ୍ଟା ସମୟରେ ସୋନପୁର ବ୍ଲକ ପରିସରରେ ନିଲାମ କରାଯିବ । କ୍ୱିଣ୍ଟାଲ ପିଛା ଧାନର ସର୍ବନିମ୍ନ ମୂଲ୍ୟ ୧୮୧୫/- ଟଙ୍କା ଧାର୍ଯ୍ୟ କରାଯାଇଛି । ଉକ୍ତ ଧାନ (୧) ଲଳିତା ରାଇସ୍ ମିଲ୍, ଖରମୁରା, ସୋନପୁରଠାରେ ଗଚ୍ଛିତ ଅଛି।

ଇଚ୍ଛୁକ ବ୍ୟକ୍ତି/ପ୍ରତିଷ୍ଠାନମାନେ ଉପରୋକ୍ତ ସମୟ, ତାରିଖ ଓ ସ୍ଥାନରେ ଉପସ୍ଥିତ ରହି, ଏହି ନିଲାମରେ ଅଂଶଗ୍ରହଣ କରିବାକୁ ଜଣାଇଦିଆଗଲା । ଇଚ୍ଛୁକ ବ୍ୟକ୍ତି/ ପ୍ରତିଷ୍ଠାନ ଜବତ ହୋଇଥିବା ଧାନକୁ ଅଫିସ ସମୟ ମଧ୍ୟରେ ଉପରୋକ୍ତ ମିଲ୍ ପରିସରରେ ନିରୀକ୍ଷଣ କରିପାରିବେ କିମ୍ବା ତଦନ୍ତ ଅଧିକାରୀ-ତଥା-ଯୋଗାଣ ନିରୀକ୍ଷକ, ସୋନପୁର ପୌର ପରିଷଦଙ୍କ କାର୍ଯ୍ୟାଳୟଠାରେ ଯୋଗାଯୋଗ କରିପାରିବେ।

ସ୍ୱା./- ତଦନ୍ତ ଅଧିକାରୀ-ତଥା-ଯୋଗାଣ ନିରୀକ୍ଷକ
ସୋନପୁର ପୌର ପରିଷଦ

**ନିଲାମ ବିକ୍ରୟ ବିଜ୍ଞପ୍ତି**

**ବିଜ୍ଞାପନ ସଂଖ୍ୟା-୦୧ ତାରିଖ-୦୭।୧୦।୨୦୨୦**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ଆଦେଶ ପତ୍ର ସଂଖ୍ୟା ୭୩୬୯ ତା୧୦।୦୮।୨୦୨୦ ମୁତାବକ, ଜବତ ହୋଇଥିବା ୩୪୨୯ କ୍ୱି.୦୮ କି.ଗ୍ରା. (୭୪୩୩ ଝୁଟ ବସ୍ତା ୩୦୪୯ ପ୍ଲାଷ୍ଟିକ ବସ୍ତା) ଧାନକୁ ନିଲାମ କରିବାକୁ ସ୍ଥିର କରାଯାଇଛି। ଏହା ତା୨୨।୧୦।୨୦୨୦ରିଖ ଅପରାହ୍ନ ୨ ଘଣ୍ଟା ସମୟରେ ଡୁଙ୍ଗୁରିପାଲି ବ୍ଲକ ମିଟିଂ ହଲ୍‌ରେ ନିଲାମ କରାଯିବ । କ୍ୱିଣ୍ଟାଲ ପିଛା ଧାନର ସର୍ବନିମ୍ନ ମୂଲ୍ୟ ୧୮୧୫/- ଟଙ୍କା ଧାର୍ଯ୍ୟ କରାଯାଇଛି । ଉକ୍ତ ଧାନ (୧) ୩୨୬ କ୍ୱି. ୬୦ କି.ଗ୍ରା. (୭୬୩ ବସ୍ତା) ଉମାଶଙ୍କର ରାଇସ୍ ମିଲ୍, ଫଟାମୁଣ୍ଡା, ଡୁଙ୍ଗୁରିପାଲି, (୨) ୬୪୭ କ୍ୱି. ୨୫ କି.ଗ୍ରା. (୧୫୪୩ ବସ୍ତା) ଶ୍ରୀ ଶ୍ୟାମଜୀ ରାଇସ୍ ମିଲ୍, ବଇଦୁପାଲି, ଡୁଙ୍ଗୁରିପାଲି, (୩) ୨୪୫୫ କ୍ୱି. ୨୩.କି.ଗ୍ରା. (୫୧୩୭ ଝୁଟ ଏବଂ ୩୦୪୯ ପ୍ଲାଷ୍ଟିକ ବସ୍ତା) ଓମ ଲୋକନାଥ ରାଇସ୍ ମିଲ୍, ଚିନାଙ୍କୁରି, ଡୁଙ୍ଗୁରିପାଲିଠାରେ ଗଚ୍ଛିତ ଅଛି ।

ଇଚ୍ଛୁକ ବ୍ୟକ୍ତି/ପ୍ରତିଷ୍ଠାନମାନେ ଉପରୋକ୍ତ ସମୟ, ତାରିଖ ଓ ସ୍ଥାନରେ ଉପସ୍ଥିତ ରହି, ଏହି ନିଲାମରେ ଅଂଶଗ୍ରହଣ କରିବାକୁ ଜଣାଇଦିଆଗଲା । ଇଚ୍ଛୁକ ବ୍ୟକ୍ତି/ ପ୍ରତିଷ୍ଠାନ ଜବତ ହୋଇଥିବା ଧାନକୁ ଅଫିସ ସମୟ ମଧ୍ୟରେ ଉପରୋକ୍ତ ମିଲ୍ ପରିସରରେ ନିରୀକ୍ଷଣ କରିପାରିବେ କିମ୍ବା ତଦନ୍ତ ଅଧିକାରୀ-ତଥା-ଯୋଗାଣ ନିରୀକ୍ଷକ, ଡୁଙ୍ଗୁରିପାଲିଙ୍କ କାର୍ଯ୍ୟାଳୟଠାରେ ଯୋଗାଯୋଗ କରିପାରିବେ।

ସ୍ୱା./- ତଦନ୍ତ ଅଧିକାରୀ-ତଥା-ଯୋଗାଣ ନିରୀକ୍ଷକ
ଡୁଙ୍ଗୁରିପାଲି ବ୍ଲକ

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**HINDUSTAN FINANCE LIMITED**
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି,
BPL, IIT ଭତ୍ତା, କୁକୁଡାପାଳନ,
ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪
ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ,
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଦୟାକରି ଧ୍ୟାନ ଦିଅନ୍ତୁ !!
**SHREE KRISHNA FINANCE**
ସରକାରୀ ଯୋଜନା ଦ୍ୱାରା
ନିଜର ମାର୍କସିଟ, ଆଧାରକାର୍ଡ,
କୃଷି, ସମ୍ପତି, ବ୍ୟକ୍ତିଗତ
ଋଣ ମାତ୍ର ୪୮ ଘଣ୍ଟାରେ
ଘରେ ବସି ପାଆନ୍ତୁ ।।
୦% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765994255
7206213932

**FINANCE**
**ବାଲାଜୀ ଫାଇନାନ୍ସ**
ସରକାରୀ ଯୋଜନା ଦ୍ୱାରା
ନିଜର ମାର୍କସିଟ, ଆଧାରକାର୍ଡ,
କୃଷି, ସମ୍ପତି, ବ୍ୟକ୍ତିଗତ
ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ
ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ
ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
**Bhava Institute Of Medical Science & Research**
**G.N.M**
ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
**A.N.M**
ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
**Operation Theater Technician**
ଅପରେସନ ଥିଏଟର ଟେକ୍ନିସିଆନ୍
**Medical Lab Technician**
ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
**X-Ray Technician**
ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ,
ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122,
8456845313, 9040009727 (M)

**RIDHI FINANCE**
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ
ଆଧାର ଋଣ, ପଶୁପାଳନ,
ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

**Hindustan Tower Group** (ପଞ୍ଜୀକୃତ)
କମ୍ପାନୀ ଦ୍ୱାରା ନିଜ ଖାଲି ଜମି,
ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ
ଟାୱାର ଲଗାନ୍ତୁ । 90 ଲକ୍ଷ
ଆଡଭାନ୍ସ, 60,000 ଭଡ଼ା +
ବାଇକ୍ + ଅନ୍ୟାନ୍ୟ ସୁବିଧା ।
20 ବର୍ଷର କୋର୍ଟ ଏଗ୍ରିମେଣ୍ଟ
9473618663

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ
ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍,
ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା,
ବନ୍ଧ୍ୟାକରଣ, ଯାଦୁଟୋନା,
କାର୍ଯ୍ୟକାରିଣୀ, ବିବାହରେ
ବାଧା, ସ୍ପେଶାଲିଷ୍ଟ-ବଶୀକରଣ,
ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ବିଜେଡିର ଜନ ସଚେତନତା ଅଭିଯାନ**

ଲୋଇସିଂହା, (ଡି.ଏନ.ଏ.)-ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ବିଜେଡିର ଜନସଚେତନତା ଅଭିଯାନ ଚାଲୁ ରହିଛି। ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା ବ୍ଲକ ଅନ୍ତର୍ଗତ ଉପରବାହାଲ ସାଧୁପାଲି, ଭୋଇପାଲି, ରାଘୁପଦର, ଉଛବପାଲି ଗ୍ରାମରେ କରୋନ ସଂକ୍ରାନ୍ତରେ ଲୋକଙ୍କୁ ସଚେତନ କରିବା ସହ ମାସ୍କ ବଣ୍ଟନ କରିଥିଲେ। ତାଙ୍କ ସହ ପୂର୍ବତନ ସରପଞ୍ଚ ନେହେରୁ ବିଶ୍ୱାଳ, ଦିଲୀପ ଭୋଇ, ଅନନ୍ତ ସାହୁ, ଅଂଶୁମାନ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ ।



## ସଂକ୍ଷେପରେ

### ଗୌରିଶଙ୍କର ତ୍ରିପାଠୀଙ୍କ ଅନ୍ତିମ ସଂସ୍କାର

**ଟିଟିଲାଗଡ଼,୧୦।୧୦(ଡି.ଏନ.ଏ):** ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ପିତା ତଥା ଅବସରପ୍ରାପ୍ତ ପ୍ରଶାସକ ଗୌରିଶଙ୍କର ତ୍ରିପାଠୀଙ୍କ ଶୁକ୍ରବାର ରାତିରେ ତାଙ୍କ ହାଟପଦାସ୍ଥିତ ବାସଭବନରେ ପରଲୋକ ଘଟିଛି। ଶନିବାର ଅପରାହ୍ନରେ ଶୋକାକୁଳ ପରିବେଶ ମଧ୍ୟରେ ସ୍ଥାନୀୟ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଅରୁଣ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ। ପୁତ୍ର ଅଶୋକ, ଅସିତ ପ୍ରମୁଖଙ୍କ ଉପସ୍ଥିତ ଥିଲେ। ସେହିଭଳି ପ୍ରଶାସନ ପକ୍ଷରୁ ବଲାଙ୍ଗୀର ଜିଲାପାଳ ଚଞ୍ଚଲ ରାଣା, ଏସ୍‌ପି ସନ୍ଦୀପ ମଡକର, ଟିଟିଲାଗଡ ଉପଜିଲାପାଳ ସୌମେଶ ଉପାଧ୍ୟାୟ, ଡିଏସ୍‌ପି ସୁରେନ୍ଦ୍ରନାଥ ଶତପଥୀ, ଆଇଏଏସ୍ (ଟ୍ରେନିଂ) ମନୋଜ ମହାଜନ, ତହସିଲଦାର ଆନନ୍ଦ ପଣ୍ଡା, ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟ ସ୍ୱରୁପ ଦାଶ ପ୍ରମୁଖ ବହୁ ଅଧିକାରୀ ସ୍ୱର୍ଗଦ୍ୱାରରେ ଉପସ୍ଥିତ ରହିଥିଲେ। ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ, ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘ ସଭାପତି ହରିନାରାୟଣ ପୂଝାରୀ, ଜିଲା ଓୟୁଜେ ସଭାପତି ଦୀପକ ସମ୍ପାଦାର ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ।

### ବନ୍ଧୁକ ଦେଖାଇ ହତ୍ୟା ଧମକ

**ସୁନ୍ଦରଗଡ, ୧୦।୧୦ (ଡି.ଏନ୍.ଏ.):** ସୁନ୍ଦରଗଡ ଜିଲା ହାତୀବାରି ଥାନା ଅଧୀନ ଭୋଜପୁର ଗ୍ରାମରେ ଶୁକ୍ରବାର ଦୁଇ ଜଣ ବ୍ୟକ୍ତିଙ୍କୁ ହତ୍ୟା ଧମକ ଦିଆଯାଇଛି। ଗ୍ରାମର ବାବଲୁ ଲାଖୁଆ ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ, ସେ ଶୁକ୍ରବାର ରାତିପ୍ରାୟ ୮ଟା ବେଳେ ଛକରେ ବସିଥିଲେ। ଏତିକିବେଳେ ୨୦/୩୦ ଜଣ ବ୍ୟକ୍ତି ବାଇକ୍‌ରେ ଆସି ପହଞ୍ଚିଥିଲେ। ବାବଲୁ ଓ ତାଙ୍କ ସାଙ୍ଗ ସଞ୍ଜୁ ବଡାଇକଙ୍କୁ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେଇଥିଲେ। ସେମାନଙ୍କ କାମରେ ବାଧା ଦେଲେ ଗାଁରେ ବୋମା ପକାଇ ଉଡେଇ ଦେବେ ମଧ କହି ଚାଲି ଯାଇଥିଲେ। ଏ ନେଇ ପୋଲିସ ୧୦୪/୨୦ରେ ଏକ ମାମଲା ରୁଜୁ କରିଛି।

### ବ୍ଲକ ସହକାରୀ ଯନ୍ତ୍ରୀ ଦିବ୍ୟାଙ୍ଗ ଶରତଙ୍କୁ ଭେଟିଲେ

**ଧରିତ୍ରୀ ପ୍ରଭାବ**


Arun Kuliha
@ArunKuliha_
@CMO_Odisha @PRDeptOdisha @MoSarkar5T @gapg_dept @DM_Subarnapur ବିନିକା ବ୍ଲକ ଶଙ୍କରା ପଞ୍ଚାୟତ କୌଡ଼ିଆମୁଣ୍ଡା ଗ୍ରାମର ଦିବ୍ୟାଙ୍ଗ ଶରତ ପଣ୍ଡା(୫୫)ଙ୍କୁ ଆବାସ ଯୋଜନାରେ ସାମିଲ କରି ପକ୍କାଘର ପ୍ରଦନ ନିମନ୍ତେ @Naveen_Odisha @SSEPD2 @Bhaskar_Sarma ଙ୍କୁ ବିନମ୍ର ଅନୁରୋଧ। @MoSarkar5T @jenapratap66


**ବିନିକା,୧୦।୧୦(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଧୀନ ଶଙ୍କରା ଗ୍ରାପ କୌଡିଆମୁଣ୍ଡା ଗ୍ରାମର ଦିବ୍ୟାଙ୍ଗ ଶରତ ପଣ୍ଡା (୫୫) ସରକାରଙ୍କ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବାରୁ ବଞ୍ଚିତ ହୋଇ ପରିବାର ସହ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ଏନେଇ ଗତ ୬ ତାରିଖରେ ଧରିତ୍ରୀରେ 'ପଲିଥିନ ଢଙ୍କା କୁଡିଆରେ ଭିକ୍ଷମ ଶରତ' ଶୀର୍ଷକ ଖବର ପ୍ରକାଶ ପାଇଥିଲା । ଏ ସମ୍ପର୍କରେ ଜିଲାର ଏବିଭିପି ସଦସ୍ୟ ଅରୁଣ କୁଲିହା ମୁଖ୍ୟମନ୍ତ୍ରୀ , ପଞ୍ଚାୟତିରାଜ ବିଭାଗ , ୫ଟି ସଚିବ ଏବଂ ଏସ୍‌ଏସ୍‌ଇ ପିଡିଙ୍କୁ ଟ୍ୱିଟ୍ କରି ଜଣାଇଥିଲେ। ଏବେ ପ୍ରଶାସନ ତରଫରୁ ଶରତଙ୍କୁ ଘର ଯୋଗାଇବା ନେଇ ତତ୍ପରତା ପ୍ରକାଶ ପାଇଛି । ନିକଟରେ ବ୍ଲକ ସହକାରୀ ଯନ୍ତ୍ରୀ ଅନୁପମା ଗଣିକ କୌଡିଆମୁଣ୍ଡା ଗ୍ରାମକୁ ଯାଇ ଶରତଙ୍କୁ ଭେଟି ତାଙ୍କ ସମସ୍ୟା ପଚାରି ବୁଝି ଫେରିଥିବା ଜଣାଯାଇଛି ।

### ଜୁଆ ଆଡ୍ଡାରୁ ୭ଗିରଫ

**ସୁନ୍ଦରଗଡ, ୧୦।୧୦ (ଡି.ଏନ୍.ଏ.):** ସୁନ୍ଦରଗଡ ଜିଲା ରାଏବଗା ଥାନା ପୋଲିସ ଏକ ଜୁଆ ଆଡ୍ଡା ଉପରେ ଚଢାଉ କରି ୭ଜଣଙ୍କୁ ଗିରଫ କରିଛି । ପୋଲିସ ସେମାନଙ୍କ ନିକଟରୁ ୩୮୮୦ ଟଙ୍କା, ଗୋଟିଏ ବାଇକ୍, ୫ଟି ମୋବାଇଲ୍ ଓ ଜୁଆ ଖେଳରେ ବ୍ୟବହୃତ ତାସ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏ ନେଇ ରାଏବଗା ପୋଲିସ ଏକ ମାମଲା ନଂ.୭୧/୨୦) ମାମଲା ରୁଜୁ କରିଛି ।

# ଆବାସ ଯୋଜନା ଘର ବଣ୍ଟନରେ ଅବ୍ୟବସ୍ଥା

**ବଡଗାଁ, ୧୦।୧୦ (ଡି.ଏନ.ଏ)**


ଭଙ୍ଗାଘର ସାମ୍ନାରେ ପରିବାର ଲୋକେ ।

୨୦୧୧ ମସିହାରେ ସରକାର ଆର୍ଥିକ ସର୍ବେକ୍ଷଣ କରିଥିଲେ ଏବଂ ସେହି ଅନୁସାରେ ୨୦୧୭ ମସିହାରୁ ବାସଗୃହ ଯୋଜନାର ଘର ବଣ୍ଟନ କରାଯାଉଛି। ଆର୍ଥିକ ସର୍ବେକ୍ଷଣରେ ଥିଲାବାଲା ନ ଥିଲାବାଲା ସାଜିବାରୁ ଅନେକ ସ୍ୱଚ୍ଛଳ ପରିବାର ଓ ଘର ଥିବା ଲୋକେ ବାସଗୃହ ପାଇଲେ । ଫଳରେ ଦୀର୍ଘବର୍ଷରୁ ଘରଟିଏ ପାଇଁ ଆବେଦନ କରିଆସୁଥିବା ଗରିବ ପରିବାର ବଞ୍ଚିତ ହେଲେ। ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅଧୀନ ଆଦିବାସୀ ଅଧ୍ୟୁଷିତ ରୂନଗାଁ ପଞ୍ଚାୟତରେ ।

ରୂନଗାଁ ପଞ୍ଚାୟତ ରେଙ୍ଗାଲମାଲ ଗ୍ରାମର ନିରଞ୍ଜନ ରାଉତ। ସ୍ତ୍ରୀ ଓ ୨ ସନ୍ତାନଙ୍କୁ ନେଇ ତାଙ୍କ ସଂସାର। ଦୃଷ୍ଟି ବାଧିତ ଏହି ପରିବାର ଏବେ ଭଙ୍ଗା କୁଡିଆରେ ରହୁଛନ୍ତି। ଦେଢ଼ ଏକର ଗୋଡା ଜମି ବ୍ୟତୀତ ସମ୍ବଳ କିଛି ନାହିଁ। ସେ ଘରଟିଏ ପାଇବା ପାଇଁ ବହୁବାର ଆବେଦନ କରି ନିରାଶ ହେଲେଣି। ସେହିପରି ବିଚନାପଡା ଗ୍ରାମର ପ୍ରଦୀପ ଟିଗା। ଶ୍ରମିକ କାମ କରି ପରିବାର ପ୍ରତିପୋଷଣ କରୁଥିବା ପ୍ରଦୀପ ଗୋଟିଏ ବଖରା ଥିବା ଭଙ୍ଗା ଘରେ ପରିବାର ସହିତ ରହୁଛନ୍ତି। ସେ ମଧ ଆବାସ ଯୋଜନାରେ ଘର ପାଇଁ ବାରମ୍ବାର ଆବେଦନ କରି ନିରାଶ ହୋଇଛନ୍ତି। ରୂନଗାଁ ପଞ୍ଚାୟତ ଡମପଡାର ବିକାଶ ସାମାଦ, ନରେନ୍ଦ୍ର ସାନୁଏନ, ରାଜୁ ସେଠୀ, ସେବାଷ୍ଟିଏନ୍ ସାମାଦ, ରେଙ୍ଗାଲମାଲ ଗ୍ରାମର ହରିପ୍ରିୟା ରାଉତ, କସ୍ତୁରୀ ବେହେରା, ନବୀନ ଗରଡିଆ, ସ୍ୱାମୀ ପରିତ୍ୟକ୍ତା ଚନ୍ଦ୍ରମା ରାଉତଙ୍କ ଭଳି ଅନେକ ପରିବାର ବାସଗୃହ ଯୋଜନାରେ ଏଯାଏ ସାମିଲ ହୋଇପାରି ନାହାନ୍ତି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ଚୟନ ବ୍ୟବସ୍ଥା ଯୋଗୁ ଏପରି ଅନେକ ପରିବାର ଦୀର୍ଘ ବର୍ଷରୁ ଭଙ୍ଗା ଝାଟିମାଟି ଘରେ ରହୁଥିଲା ବେଳେ ଘର ଥିବା ପରିବାରଙ୍କୁ ଏକାଧିକ ଘର ମିଳିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗ୍ରାମବାସୀ ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ପ୍ରଶାସନ ପକ୍ଷରୁ ଆବଶ୍ୟକତା ଓ ପ୍ରାଥମିକତା ଭିତ୍ତିରେ ହିତାଧିକାରୀ ଚୟନ ନ କଲେ ଗରିବ ପରିବାରଙ୍କୁ ଦୀର୍ଘ ବର୍ଷ ଅପେକ୍ଷା କରିବାକୁ ପଡିବ ବୋଲି ମତପ୍ରକାଶ ପାଇଛି। ଏ ନେଇ ସ୍ଥାନୀୟ ସରପଞ୍ଚ ରାଜିତ ଏକ୍କାଙ୍କୁ ପଚାରିବାରୁ ଯୋଗ୍ୟ ହିତାଧିକାରୀଙ୍କୁ ଶୀଘ୍ର ଆବାସ ଯୋଜନାରେ ଘର ମିଳିବା ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

## ଦନ୍ତାହାତୀ ଆକ୍ରମଣରେ ଅଜା, ନାତି ଆହତ


କୁତମୁଣ୍ଡାରେ ଦନ୍ତା ହାତୀ ଭାଙ୍ଗିଥିବା କୃଷ୍ଣ ଝରିଆଙ୍କ ଘର ।

**ସୋନପୁର,୧୦।୧୦(ନି.ପ୍ର.)**

ସୁବର୍ଣ୍ଣପୁର ବନଖଣ୍ଡ ଉଲୁଣ୍ଡା ବନାଞ୍ଚଳର ଚାନ୍ଦଲି ସଂରକ୍ଷିତ ଜଙ୍ଗଲରେ ହାତୀ ଉପଦ୍ରବ ଲାଗି ରହିଛି । ହାତୀ ପଲରେ ଛୋଟ ବଡ ମୋଟ ୨୫ଟି ହାତୀ ରହିଛନ୍ତି। ଶୁକ୍ରବାର ରାତି ୧୨ଟାରେ ଏହି ପଲରୁ ଏକ ଦନ୍ତା ହାତୀ ବାହାରି ଜଙ୍ଗଲ ସଂଲଗ୍ନ କୁତମୁଣ୍ଡା ଗାଁର କୃଷ୍ଣ ଝରିଆ(୬୫)ଙ୍କ ଘର ଭାଙ୍ଗିଥିଲା । ଏହି ସମୟରେ ଘର ବାରଣ୍ଡାରେ କୃଷ୍ଣ ଓ ଭିତରେ କୃଷ୍ଣଙ୍କ ନାତି ଅନ୍ଧାରୁ ରୋହିଦାସ ଏବଂ ନାତୁଣୀ ବୋହୁ କମଳା ଶୋଇଥିଲେ । ଘର କାନ୍ଥ ପଡି ଅନ୍ଧାରୁ ଓ କମଳା ଆହତ ହୋଇଥିଲେ । ତେବେ କୃଷ୍ଣଙ୍କୁ ଦନ୍ତା ଟାଣି ନେଇଥିଲା । ଗ୍ରାମର କେତେଜଣ ଏହା ଦେଖି ଜୋରରେ ଚିତ୍କାର କରିବାରୁ ହାତୀଟି କୃଷ୍ଣଙ୍କୁ ଛାଡି ଜଙ୍ଗଲ ଭିତରକୁ ଚାଲି ଯାଇଥିଲା । କମଳା ସାମାନ୍ୟ ଆହତ ହୋଇଥିବା ବେଳେ କୃଷ୍ଣଙ୍କ ବାମ ଗୋଡ ଓ ଅନ୍ଧାରୁଙ୍କ ଅଣ୍ଟାରେ ଆଘାତ ଲାଗିଛି । ହାତୀକୁ ଟ୍ରାକିଂ କରୁଥିବା ବନ ବିଭାଗର କର୍ମଚାରୀ ଅଜା କୃଷ୍ଣ ଓ ନାତି ଅନ୍ଧାରୁଙ୍କୁ ଉଦ୍ଧାର କରି ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ଉଭୟ ଅଜା ଓ ନାତି ଏବେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ହାତୀପଲ ଘରଦ୍ୱାର ଭାଙ୍ଗୁଥିବା ବେଳେ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି।

## ୨୦ ହଜାର ଲୋକଙ୍କ ସ୍କ୍ରିନିଂ, ୧୦ ପଜିଟିଭ ଚିହ୍ନଟ

**ଜୁନାଗଡ,୧୦।୧୦(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ସହରରେ ୩୦୧ ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡିଛି। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଶନିବାର ଓ ରବିବାର ୨ଦିନ ଧରି ଜୁନାଗଡ ସହରର ପ୍ରତି ୱାର୍ଡରେ କୋଭିଡ ପରୀକ୍ଷା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଶନିବାର ପ୍ରଥମ ଦିନରେ ୪୩ଟି ଟିମ୍ ସହରର ୧୨ଟି ୱାର୍ଡର ସମସ୍ତ ଘରକୁ ଯାଇ ୨୦ହଜାର ଲୋକଙ୍କୁ ଥର୍ମାଲ ସ୍କ୍ରିନିଂ କରିଛନ୍ତି। ୧୦ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୯ଜଣ ହୋମ୍ ଆଇସୋଲେସନରେ ରହିଥିବାବେଳେ ଜଣେ କୋଭିଡ୍ ଡାକ୍ତରଖାନା ସ୍ଥାନାନ୍ତର ହୋଇଛନ୍ତି। ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା, କୋକସରା, କଲମପୁର, ଗୋଲାମୁଣ୍ଡା, ଜୟପାଟଣା ତହସିଲଦାର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା, ଥାନା ଅଧିକାରୀ ଉତ୍ତମ କୁମାର ସାହୁ ଏହାକୁ ତଦାରଖ କରିବା ପାଇଁ ଦାୟିତ୍ୱ ନେଇଛନ୍ତି। ଅନ୍ୟପକ୍ଷରେ ଜୁନାଗଡ ବଣିକ ସଂଘ ଏଥିରେ ସହଯୋଗ କରିଛି। ଫଳସ୍ୱରୂପ ଶନିବାର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି, ଆଶାକର୍ମୀ, ଶିକ୍ଷକ ପ୍ରମୁଖ ଏଥିରେ ସାମିଲ ହୋଇଛନ୍ତି।

## ବିଜୁ ଯୁବବାହିନୀକୁ ଖେଳ ସାମଗ୍ରୀ ବଣ୍ଟନ

**ମୁରିବାହାଲ, ୧୦।୧୦ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ବିଜୁ ଯୁବ ବାହିନୀକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ମୁରିବାହାଲ ବ୍ଲକ ପରିସରରେ ଖେଳ ସାମଗ୍ରୀ ବଣ୍ଟନ କରାଯାଇଛି। ବ୍ଲକ ଅନ୍ତର୍ଗତ ୨୨ ପଞ୍ଚାୟତରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ଯୁବବାହିନୀ ସଭ୍ୟାସଭ୍ୟଙ୍କୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ହଂସରାଜ ଜୈନ ବିଭିନ୍ନ ଖେଳ ସାମଗ୍ରୀ ବଣ୍ଟନ କରିଥିଲେ। ମହେନ୍ଦ୍ର ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ସୁନ୍ଦରମତି ବାଗ, ବିଟାବନ୍ଧ ସରପଞ୍ଚ ଅଗସ୍ତି ବାଗ, ଡବ୍ଲୁଇଓ ଭୀମରାମ ମାଝୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ପବିତ୍ର ଭୋଇ ସଂଯୋଜନା କରିଥିଲେ।

## ଶ୍ରମିକଙ୍କ ସମସ୍ୟା ସମାଧାନ କରାଯାଉ



ଶ୍ରମିକଙ୍କ ସମସ୍ୟା ସମାଧାନ ଦାବୀରେ ସମ୍ବଲପୁର ଯୁଗ୍ମ ଶ୍ରମ କମିଶନରଙ୍କୁ ଦାବିପତ୍ର ଦେବାକୁ ପ୍ରତିନିଧି ଦଳ ଯାଉଛନ୍ତି ।

**ସମ୍ବଲପୁର, ୧୦।୧୦ (ବ୍ୟୁରୋ)**

**ଯୁଗ୍ମ ଶ୍ରମ କମିଶନରଙ୍କୁ ଦାବିପତ୍ର ପ୍ରଦାନ**

ସମ୍ବଲପୁର ଜିଲାରେ ନିର୍ମାଣ ଶ୍ରମିକଙ୍କ ସମସ୍ୟା ଲାଗି ରହିଛି। ହିତାଧିକାରୀମାନଙ୍କ ପୂର୍ଣ୍ଣ ପଞ୍ଜୀକରଣ ପ୍ରକ୍ରିୟା ବର୍ତ୍ତମାନ ୩ ବର୍ଷ ଲାଗି କରାଯାଉଥିବାରୁ ଅନେକ ଶ୍ରମିକ ବାଦ୍ ପଡିବା ଆଶଙ୍କା ରହିଛି । କରୋନା ମହାମାରୀ ଯୋଗୁ ଦୀର୍ଘ ମାସ ହେବ ଶ୍ରମ ଅଫିସ ବନ୍ଦ ହୋଇଥିବାରୁ ଶ୍ରମିକମାନେ ପୂର୍ଣ୍ଣ ପଞ୍ଜୀକରଣ କରିପାରୁନାହାନ୍ତି। ଫଳରେ ସେମାନେ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲା ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ ସମିତିର କର୍ମକର୍ତ୍ତାମାନେ ଜିଲାପାଳ ଓ ଯୁଗ୍ମ ଶ୍ରମ କମିଶନରଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏଥିରେ ସମିତି ସଭାପତି ପ୍ରଶାନ୍ତ ପାଢ଼ୀ, ସମ୍ପାଦକ ତ୍ରିନାଥ ରଣବିଡା, ରୋହିତାଂଶୁ ସାହୁ, ମମତା ପଣ୍ଡା, ଦାମୋଦର ପାଣ୍ଡେ, ବସନ୍ତ ସ୍ୱାଇଁ, ଭକ୍ତବନ୍ଧୁ ମାଝୀ, ଜୀବର୍ଦ୍ଧନ ମିର୍ଦ୍ଧା, ସଞ୍ଜୁ ମିର୍ଦ୍ଧା, ମହେଶ ନାଥ ପ୍ରମୁଖ ସାମିଲ ହୋଇଥିଲେ ।

## ଘରୁ ଡାକିନେଇ ମାରିଦେଲେ

**ଦେବଗଡ଼,୧୦।୧୦(ଡ଼ି.ଏନ୍.ଏ.)**

ଦେବଗଡ ଜିଲା ବାରକୋଟ ଥାନା କାଦୋପଡା ଗ୍ରାମ ନିକଟ ୨୩ ନମ୍ବର ଜାତୀୟ ରାଜପଥ କଡରୁ ଶୁକ୍ରବାର ରାତିରେ ଜଣେ ବ୍ୟକ୍ତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପରେ ତାଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ କାଦୋପଡାର ସୁକରାମ ମୁଣ୍ଡା(୫୦)। ରାଜପଥ କଡରୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିବାରୁ ଏହା ଦୁର୍ଘଟଣାଜନିତ ମୃତ୍ୟୁ ବୋଲି ଅନୁମାନ କରାଯାଉଥିଲେ ହେଁ ପାରିପାର୍ଶ୍ୱିକସ୍ଥିତି ଅନ୍ୟ କିଛି ବୟାନ କରୁଛି। ସୁକରାମଙ୍କ ମୁଣ୍ଡ, ଅଣ୍ଟା ଓ ଗୋଡରେ କଟାଦାଗ ରହିଛି। ମୃତକଙ୍କ ସ୍ତ୍ରୀ ସମ୍ବାରୀ ମୁଣ୍ଡା ଏହା ଏକ ହତ୍ୟାକାଣ୍ଡ ବୋଲି କହିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଜଣେ ଅଜଣା ବ୍ୟକ୍ତି ସୁକରାମଙ୍କୁ ଘରୁ ଡାକି ନେଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ରାତି ପ୍ରାୟ ୮ଟାରେ ସୁକରାମ କାଦୋପଡା ଗ୍ରାମ ନିକଟ ରାସ୍ତାକଡରେ କ୍ଷତାକ୍ତ ଅବସ୍ଥାରେ ଛଟପଟ ହେଉଥିବା କେତେକ ଦେଖି ତାଙ୍କ ସ୍ତ୍ରୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ଉଦ୍ଧାର କରାଯାଇ ତାଙ୍କୁ ବାରକୋଟ ଡାକ୍ତରଖାନାକୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ୍ ମୃତଦେହ ଜବତ କରିଛି। ସମ୍ବାରୀଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି । ଶନିବାର ସାଇଣ୍ଟିଫିକ ଟିମ୍ ଆସି ଅଧିକ ତଦନ୍ତ କରିଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ବାରକୋଟ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

## କରୋନା ସଚେତନତା କାର୍ଯ୍ୟକ୍ରମ

**ଦେଓଗାଁ,୧୦।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ୧୨ନଂ ଜୋନ ବନ୍ଧପଡାରେ ଶନିବାର ପୂର୍ବାହ୍ନରେ ବ୍ଲକ ବିଜେଡି ତରଫରୁ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଗୋପାଳ ମିଶ୍ର, ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ମଧୁସୂଦନ ସିଂ ନିନା, ଅଚ୍ୟୁତ ମିଶ୍ର, ଶ୍ୟାମସୁନ୍ଦର ଦାଶ, ଦୀପକ ବେହେରା, ଶିବ ବେହେରା, ରାମ ନାଏକ, ଜିତେନ୍ଦ୍ର ସ୍ୱାଇଁ, ବୁଦ୍ଧଦେବ ପରୁଆ ପ୍ରମୁଖ ଯୋଗଦେଇଥିଲେ । ପରେ ଦଳୀୟ କର୍ମୀମାନେ ସ୍ଥାନୀୟ ଗ୍ରାମବାସୀ ଓ ବନ୍ଧପଡା ମାର୍କେଟର ସମସ୍ତ ଦୋକାନୀଙ୍କୁ ସଚେତନ କରିବା ସହ ସମସ୍ତଙ୍କୁ ମାସ୍କ ବଣ୍ଟନ କରିଥିଲେ।

## ନାରୀ ସୁରକ୍ଷା, ମଦ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

**ମୁରିବାହାଲ, ୧୦।୧୦(ଡି.ଏନ.ଏ)**


ବୈଠକରେ ଉପସ୍ଥିତ କନ୍ଧ ସମାଜର କର୍ମକର୍ତ୍ତା।

**କନ୍ଧ ସମାଜ ଯୁବ ସଂଗଠନର ବୈଠକ**

ବଲାଙ୍ଗୀର ଜିଲା କନ୍ଧ ସମାଜ ଯୁବ ସଂଗଠନର ସାଙ୍ଗଠନିକ ବୈଠକ ମୁରିବାହାଲ ବ୍ଲକ ଟୁପାଉଡାରଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କନ୍ଧ ସମାଜ ଯୁବ ସଂଗଠନ ସଭାପତି ଦୁଶିମଣୀ ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା କନ୍ଧ ସମାଜ ଯୁବ ସଂଗଠନ ସଭାପତି ସୁରେଶ ଭୋଇ ମୁଖ୍ୟଅତିଥି, ମୁଖ୍ୟବକ୍ତାଭାବେ ସମାଜର ଜିଲା ସାଧାରଣ ସମ୍ପାଦକ ଡିଙ୍ଗର ଭୋଇ ଯୋଗଦେଇ ନାରୀ ସୁରକ୍ଷା ସାଙ୍ଗକୁ ସାମାଜିକ କାର୍ଯ୍ୟକ୍ରମରେ ମଦ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସାମ୍ମାନୀତ ଅତିଥିଭାବେ ଯୁବ କନ୍ଧ ସମାଜ ଜିଲା ଉପସଭାପତି ଧନେଶ୍ୱର ମାଝୀ, ଦୈତାରୀ ଭୋଇ, ଖୁସିରାମ ଜାନୀ, ଜିଲା ମହିଳା ନେତ୍ରୀ କିରଣ ଭୋଇ, ବନିତା ପ୍ରଧାନୀ, ବ୍ରଜ ଭୋଇ ପ୍ରମୁଖ ମଞ୍ଚାସୀନ ରହି କନ୍ଧ ସମାଜର ଉନ୍ନତିକଳ୍ପେ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ଜିଲାର ପ୍ରତ୍ୟେକ ପଞ୍ଚାୟତରେ କମିଟି ଗଠନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବ୍ଲକ ସମ୍ପାଦକ ଗୋପାଳ ସିଂଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକଙ୍କୁ ସଚେତନ କଲେ ମନ୍ତ୍ରୀ


ମାସ୍କ ପିନ୍ଧାଇ ଲୋକଙ୍କୁ ସଚେତନ କରୁଛନ୍ତି ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର।

**ଜୁନାଗଡ଼,୧୦।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକର ମୁଣ୍ଡରାଗୁଡା, ଦାସିଗାଁ, ପୁରଣାସର, କୋଲିଗାଁ, ବଣିଜରା, ଚିଲକପୁର ଓ ବୁଢ଼ୀପଦର ଗାଁରେ ଶନିବାର କୋଭିଡ୍ ଉପରେ ଲୋକଙ୍କୁ ସଚେତନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ କରୋନା ଉପରେ ଲୋକଙ୍କୁ ସଚେତନତ କରିଛନ୍ତି।

## ହୀରାକୁଦ କଲେଜକୁ ଉପଜିଲାପାଳଙ୍କ ପରିଦର୍ଶନ

**ସମ୍ବଲପୁର,୧୦।୧୦(ବ୍ୟୁରୋ)**

ସମ୍ବଲପୁର ହୀରାକୁଦ କଲେଜକୁ ଉପଜିଲାପାଳ ତଥା କଲେଜ ସଭାପତି ସୂର୍ଯ୍ୟବଂଶୀ ମୟୂର ବିକାଶ ଶୁକ୍ରବାର ଗସ୍ତ କରି କଲେଜରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାମ, ସମସ୍ୟା ଉପରେ ଅଧ୍ୟକ୍ଷ ଅଶ୍ୱିନୀ ସୂପକାରଙ୍କ ସହ ଆଲୋଚନା କରିଛନ୍ତି । ସେ କଲେଜ ପଡିଆ, ଅଧାପନ୍ତରିଆ ହୋଇପଡିଥିବା ପାଚେରି, ଛାତ୍ରୀ ନିବାସ, ଗ୍ରନ୍ଥାଗାର, କଲେଜର ଜବରଦଖଲ ହୋଇଥିବା ଜମିକୁ ବୁଲି ଦେଖିଥିଲେ। ଉପଜିଲାପାଳ କଲେଜର ଅନୁଦାନ ଓ ତାହା ଖର୍ଚ୍ଚ ବାବଦରେ ସୁମିତ୍ରା ପଣ୍ଡାଙ୍କ ସହ ଆଲୋଚନା କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପୂର୍ବରୁ ପରିଚାଳନା ସମିତି ଦ୍ୱାରା ପାରିତ ହୋଇଥିବା ପ୍ରସ୍ତାବଗୁଡିକ ଯାଞ୍ଚ କରିଥିଲେ। କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠି ଜମା ଓ କଲେଜରେ ଥିବା ବିଭିନ୍ନ ସମସ୍ୟାକୁ ନେଇ ଉପଜିଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଅଧ୍ୟାପକ ଓ କର୍ମଚାରୀମାନଙ୍କ ସହ ଆଲୋଚନା କରି ଅନ୍‌ଲାଇନ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ ।

## ସରୋଜଙ୍କୁ ବଢ଼ିଲା ସହଯୋଗର ହାତ

**ବରଗଡ଼ ଅଫିସ୍,୧୦।୧୦**



ସ୍ୱେଚ୍ଛାସେବୀମାନେ ସରୋଜଙ୍କ ପରିବାର ଲୋକଙ୍କୁ ଭେଟୁଛନ୍ତି ।

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ରାଇଶୋଭା ଗ୍ରାମର ମଙ୍ଗଲୁଙ୍କ ଶିଶୁପୁତ୍ର ସରୋଜଙ୍କ ଅଣ୍ଟାରେ ଜନ୍ମରୁ ଏକ ମାଂସ ପିଣ୍ଡୁଳା ବଢ଼ି ଚାଲିଛି । ମାଂସ ପିଣ୍ଡୁଳା ଯେତିକି ବଢୁଛି ଶିଶୁପୁତ୍ରର ଯନ୍ତ୍ରଣା ମଧ୍ୟ ସେଭଳି ବଢୁଛି। ନିହାତି ଗରିବ ଶ୍ରେଣୀର ହୋଇଥିବାରୁ ପରିବାର ଲୋକେ ପୁଅର ଚିକିତ୍ସା ପାଇଁ ଅର୍ଥ ଯୋଗାଡ଼ କରି ପାରୁନାହାନ୍ତି। ଏ ନେଇ ଗତ ୬ତାରିଖ ଧରିତ୍ରୀରେ ଅସହ୍ୟ ହେଉଛି ଯନ୍ତ୍ରଣା ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଶିଶୁପୁତ୍ର ସରୋଜଙ୍କୁ ସହଯୋଗର ହାତ ବଢିଛି। ପଶ୍ଚିମ ଓଡ଼ିଶା ଯୁବାମଞ୍ଚ, ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ସରୋଜଙ୍କ ଚିକିତ୍ସା ପାଇଁ ସହାୟତା କରିବାକୁ ପରିବାର ଲୋକଙ୍କୁ ଆଶ୍ୱାସନା ଦେଇଛନ୍ତି । ସେହିପରି ଶନିବାର ଜନକଲ୍ୟାଣ ସେବା ଟ୍ରଷ୍ଟର ସ୍ୱେଚ୍ଛାସେବୀମାନେ ସରୋଜଙ୍କ ପାଖକୁ ଶୁଖିଲା ଖାଦ୍ୟ ଧରି ପହଞ୍ଚିଥିଲେ। ଚିକିତ୍ସା ପାଇଁ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦେବେ ବୋଲି ଏହି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି । ଅନୁଷ୍ଠାନର ମହିଳା ପ୍ରମୁଖ ମେନକା ବାଗ, ସଭାପତି ମୁକୁନ୍ଦ ଦାଶ, ସହ ସଭାନେତ୍ରୀ ରୀତା ବିଭାର ପ୍ରମୁଖ ସରୋଜ ଏବଂ ପରିବାର ଲୋକଙ୍କୁ ଭେଟିଥିଲେ। ସେହିପରି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ସାମାଜିକ କର୍ମୀ ଦିବସ କୁମାର ସାହୁ ଟୁଇଟ୍ କରିବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଶିଶୁପୁତ୍ରର ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଭଟଲି ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଡାକ୍ତରୀ ଟିମ୍ ସରୋଜଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଛନ୍ତି ।

## ଡାକ୍ତର ପଦ ଖାଲି

**ଲାଠୋର,୧୦।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲାଠୋର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୧୮ ମାସ ହେବ ଏମ୍‌ବିବିଏସ ଡାକ୍ତର ପଦ ଖାଲି ପଡିଛି। ଫଳରେ ଏଠାକୁ ଆସୁଥିବା ରୋଗୀ ହଇରାଣ ହେଉଛନ୍ତି। ସରକାରୀ ଔଷଧ ପାଇ ନ ପାରି ବାହାରୁ ଔଷଧ କିଣିବାକୁ ପଡୁଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଅଞ୍ଚଳର ୫୦ଖଣ୍ଡ ଗ୍ରାମର ଅଧିବାସୀ ନିର୍ଭର କରନ୍ତି। ପ୍ରାୟ ୧୮ ମାସ ହେବ ଏଠାରେ କାର୍ଯ୍ୟରତ ଏମ୍‌ବିବିଏସ୍ ଡାକ୍ତରଙ୍କ ଅନ୍ୟତ୍ର ବଦଳି ହୋଇଛି। ସେବେଠୁ ଏଠାରେ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି ଦିଆଯାଇନି। ଜଣେ ଆୟୁଷ ଡାକ୍ତରଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱ ଦିଆଯାଇଛି। ତେବେ ଏହି ଆୟୁଷ ଡାକ୍ତର ମଧ କୋଭିଡ୍ ଆକ୍ରାନ୍ତ ହେବାରୁ ପ୍ରାୟ ୨୦ ଦିନ ହେବ ସେ ଅନୁପସ୍ଥିତ ଅଛନ୍ତି। ସରକାର ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଔଷଧ ମାଗଣାରେ ଯୋଗାଇ ଦେଉଛନ୍ତି। ହେଲେ ଏଠାରେ ଡାକ୍ତର ନ ଥିବାରୁ ବିଶେଷ କରି ଉଚ୍ଚ ରକ୍ତଚାପ ଏବଂ ମଧୁମେହ ରୋଗୀ ଔଷଧ ପାଇ ପାରୁନାହାନ୍ତି।

## ବନ ଅଧିକାରୀଙ୍କଠାରୁ ଛଡ଼ାଇନେଲେ ଜବତ ପଟା

**ନୟାଗଡ଼ ଅଫିସ:** ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜର ଦୁଆର ଗାଁରେ ଜଣଙ୍କ ଘର ଉପରେ ଶନିବାର ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୯୧ଖଣ୍ଡ ଶାଗୁଆନ ପଟା ଜବତ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଡିଏଫଓ, ଏସିଏଫ ଓ ରେଞ୍ଜରଙ୍କୁ କେତେଜଣ ଲୋକ ଘେରାଉ କରି ଜବତ ପଟାକୁ ଛଡାଇ ନେଇଥିଲେ। ଏପରି କି ବନ ଅଧିକାରୀ ଓ କର୍ମଚାରୀଙ୍କୁ ଖରାପ ବ୍ୟବହାର ଦେଖାଇଥିଲେ। ଖବର ପାଇ ଦଶପଲ୍ଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ପୋଲିସ ସହ ବନ ଅଧିକାରୀ ଚଢ଼ାଉ କରି ଉକ୍ତ ଶାଗୁଆନ ପଟା ଜବତ କରିଥିଲେ। ଘଟଣାରେ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରାଯାଇଛି।

**ସଂକ୍ଷେପରେ**

## ପୂର୍ବଶତ୍ରୁତାରୁ ଯୁବକଙ୍କୁ ଗୋଡ଼େଇ ହାଣିଲେ

**ସମ୍ବଲପୁର,୧୦।୧୦(ବ୍ୟୁରୋ):** ସମ୍ବଲପୁର ଟାଉନ ଥାନା ଅଧୀନ ହାଟପଡ଼ା କଲ୍ୟାଣ ମଣ୍ଡପ ନିକଟସ୍ଥ ଏକ ପାନ ଦୋକାନରେ ଶନିବାର ଜଣେ ଯୁବକଙ୍କୁ ହାଣି ହତ୍ୟା କରାଯାଇଛି। ୪ ଜଣ ଯୁବକ ବାବଲୁ ନାଏକ (୪୨) ନାମକ ଜଣେ ବ୍ୟକ୍ତିଙ୍କୁ ରାସ୍ତାରେ ଗୋଡ଼େଇ ଗୋଡ଼େଇ ହାଣି ହତ୍ୟା କରିଛନ୍ତି। ଅଇଁଠାପାଲି ଡାକ୍ତରଖାନାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣା ପରେ ଦାନିପାଲି ଅଞ୍ଚଳରେ ଉତ୍ତେଜନା ଲାଗି ରହଛି। ତେଣୁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ଚଢାଉ ଜାରି ରଖିଛି। ଦାନିପାଲିରେ ବାବଲୁଙ୍କ ଘର। ପୂର୍ବାହ୍ନ ପ୍ରାୟ ୧୧ଟାରେ ସେ ହାଟପଡାସ୍ଥିତ ଏକ ପାନ ଦୋକାନରେ ପହଞ୍ଚି ସିଗାରେଟ କିଣିଥିଲେ। ଏହି ସମୟରେ ବାଇକ୍‌ରେ ଆସି ସେଠାରେ ୪ ଜଣ ଯୁବକ ପହଞ୍ଚି ଥିଲେ। କିଛି ବୁଝିବା ଆଗରୁ ସେମାନେ ତାଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବାକୁ ବାବଲୁ ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ। ହେଲେ ଆକ୍ରମଣକାରୀ ତାଙ୍କୁ ଗୋଡାଇ ଗୋଡ଼ାଇ ହାଣିଥିଲେ। ବାବଲୁ ତଳେ ପଡିଯିବା ପରେ ସେମାନେ ଛାଡି ଚାଲି ଯାଇଥିଲେ। ସୂଚନା ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲା। ଗୁରୁତର ବାବଲୁଙ୍କୁ ଉଦ୍ଧାର କରି ଅଇଁଠାପାଲି ଡାକ୍ତରଖାନାକୁ ନେଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ୨୦୦୨ ଏପ୍ରିଲ ୧୦ରେ ଦାନିପାଲି ଅଞ୍ଚଳରେ ଟିମା ବାଗ ନାମକ ଜଣେ ବ୍ୟକ୍ତିଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ବାବଲୁ ଓ ତାଙ୍କ ଭାଇଙ୍କ ସମ୍ପୃକ୍ତି ରହିଥିଲା। ବାବଲୁ ଜେଲ୍ ଯାଇଥିଲେ। ତାଙ୍କ ଭାଇଙ୍କ ମୃତ୍ୟୁ ଘଟି ସାରିଛି। ତେଣୁ ୧୮ ବର୍ଷର ପୂର୍ବ ଶତ୍ରୁତାକୁ ନେଇ ଅପରପକ୍ଷ ଏହି କାଣ୍ଡ ଘଟାଇଥିବା ପୋଲିସ କହିଛି।

# ଭଙ୍ଗା କୁଡୁଆରେ ଅବଢ଼ା ଖାଇଲେ

**କାଳିଆ ପ୍ରେମରେ ବିଦେଶୀ**



**ପୁରୀ ଅଫିସ,୧୦।୧୦**

ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଆଖି ପୂରେଇ ଦେଖିବାର ସୁଯୋଗ ନାହିଁ। ସାତଦରିଆ ପାରି ହୋଇ ଶ୍ରୀକ୍ଷେତ୍ରକୁ ଆସିଥିଲେ ବି ବାଇଶି ପାହାଚରେ ସେମାନଙ୍କୁ ପାଦ ପକାଇବା ମନା। ଚକା ଆଖି ସହ ଆଖି ମିଶାଇବା ସୁଯୋଗ ନ ଥାଉ ବରଂ ମହାପ୍ରଭୁଙ୍କ ମହାପ୍ରସାଦରେ କିନ୍ତୁ ସେମାନେ ମନ ବୁଝାଇଛନ୍ତି। ମହାପ୍ରସାଦ ସେବନ କରି ଭାବ ଓ ଭକ୍ତିରେ କଳା ଠାକୁରଙ୍କ ସାନ୍ନିଧ୍ୟ ଲାଭ କରିଛନ୍ତି। ଏମିତି ଦୁଇଜଣ ବିଦେଶୀ ଜଗନ୍ନାଥପ୍ରେମୀ ଭକ୍ତଙ୍କୁ ଶନିବାର ଶ୍ରୀମନ୍ଦିର ଉତ୍ତର ଦ୍ୱାରରେ ଦେଖିବାକୁ ମିଳିଥିଲା। ଏହି ଦୁଇ ବିଦେଶୀ ଭକ୍ତ ତଳେ ବସି ଆନନ୍ଦରେ ଭଙ୍ଗା କୁଡୁଆରେ ଖାଉଥିଲେ ଅବଢା। ଯିଏ ଦେଖୁଥିଲା ଆପେ ଆପେ ପାଟିରୁ ବାହାରି ଆସୁଥିଲା କାଳିଆ ପ୍ରେମରେ ବନ୍ଧା ବିଦେଶୀ।

ବିଶ୍ୱାସ ରହିଛି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କଲେ ଯେତିକି ପୁଣ୍ୟ ମିଳେ ମହାପ୍ରସାଦ ସେବନରେ ସେତିକି ପୁଣ୍ୟପ୍ରାପ୍ତି ହୋଇଥାଏ। ତେଣୁ ବିଦେଶୀ ଭକ୍ତମାନେ ଅବଢା ପାଇବାର ସୁଯୋଗ ପାଇଲେ ବେଶ୍ ଆନନ୍ଦିତ ହୋଇଥାନ୍ତି। ଶନିବାର ଋଷିଆର ଦୁଇଜଣ ଜଗନ୍ନାଥପ୍ରେମୀ ଭକ୍ତ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ଦୂରରୁ ପତିତପାବନଙ୍କୁ ଦର୍ଶନ କରିବା ପରେ ଉତ୍ତର ଦ୍ୱାରକୁ ଯାଇଥିଲେ। ସେଠାରୁ ଅବଢା ସଂଗ୍ରହ କରି ନିକଟସ୍ଥ ପାଥ୍ ୱେରେ ବସି ଭଙ୍ଗା କୁଡୁଆରେ ସେବନ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ହୃଦୟରେ ଅଛନ୍ତି। ମନ୍ଦିରକୁ ନ ଯାଇପାରନ୍ତୁ ବରଂ କିନ୍ତୁ ସେମାନେ ଭାବ, ଭକ୍ତିରେ ଠାକୁରଙ୍କୁ ସ୍ମରଣ କରିଛନ୍ତି। ମହାପ୍ରସାଦ ସେବନ କରି ନିଜକୁ ଧନ୍ୟ ମନେକରିବା ସହ ଆତ୍ମତୃପ୍ତି ଲାଭ କରିଥିବା ଏହି ଦୁଇ ବିଦେଶୀ ଜଗନ୍ନାଥପ୍ରେମୀ ଭକ୍ତ କହିଛନ୍ତି।

# ପ୍ରତିକାତ୍ମକ ଅନ୍ତିମ ସଂସ୍କାର କଲେ ପରିବାର

**ପେଟ୍ରୋଲ ପମ୍ପ ବିସ୍ଫୋରଣ ପରେ ସୀମାଞ୍ଚଳଙ୍କ ମିଳିନି ପତ୍ତା**

**ଆସିକା,୧୦।୧୦(ଡି.ଏନ୍.ଏ.)**

ଭୁବନେଶ୍ୱର ରାଜଭବନ ନିକଟ ପେଟ୍ରୋଲ୍ ପମ୍ପରେ ଗତ ବୁଧବାର ଘଟିଥିବା ବିସ୍ଫୋରଣ ପରଠାରୁ ଗଞ୍ଜାମ ଜିଲା ଆସିକା ବ୍ଲକ ଗହଙ୍ଗୁ ଗ୍ରାମର ସୀମାଞ୍ଚଳ ପରିଡାଙ୍କ କୌଣସି ଖୋଜଖବର ମିଳୁନି। ଡିପ୍ଲୋମା ଇଂଜିନିୟର ସୀମାଞ୍ଚଳ ଉକ୍ତ ପେଟ୍ରୋଲ୍ ପମ୍ପର ଏଲ୍‌ପିଜି ମେଣ୍ଟେନାନ୍ସ କାର୍ଯ୍ୟରେ ନିୟୋଜିତ ଥିଲେ।

ସେ ମୃତ କି ଜୀବିତ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ହେଲେ ପରିବାର ଲୋକେ ସୀମାଞ୍ଚଳଙ୍କ ମୃତ୍ୟୁ ଆଶଙ୍କାରେ ନିଶ୍ଚିତ ହୋଇ ଶୁକ୍ରବାର ପ୍ରତିକାତ୍ମକ ଭାବେ ତାଙ୍କର ଅନ୍ତିମ ସଂସ୍କାର କରିଛନ୍ତି। ଏକ ନଡାବିଡ଼ାକୁ ନୂଆ ଲୁଗା ଘୋଡାଇ ତାହାକୁ ମୃତଦେହ ଭାବି କୋକେଇରେ ବାନ୍ଧି ଆତ୍ମୀୟଙ୍କ ଗହଣରେ ଗାଁ ଶ୍ମଶାନରେ ସତ୍କାର କରାଯାଇଛି। ପରିବାର ପକ୍ଷରୁ ଶୁଦ୍ଧିକ୍ରିୟା କାର୍ଯ୍ୟ ଯଥାରିତି ଚାଲୁ ରହିଛି।

ପଟ୍ରୋଲ ପମ୍ପ ବିସ୍ଫୋରଣ ପରେ ସୀମାଞ୍ଚଳଙ୍କ ପରିବାର ସଦସ୍ୟ ଭୁବନେଶ୍ୱର ଯାଇ ବିଭିନ୍ନ ହସ୍ପିଟାଲରେ ଖୋଜାଖୋଜି କରିଥିଲେ। କୌଣସିଠାରେ ତାଙ୍କ ପତ୍ତା ନ ମିଳିବାରୁ ଥାନାରେ ଏକ ନିଖୋଜ ମାମଲା ରୁଜୁ କରି ଶୁକ୍ରବାର ଭୋର୍‌ରେ ଗ୍ରାମକୁ ଆସିଥିଲେ। ବିସ୍ଫୋରଣସ୍ଥଳରୁ ସୀମାଞ୍ଚଳଙ୍କ ଏଟିଏମ କାର୍ଡ, ମନିପର୍ସ, ଜୋତା ଆଦି ମିଳିଥିଲା। ତେଣୁ ପରିବାର ଲୋକେ ସୀମାଞ୍ଚଳଙ୍କ ମୃତ୍ୟୁ ହୋଇଥିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛନ୍ତି। ଗହଙ୍ଗୁ ଗ୍ରାମର ତ୍ରିନାଥ ପରିଡାଙ୍କ ଏକମାତ୍ର ପୁଅ ଥିଲେ ସୀମାଞ୍ଚଳ। ତାଙ୍କର ୬ ଭଉଣୀ। ଗୋଟିଏ ୭ ବର୍ଷର ପୁଅ ଓ ୪ ବର୍ଷର ଝିଅ ଅଛି। ଇଲୋକ୍ଟ୍ରୋନିକ୍ସରେ ଡିପ୍ଲୋମା କରି ସୀମାଞ୍ଚଳ କଲିକତା ଯାଇ ସେଠାରେ ପରିବାର ସହ ରହୁଥିଲେ। ଗତ ୧୦ ବର୍ଷ ହେଲା ସେ ବିଭିନ୍ନ ପେଟ୍ରୋଲ ପମ୍ପ ମେଣ୍ଟେନାନ୍ସ କାର୍ଯ୍ୟ କରି ଆସୁଥିଲେ। ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସହାୟତା ଯୋଗାଇ ଦେବାକୁ ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ସୂଚନାଯୋଗ୍ୟ, ପେଟ୍ରୋଲ ପମ୍ପ ବିସ୍ଫୋରଣରେ ସୀମାଞ୍ଚଳଙ୍କ ଅନ୍ୟଜଣେ ସହଯୋଗୀ ତଥା ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବା ଆସିକା ଏନ୍‌ଏସି ରଘୁନାଥ ନଗରର ସଦାନନ୍ଦ ନାୟକଙ୍କ ଗୁରୁବାର କଟକ ବଡ ମେଡିକାଲରେ ମୃତ୍ୟୁ ଘଟିଛି।



ମୃତଦେହ ମିଳି ନ ଥିବାରୁ ନଡ଼ାକୁ ମୃତଦେହ ଭାବେ କୋକେଇରେ ରଖାଯାଇଛି।

# କ୍ଷମା ମାଗିଲେ ବିଧାୟକ ଉମା ସାମନ୍ତରାୟ

**କୋଭିଡ୍ ଆଇନ ଉଲ୍ଲଂଘନ ପ୍ରସଙ୍ଗ**

**ପୋଲିସ ପଠାଇଲା କାରଣ ଦର୍ଶାଅ ନୋଟିସ**

**ପୁରୀ ଅଫିସ, ୧୦।୧୦**

କୋଭିଡ୍ ଆଇନ ଉଲ୍ଲଂଘନ କରିଥିବାରୁ ଶେଷରେ କ୍ଷମା ମାଗିଛନ୍ତି ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ। ଶନିବାର ବିଧାୟକ ସାମନ୍ତରାୟ କହିଛନ୍ତି, କରୋନା ସଂକ୍ରମିତ ଥାଇ ସ୍ୱର୍ଗଦ୍ୱାରରେ ପହଞ୍ଚିବା ମୋର ଭୁଲ୍ ଥିଲା। ପୂର୍ବତନ ମନ୍ତ୍ରୀ ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ବିୟୋଗରେ ଭାବବିହ୍ୱଳ ହୋଇ ସ୍ୱର୍ଗଦ୍ୱାରକୁ ଯାଇଥିଲି। ସଂକ୍ରମିତ ଥାଇ ସ୍ୱର୍ଗଦ୍ୱାରକୁ ଯିବା ସମ୍ପୂର୍ଣ୍ଣ ଭୁଲ୍। ସରକାରଙ୍କ ଆଇନର ଉର୍ଦ୍ଧ୍ୱରେ କେହି ନୁହଁନ୍ତି। ଆଇନଗତ ଭାବେ ମୋ ପ୍ରତି ଯେଉଁ ପଦକ୍ଷେପ ଗ୍ରହଣ କରାଯିବ ତାକୁ ମାନିବାକୁ ପ୍ରସ୍ତୁତ। ମୁଁ କରିଥିବା ଭୁଲ୍ ପାଇଁ ସମସ୍ତଙ୍କ ପାଖରେ କ୍ଷମାପ୍ରାର୍ଥନା କରୁଛି ବୋଲି ବିଧାୟକ କହିଛନ୍ତି। ଅନ୍ୟପକ୍ଷରେ ଶନିବାର ସମୁଦ୍ରକୂଳ ଥାନା ପୋଲିସ ବିଧାୟକ ସାମନ୍ତରାୟଙ୍କୁ କାରଣ ଦର୍ଶାଅ ନୋଟିସ କରିଛି। ତାଙ୍କ ଓକିଲ ସହ ପରାମର୍ଶ କରି ସେ ପଦକ୍ଷେପ ନେବେ ବୋଲି ବିଧାୟକ ଗଣମାଧ୍ୟମକୁ କହିଛନ୍ତି।

ସୂଚନାଯୋଗ୍ୟ, ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ବିଧାୟକ ସାମନ୍ତରାୟ କୋଭିଡ୍ ଆଇନ ଉଲ୍ଲଂଘନ କରିଥିବା ନେଇ ଗତ ରବିବାର ସମୁଦ୍ରକୂଳ ଥାନାରେ ଏତଲା ଦିଆଯାଇଥିଲା। ଏହି ଦୁଇ ଜନପ୍ରତିନିଧି କରୋନା ପଜିଟିଭ ଚିହ୍ନଟ ହୋଇଥିଲେ ହେଁ ମହାରଥୀଙ୍କ ଶେଷକୃତ୍ୟରେ ସାମିଲ ହୋଇଥିଲେ। ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଲାଗି ଶ୍ରୀଜଗନ୍ନାଥ ସେନା ଏବଂ ପୁରୀ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ପ୍ରଥମେ ସମୁଦ୍ରକୂଳ ଥାନାରେ ଏତଲା ଓ ପରେ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗତ ଗୁରୁବାର ରାଜ୍ୟପାଳଙ୍କୁ ଫେରାଦ ହୋଇଥିଲା ଶ୍ରୀଜଗନ୍ନାଥ ସେନା। ଶୁକ୍ରବାର ବିଧାୟକ ସାମନ୍ତରାୟଙ୍କ ନାଁରେ ସମୁଦ୍ରକୂଳ ଥାନାରେ ଏପିଡେମିକ ଆକ୍ଟରେ ଏକ ମାମଲା (ନଂ.୧୬୧/୨୦) ରୁଜୁ ହୋଇଥିଲା। ନିୟମାନୁଯାୟୀ ମନ୍ତ୍ରୀ ଦାଶ କୋଭିଡ୍ ଆଇନ ଉଲ୍ଲଂଘନ କରି ନ ଥିବା ଏସ୍‌ପି ଅଖିଳେଶ୍ୱର ସିଂ କହିଛନ୍ତି।

## ୧୧ ଜିଲାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୦।୧୦(ବ୍ୟୁରୋ)**

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଜପତି, ଗଞ୍ଜାମ, କୋରାପୁଟ, ମାଲକାନଗିରି, ରାୟଗଡ଼ା, ପୁରୀ, ଜଗତ୍‌ସିଂହପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ କେନ୍ଦୁଝର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୨ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ପୁରୀ ଏବଂ ଗଜପତି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ୟେଲୋ ୱାର୍ନିଂ ଜାରି କରିଛି। ଏଥିସହିତ ଆସନ୍ତା ୧୩ ଓ ୧୪ ତାରିଖରେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

## ଚୌଦ୍ୱାର ଜେଲର ୬୩ କଏଦୀ ପଜିଟିଭ୍

**ଚୌଦ୍ୱାର,୧୦।୧୦(ଡି.ଏନ୍.ଏ.)**

ଚୌଦ୍ୱାର ସର୍କଲ ଜେଲର ୬୩ଜଣ କଏଦୀ ଶନିବାର କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସମସ୍ତ ସଂକ୍ରମିତଙ୍କୁ ଆଇସୋଲେଶନ ୱାର୍ଡରେ ରଖାଯାଇଛି। ଆବଶ୍ୟକ ଔଷଧ ଯୋଗାଇଦିଆଯିବା ସହ ଚିକିତ୍ସା କରାଯାଉଛି ବୋଲି ବୋଲି ଜେଲ ଅଧୀକ୍ଷକ ଶୁଭକାନ୍ତ ମିଶ୍ର କହିଛନ୍ତି।

## ନଦୀରୁ ଇଞ୍ଜିନିୟରଙ୍କ ମୃତଦେହ ଉଦ୍ଧାର

**ରାୟଗଡ଼ା ଅଫିସ,୧୦।୧୦**

ରାୟଗଡ଼ା ଜିଲା ମଧ୍ୟ ଦେଇ ପ୍ରବାହିତ ଝଞ୍ଜାବତୀ ନଦୀରୁ ଶନିବାର ଜଣେ ଯୁବ ଇଞ୍ଜିନିୟରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ରାୟଗଡ଼ା ସହରସ୍ଥିତ ରଇତ କଲୋନୀର ଏମ୍. ଶଙ୍କର ରାଓଙ୍କ ପୁଅ ଏମ୍. ଉଦୟ(୨୮) ଜିଲା ଜେକେ କାଗଜକଳରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ସେ ଗୁରୁବାରଠାରୁ ଘରୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ବିଫଳ ହୋଇଥିଲେ। ଉଦୟଙ୍କ ନିଖୋଜ ନେଇ ଭାଇ ଏମ୍. ପ୍ରବୀଣ କୁମାର ଶନିବାର ଟାଉନ୍ ଥାନାରେ ଏତଲା ଦେଇଥିଲେ। ତେବେ ରାମଚନ୍ଦ୍ରପୁର ନିକଟ ନଦୀରେ ଏକ ମୃତଦେହ ଭାସୁଥିବା ସୂଚନା ପାଇ ପୋଲିସ ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହ ଉଦ୍ଧାର କରିଥିଲା। ପରେ ଉକ୍ତ ମୃତଦେହ ଉଦୟଙ୍କର ବୋଲି ଚିହ୍ନଟ କରାଯାଇଥିଲା। ହେଲେ ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ସୂଚନା ମିଳିଛି।

**ପ୍ରଥମ ପୃଷ୍ଠାରୁ...**

## ମୋରାଟୋରିୟମ ବଢ଼ିଲେ...

କେନ୍ଦ୍ର ପୂର୍ବରୁ ଉତ୍ତର ରଖିସାରିଛି। ମହାମାରୀ କରୋନା ଯୋଗୁ ଲୋକଙ୍କ ରୋଜଗାର ବର୍ତ୍ତମାନ ସଙ୍କଟରେ ରହିଛି। ଏଭଳି ସ୍ଥିତିରେ ଗତ ମାସରେ ଏକ ଆବେଦନର ବିଚାରକରି ସୁପ୍ରିମକୋର୍ଟ ବ୍ୟାଙ୍କଗୁଡିକୁ ଆକାଉଣ୍ଟ ଏନ୍‌ପିଏ ଘୋଷଣା ନ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ସରକାର ୬ ମାସର ମୋରାଟୋରିୟମ ଏବଂ ଏକକ ଋଣ ପୁନର୍ଗଠନ ସୁବିଧା ଘୋଷଣା କରିଛନ୍ତି। ମୋରାଟୋରିୟମ ଅବଧି ଅଗଷ୍ଟ ଶେଷ ଯାଏ ରହିଥିଲା। ସେହିଭଳି ବର୍ତ୍ତମାନ ଋଣ ପୁନର୍ଗଠନ ସୁବିଧା ପ୍ରଦାନ କରାଯାଉଛି। ଏହାବାଦ ୨ କୋଟି ଟଙ୍କାର ଋଣ ଉପରେ ଲାଗୁ ହେଉଥିବା ସୁଧର ସୁଧ ଭାର ବହନ କରିବାକୁ କେନ୍ଦ୍ର ସରକାର ରାଜି ଅଛନ୍ତି। ଆସନ୍ତା ୧୩ ତାରିଖରେ ଏହି ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ଧାର୍ଯ୍ୟ କରିଛନ୍ତି।

## ବଳାତ୍କାର ତଦନ୍ତ...

ମହିଳାଙ୍କୁ ଯୌନ ନିର୍ଯାତନା ସହ ଜଡିତ ଆଇନ ତଥା ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ଏବଂ ଏଥିରେ ତ୍ରୁଟି ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ଶନିବାର ଜାରି କରାଯାଇଥିବା ଆଡଭାଇଜରିରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଅପରାଧ ଦଣ୍ଡ ସଂହିତା(ସିଆର୍‌ପିସି) ଅନୁଯାୟୀ କେତେକ ପଦକ୍ଷେପକୁ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ମହିଳାଙ୍କ ପ୍ରତି ଯୌନ ଅପରାଧ ସମ୍ବନ୍ଧୀୟ ଅଭିଯୋଗ ଉପରେ ବାଧ୍ୟତାମୂଳକ ଭାବେ ଏଫ୍‌ଆଇଆର ପଞ୍ଜୀକରଣ କରିବାକୁ ରାଜ୍ୟଗୁଡ଼ିକୁ କୁହାଯାଇଛି। ଏପରି କି କୌଣସି ଥାନାର ସୀମା ବାହାରେ ଘଟୁଥିବା ଅପରାଧ ସମ୍ପର୍କରେ ସୂଚନା ମିଳିଲେ 'ଜିରୋ ଏଫ୍‌ଆଇଆର୍' କରିବା ପାଇଁ ପୋଲିସକୁ ଆଇନ କ୍ଷମତା ଦେଇଥିବା ଦର୍ଶାଯାଇଛି। ଆଡଭାଇଜରିରେ ଆଉ ୨ଟି ବାଧ୍ୟତାମୂଳକ ପଦକ୍ଷେପକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ତାହା ହେଲା ବଳାତ୍କାର କିମ୍ବା ଯୌନ ନିର୍ଯାତନା ମାମଲାର ତଦନ୍ତ ୬୦ ଦିନ ମଧ୍ୟରେ ଶେଷ କରିବା ଏବଂ ପୀଡ଼ିତାଙ୍କ ସହମତି ଅନୁଯାୟୀ ୨୪ ଘଣ୍ଟା ମଧ୍ୟରେ ତାଙ୍କର ଡାକ୍ତରୀ ପରୀକ୍ଷା କରିବା। ଏହାସହ ଫରେନସିକ ପରୀକ୍ଷା ପାଇଁ ଆବଶ୍ୟକ ପ୍ରମାଣ ନିମନ୍ତେ ଯୌନ ନିର୍ଯାତନା ପ୍ରମାଣ ସଂଗ୍ରହ (ଏସ୍‌ଏଇସି) କିଟ୍ ବ୍ୟବହାର ଏବଂ ବାରମ୍ବାର ଯୌନ ଅପରାଧ ଘଟାଉଥିବା ବ୍ୟକ୍ତିଙ୍କୁ ଚିହ୍ନଟ ଓ ଠାବ କରିବା ଲାଗି ଉର୍ଦ୍ଦିଷ୍ଟ ଜାତୀୟ ଡାଟାବେସ୍(ଆଇଟିଏସ୍‌ଏସ୍‌ଓ)କୁ ବ୍ୟବହାର କରିବାକୁ ରାଜ୍ୟଗୁଡ଼ିକୁ କୁହାଯାଇଛି।

ମହିଳାଙ୍କ ସୁରକ୍ଷାକୁ ନେଇ ଅନ୍ୟ ରାଜ୍ୟରେ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଛି। ଗତ ସପ୍ତାହରେ ଝାଡଖଣ୍ଡ ହାଇକୋର୍ଟ ୧୫ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ଦୁର୍ବଳ ତଦନ୍ତ ପାଇଁ ରାଜ୍ୟ ପୋଲିସକୁ ତାଗିଦ କରିଥିଲେ। ଗତ ମାସରେ ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନ୍‌ସିଆରବି) ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ୨୦୧୯ରେ ଭାରତରେ ପ୍ରତିଦିନ ହାରାହାରି ୮୭ଟି ବଳାତ୍କାର ମାମଲା ରେକର୍ଡ କରାଯାଇଥିଲା, ଯାହା ୨୦୧୮ଠାରୁ ୭%ରୁ ଅଧିକ। ୨୦୧୮ରେ ମଧ୍ୟ ଏଭଳି ମାମଲା ପୂର୍ବ ବର୍ଷ ତୁଳନାରେ ବୃଦ୍ଧି ପାଇଥିଲା। ୨୦୧୭ରେ ୩୨,୫୫୯ ମାମଲା ଏବଂ ୨୦୧୮ରେ ୩୩,୩୫୬ ବଳାତ୍କାର ମାମଲା ଦେଶରେ ରୁଜୁ ହୋଇଥିଲା।

କେନ୍ଦ୍ରର ଆଡଭାଇଜରିରେ ଦର୍ଶାଯାଇଛି ଯେ, ଦେଶରେ ଆପରାଧିକ ମାମଲା, ବିଶେଷକରି ମହିଳା ବିରୋଧୀ ମାମଲାରେ ନ୍ୟାୟ ଦେବା ଲାଗି ଆଇନରେ କଠୋର ବ୍ୟବସ୍ଥା ଏବଂ ଅନେକ ଦକ୍ଷତା ବିକାଶମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। କିନ୍ତୁ ଏ ଦିଗରେ ବାଧ୍ୟତାମୂଳକ ଆବଶ୍ୟକତା ପାଳନ କରିବାରେ ପୋଲିସର ବିଫଳତା ଲୋକଙ୍କୁ ନ୍ୟାୟ ପ୍ରଦାନରେ ସହାୟକ ହେବ ନାହିଁ। ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ଆଡଭାଇଜରିରେ ଉଲ୍ଲେଖ ରହିଛି।

## ଅସୁସ୍ଥ ସ୍ତ୍ରୀଙ୍କୁ ୯୦କି.ମି....

ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ସତ୍ୟବାଦୀ ବ୍ଲକ ଦାସବିଦ୍ୟାଧରପୁର ପଞ୍ଚାୟତର କବୀର ଭୋଇଙ୍କ ସ୍ତ୍ରୀ ସୁକାନ୍ତି ଦୀର୍ଘ ଦିନ ଧରି ପେଟ ରୋଗରେ ପୀଡ଼ିତ ଥିଲେ। କବୀର ପୂର୍ବରୁ ଭୁବନେଶ୍ୱର, ପୁରୀ ଓ ସ୍ଥାନୀୟ ସାକ୍ଷୀଗୋପାଳ ଡାକ୍ତରଖାନାରେ ସୁକାନ୍ତିଙ୍କ ଚିକିତ୍ସା କରାଇଥିଲେ। କିନ୍ତୁ ସୁକାନ୍ତି ପେଟରେ ଅଧିକ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କବୀର ଶୁକ୍ରବାର ଟ୍ରଲିରେ ୧୦କି.ମି ଦୂର ସାକ୍ଷୀଗୋପାଳ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ସୁକାନ୍ତିଙ୍କ ଅବସ୍ଥା ଦେଖି ଅଧିକ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ନେଇଯିବାକୁ ଜଣେ ଡାକ୍ତର କବିରଙ୍କୁ ପରାମର୍ଶ ଦେଇଥିଲେ। କଟକ ଆସିବା ପାଇଁ କବୀର ଜଣେ ଅଟୋ ଚାଳକଙ୍କୁ ଅନୁରୋଧ କରିଥିଲେ। ହେଲେ ଅଟୋ ଚାଳକ ଏଥିପାଇଁ ୧୨୦୦ଟଙ୍କା ଭଡ଼ା କହି ଥିଲେ। ଏତେ ଟଙ୍କା ପାଖରେ ନ ଥିବାରୁ କବୀର ନିରାଶ ହୋଇଥିଲେ। ଏପରି କି ସେଠାରେ ତାଙ୍କୁ ଆମ୍ବୁଲାନ୍ସ ସୁବିଧା ମଧ୍ୟ ମିଳି ନ ଥିଲା। ତେଣୁ ନିଜ ଟ୍ରଲିରେ କବୀର ସ୍ତ୍ରୀ ସୁକାନ୍ତିଙ୍କୁ ଶୁଆଇ କଟକ ଅଭିମୁଖେ ବାହାରିଥିଲେ। ସନ୍ଧ୍ୟାରେ କଟକ ତେଲେଙ୍ଗାପେଣ୍ଠରେ ପହଞ୍ଚିବାପରେ ସାମାଜିକ କର୍ମୀଙ୍କ ନଜର ଏମାନଙ୍କ ଉପରେ ପଡ଼ିଥିଲା। ସବୁକଥା ବୁଝିବା ପରେ ସମ୍ପୃକ୍ତ ସାମାଜିକକର୍ମୀ ସେମାନଙ୍କୁ ସେଠାରେ ରାତିରେ ଖାଇବା ଓ ରହିବାର ବ୍ୟବସ୍ଥା କରାଇଥିଲେ। ଶନିବାର ସକାଳେ କବୀର ଟ୍ରଲିରେ ସ୍ତ୍ରୀଙ୍କୁ ବୋହି କଟକ ଅଭିମୁଖେ ପୁଣି ବାହାରିଥିଲେ। କଟକ ଓଏମ୍‌ପି ଛକରେ ସାମାଜିକ କର୍ମୀ ଅଭିମନ୍ୟୁ ଏହା ଦେଖି ଅଟକାଇବା ସହ ସେମାନଙ୍କୁ ଏକ ଅଟୋରେ ବଡ଼ ଡାକ୍ତରଖାନା ନେଇଥିଲେ। ସୁକାନ୍ତିଙ୍କୁ ଏସ୍‌ସିବି ମେଡିକାଲର ସର୍ଜରି ୱାର୍ଡରେ ଭର୍ତ୍ତି କରାଯାଇଥିବାବେଳେ ତାଙ୍କର ସମସ୍ତ ପ୍ରକାର ପରୀକ୍ଷା ଚାଲିଛି ବୋଲି ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା କହିଛନ୍ତି।

ଅପରପକ୍ଷରେ କବିର ପୂର୍ବରୁ ଅନେକ ଥର ସାକ୍ଷୀଗୋପାଳ ଡାକ୍ତରଖାନାରେ ସ୍ତ୍ରୀ ସୁକାନ୍ତିଙ୍କ ଚିକିତ୍ସା କରାଇଛନ୍ତି। ହେଲେ ଶୁକ୍ରବାର ସେ ଡାକ୍ତରଖାନା ଆସିଥିବା ନେଇ କୌଣସି ସୂଚନା ନାହିଁ ବୋଲି ସାକ୍ଷୀଗୋପାଳ ମେଡିକାଲ ଅଫିସର ବିଶ୍ୱଜିତ୍ ମିଶ୍ର କହିଛନ୍ତି। ଆମ୍ବୁଲାନ୍ସ ନ ମିଳିବା ସଂକ୍ରାନ୍ତରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଜାତା ମିଶ୍ର କହିଛନ୍ତି, ଅଭିଯୋଗ ବିଶ୍ୱାସଯୋଗ୍ୟ ନୁହେଁ। ଜିଲାରେ ୧୮ଟି ୧୦୨ ଆମ୍ବୁଲାନ୍ସ ରହିଛି। ଯୋଗାଯୋଗ କରିଥିଲେ ନିଶ୍ଚିତ ସେବା ମିଳିଥାନ୍ତା। ତେବେ ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ହଜାରେ ଟପିଲା...

ଶେଷ ୨୪ଘଣ୍ଟାରେ ଆଉ ୧୫ଜଣଙ୍କ ମୃତ୍ୟୁ ପରେ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୦୦୬କୁ ବୃଦ୍ଧି ପାଇଛି। ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି, କରୋନା ଭୂତାଣୁ ପୂର୍ବାପେକ୍ଷା ଅଧିକ ଘାତକ ସାଜୁଛି। ରାଜ୍ୟରେ କରୋନା ମୃତ୍ୟୁ ୫୦୦ ଟପିବା ପାଇଁ୧୪୮ ଦିନ ବା ୫ ମାସ ଲାଗିଥିଲା। କିନ୍ତୁ ଏବେ ମାତ୍ର ୪୦ଦିନରେ ଆଉ ୫୦୦ ଜଣଙ୍କ ଜୀବନ ନେଇଛି ଏହି ମହାମାରୀ। ଅଗଷ୍ଟ ଶେଷ ସୁଦ୍ଧା କରୋନା ମୃତ୍ୟୁ ସଂଖ୍ୟା ୪୯୨ ରହିଥିବାବେଳେ କେବଳ ସେପ୍ଟେମ୍ବରରେ ଆଉ ୩୫୦ଜଣଙ୍କ ମୃତ୍ୟୁ ହେବା ପରେ ଏହି ସଂଖ୍ୟା ୮୪୨ରେ ପହଞ୍ଚିଥିଲା। ଚଳିତ ମାସ ୧୦ଦିନରେ ଆଉ ୧୬୪ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ଗଞ୍ଜାମ ଜିଲାରେ ସର୍ବାଧିକ ୨୨୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଖୋର୍ଦ୍ଧାରେ ୧୬୮, କଟକ ୮୪, ପୁରୀ ୬୭, ବାଲେଶ୍ୱର ୫୧ଜଣଙ୍କର ମୃତ୍ୟୁ ହୋଇଛି। ବାକିସବୁ ଜିଲାରେ ମୃତ୍ୟୁ ସଂଖ୍ୟା ଏହାଠାରୁ କମ୍ ରହିଛି। ତେବେ ଦେବଗଡ଼ ଓ ନୂଆପଡ଼ାରେ ସର୍ବନିମ୍ନ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡ଼ିଛି। ଅନ୍ୟପଟେ ଦିନକରେ ପୁଣି ୨,୮୫୪ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧,୧୯୫ଜଣ ସ୍ଥାନୀୟ ଆକ୍ରାନ୍ତ ଥିବାବେଳେ ୧,୬୫୯ଜଣଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ କରାଯାଇଛି। ଏଥିମଧ୍ୟରୁ ଖୋର୍ଦ୍ଧାରୁ ୩୯୩ଜଣ, କଟକରୁ ୨୪୪, ସୁନ୍ଦରଗଡ଼ ୧୪୩, ଅନୁଗୋଳ ୧୩୧, ମୟୂରଭଞ୍ଜ ୧୨୭, ବାଲେଶ୍ୱର ୧୧୬, ପୁରୀ ୧୧୪, କଳାହାଣ୍ଡି ଓ ସମ୍ବଲପୁରରୁ ୧୦୫ଜଣ ଲେଖାଏ ରହିଛନ୍ତି। ଅନ୍ୟସବୁ ଜିଲାରେ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ତଳକୁ ରହିଛି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨,୪୯,୬୯୩କୁ ବୃଦ୍ଧି ପାଇଛି। ସେହିଭଳି ରାଜ୍ୟରେ ଆଉ ୩୮୮୫ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ଆରୋଗ୍ୟ ସଂଖ୍ୟା ୨,୨୪, ୨୭୩ ଛୁଇଁଛି।

## ଫେକ୍ ନ୍ୟୁଜ ଜାଲରେ ସିଏମ୍‌ଓ...

ସିଏମ୍‌ଓ ଟୁଇଟର ହ୍ୟାଣ୍ଡେଲରୁ ହଟାଇ ଦିଆଯାଇଥିଲା। ୟୁରୋପିଆନ କମିଶନ ଗ୍ଲୋବାଲ ହ୍ୟୁମାନ ସେଟଲମେଣ୍ଟ ଅର୍ବାନ ସେଣ୍ଟର ଡାଟାବେସ ଦ୍ୱାରା ପ୍ରକାଶିତ 'କ୍ରାଉଡିଂ ଆଣ୍ଡ୍ ଶେପ୍ ଅଫ୍ କୋଭିଡ୍ ଏପିଡେମିକ୍ସ' ଶୀର୍ଷକ ଏକ ନିବନ୍ଧରେ ଚାଇନାର କେତେକ ସହର, ଇଟାଲୀର କିଛି ପ୍ରଦେଶ ସହ ଜଳବାୟୁ ଓ ଜନସଂଖ୍ୟା ଏବଂ କୋଭିଡ୍-୧୯ ମୁକାବିଲାରେ ସ୍ଥାନୀୟ ହସ୍ତକ୍ଷେପ ତଥ୍ୟ ନିଆଯାଇଥିଲା। ତେବେ ସେଥିରେ ସାମିଲ ହୋଇଥିବା ୩୧୦ ସହର ମଧ୍ୟରେ ଗଞ୍ଜାମ ଜିଲା ସ୍ଥାନ ପାଇ ନ ଥିଲା। ହେଲେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଟୁଇଟର ହ୍ୟାଣ୍ଡେଲରୁ ମଧ୍ୟ ଅକ୍ସଫୋର୍ଡର ପ୍ରଶଂସାକୁ ନେଇ ଟୁଇଟ୍ କରାଯାଇଥିଲା।

# କଂଗ୍ରେସ ଅମଳରେ ବିକାଶ ହୋଇଥିଲା



ବାଲେଶ୍ୱରରେ ଶନିବାର ଆୟୋଜିତ କୃଷକ ସମାବେଶରେ ଚେଲ୍ଲାକୁମାର ଓ ଦଳୀୟ କର୍ମକର୍ତ୍ତା।

**ବାଲେଶ୍ୱରରେ କୃଷକ ସମାବେଶ**

**ରାଜ୍ୟ ସରକାରଙ୍କୁ ଚ୍ୟାଲେଞ୍ଜ କଲେ ଚେଲ୍ଲାକୁମାର**

**ବାଲେଶ୍ୱର ଅଫିସ, ୧୦।୧୦**

ଦେଶ ସ୍ୱାଧୀନ ହେବା ପରେ ରାଜ୍ୟରେ କଂଗ୍ରେସ ୭ଥର ସରକାର ଗଠନ କରି ଜଳସେଚନ ପ୍ରକଳ୍ପଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ, ଟିନିକଲ ଭଳି ଶିଳ୍ପାୟନ ଯୋଗୁ ଓଡ଼ିଶାର ପ୍ରଗତି କରିଛି। ୧୯୫୫ରେ କେନ୍ଦ୍ରରେ ଥିବା କଂଗ୍ରେସ ସରକାର ଧାନର ଏମ୍‌ଏସ୍‌ପି ଆଇନ ଗୃହୀତ କରି କୃଷି ଓ କୃଷକମାନଙ୍କର ଆର୍ଥିକ ସ୍ଥିତି ସୁଦୃଢ଼ କରିଥିଲେ। ୨୧ବର୍ଷ ଧରି ରହିଥିବା ରାଜ୍ୟ ସରକାର ସେଗୁଡ଼ିକୁ ବନ୍ଦ କରିବାରେ ଲାଗିଛନ୍ତି। ବିକାଶ ନାମରେ ବିନାଶ ଆଡ଼କୁ ରାଜ୍ୟକୁ ନେବାରେ ସହାୟତା କରୁଛନ୍ତି। ରାଜ୍ୟର ଉନ୍ନତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଡିବେଟ୍ କରିବାକୁ ପ୍ରସ୍ତୁତ ବୋଲି କଂଗ୍ରେସର ଓଡିଶା ପ୍ରଭାରୀ ଡ. ଏ. ଚେଲ୍ଲା କୁମାର ଚ୍ୟାଲେଞ୍ଜ କରିଛନ୍ତି। ବାଲେଶ୍ୱର ଜିଲାରେ ଶନିବାର ଅନୁଷ୍ଠିତ ରାଜ୍ୟସ୍ତରୀୟ କୃଷକ ସମାବେଶରେ ଯୋଗଦେଇ ସେ କହିଛନ୍ତି, ରାଜ୍ୟସରକାର ଚାଷୀମାନଙ୍କ ପାଇଁ ୨୧ବର୍ଷ ମଧ୍ୟରେ ଗୋଟିଏ ହେଲେ ଡ୍ୟାମ୍ କିମ୍ବା ଜଳସେଚନ ପ୍ରକଳ୍ପ ନିର୍ମାଣ କରିନାହାନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ୍‌କୁ ସମର୍ଥନ କରି ଚାଷୀମାନଙ୍କଠାରୁ ଦୂରେଇ ଯାଇଥିବା ପ୍ରମାଣ ଦେଇ ରାଜ୍ୟ ସରକାରଙ୍କୁ ଚ୍ୟାଲେଞ୍ଜ କରିଛନ୍ତି।

କୁରୁଡ଼ା ବାଇପାସ୍‌ଠାରେ ଚେଲ୍ଲା କୁମାରଙ୍କୁ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକଙ୍କ ନେତୃତ୍ୱରେ ବିଧାୟକ ତାରାପ୍ରସାଦ ବାହିନୀପତି, ବଲାଙ୍ଗୀର ପୂର୍ବତନ ଏମ୍‌ପି ଶରତ ପଟ୍ଟନାୟକ, କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ପୂର୍ବତନ ସିଡବ୍ଲ୍ୟୁସି ସଦସ୍ୟ ସୁଶୀଳା ତିରିଆ, ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ମୟୂରଭଞ୍ଜ ଜିଲା ସଭାପତି ହେମନ୍ତ ଦାସ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ବିଶାଳ ଶୋଭାଯାତ୍ରାରେ କର୍ମୀମାନେ ନେତାମାନଙ୍କୁ ସହର ଅଭିମୁଖେ ଆଣିଥିଲେ। ବର୍ଷା ଯୋଗୁ ପୂର୍ବ ନିର୍ଦ୍ଧାରିତ ହୋଇଥିବା ମିଶନ ପଡ଼ିଆ ବଦଳରେ ଫକୀରମୋହନ ଗୋଲେଇରେ ସଭା ହୋଇଥିଲା। ଭୋଗରାଇ ବିଧାୟକ ପ୍ରାର୍ଥୀ ସତ୍ୟଶିବ ଦାସ ସଭାପତିତ୍ୱ କରିଥିଲେ। ପ୍ରଭାରୀ ଚେଲ୍ଲାକୁମାର କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ବିରୋଧ କରିବା ସହ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। କଂଗ୍ରେସ ସରକାର ଚାଷ ଓ ଚାଷୀଙ୍କୁ ଗୁରୁତ୍ୱ ଦେଇଆସିଥିଲା। ଏବେ ରାଜ୍ୟରେ ବିଜେଡି ଓ କେନ୍ଦ୍ରରେ ଭାଜପା ସରକାର କୃଷି ଓ କୃଷକଙ୍କୁ ଅଣଦେଖା କରି ବଡ଼ ବଡ଼ କମ୍ପାନୀଙ୍କ ହାତକୁ ଟେକି ଦେଉଛନ୍ତି। ଫଳରେ କୃଷକମାନେ ଉତ୍ପାଦନ କରୁଥିବା ଶସ୍ୟର ଉପଯୁକ୍ତ ମୂଲ୍ୟ ପାଇପାରିବେ ନାହିଁ ବୋଲି ସେ ଅଭିଯୋଗ କରିଥିଲେ। ଏହାପରେ ଅପରାହ୍ନରେ ଜିଲା କଂଗ୍ରେସ ଭବନରେ ବାଲେଶ୍ୱର ନିର୍ବାଚନମଣ୍ଡଳୀ ଉପନିର୍ବାଚନ ପାଇଁ ସ୍ଥାନୀୟ ନେତୃବର୍ଗଙ୍କ ସହ ଚେଲ୍ଲାକୁମାର ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି ମୁଖପାତ୍ର ସୁଦର୍ଶନ ଦାସ, ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ ଏବଂ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ପୂର୍ବତନ ରାଜ୍ୟ ସମ୍ପାଦକ ସଞ୍ଜୀବ ଗିରି, ଯୁବନେତା ବିକ୍ରମ ପଣ୍ଡା, ତୁଷାରକାନ୍ତି ତପସ୍ୱୀ, ଅର୍ଚ୍ଚନା ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଓଟିଭି ଅଫିସ୍‌ର ୩ ଅଧିକାରୀଙ୍କୁ ଜେରା

**ଖୋର୍ଦ୍ଧା ଅଫିସ,୧୦।୧୦:** ଖୋର୍ଦ୍ଧା ବାଘମାରୀ ଥାନାରେ ଶନିବାର ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ଓଟିଭି ଅଫିସର ୩ଜଣ ଅଧିକାରୀଙ୍କୁ ପ୍ରାୟ ୬ଘଣ୍ଟା ଜେରା କରିଛନ୍ତି। ଜମିଜମା ରେକର୍ଡପତ୍ର ଯାଞ୍ଚ କରିବା ସହ ନଥିପତ୍ର ଦେଖିଥିଲେ। ଏହି ଜେରା ବେଳେ ସଦର ଏସ୍‌ଡିପିଓ ସୁଶୀଲ ମିଶ୍ର ଉପସ୍ଥିତ ଥିଲେ। ସୂଚନା ଥାଉକି, ସାରୁଅ ଗ୍ରାମର ହାଲୁରି ପାହାଡ଼ସିଂ ଏବଂ ସନାତନ ପାହାଡ଼ସିଂ ଜାତିଆଣ ଆକ୍ଷେପ, ଜମି ହଡପ, ଧମକ ଦେବା ନେଇ ଓଟିଭି ଏମ୍‌ଡି, ତାଙ୍କ ବାପା ଏବଂ ଭାଇଙ୍କ ନାଁରେ ଥାନାରେ ଅଭିଯୋଗ କରିଥିଲେ। ସେହିପରି ସାରୁଅ ଓ ଲୋକାନାଥପୁର ଗ୍ରାମର ଏକାଧିକ ଦଳିତ ପରିବାର ଓଟିଭି କର୍ତ୍ତୃପକ୍ଷଙ୍କ ବିରୋଧରେ ସମାନ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଦୁଇଟି ମାମଲା(ନଂ. ୮୧, ୮୨/୨୦)ରୁଜୁ ହୋଇଛି। ଅନ୍ୟପଟେ ସାରୁଅ ମଲିକ ସାହି ନିକଟରେ ଥିବା ପଥରକଟା ପୋଖରୀକୁ ଯିବା ଲାଗି ରାସ୍ତା ଛଡାଯାଇଥିବା ନେଇ ଓଟିଭିରେ ଖବର ପରିବେଷଣକୁ ନେଇ ସନାତନ ନିଜ ନାମରେ ରହିଥିବା ପ୍ଲଟରେ ବାଡ଼ ବୁଜି ରାସ୍ତାକୁ ବନ୍ଦ କରିଛନ୍ତି। ପୋଖରୀକୁ ଯିବା ଲାଗି ଯଦି ଓଟିଭି କର୍ତ୍ତୃପକ୍ଷ ରାସ୍ତା ଛାଡିଛନ୍ତି, ତେବେ ଉକ୍ତ ରାସ୍ତାରେ ଗ୍ରାମବାସୀ ଯିବାଆସିବା କରନ୍ତୁ ବୋଲି ସନାତନ କହିଛନ୍ତି।

### ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମରେ ସାମିଲ ହେଲା ୩ ଗାଁ

**କଟକ ସଦର,୧୦।୧୦:** କଟକ ସଦର ବ୍ଲକର ୩ଟି ଗ୍ରାମକୁ ୨୦୨୦-୨୧ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ସ୍କିମରେ ସାମିଲ କରାଯାଇଛି। ନିମେଇସାପୁର ପଞ୍ଚାୟତର ଦୀଘି ଗ୍ରାମ, ଅରିଲୋ ପଞ୍ଚାୟତର ରାମକୁମାରପୁର ଏବଂ ସୋମପୁର ପଞ୍ଚାୟତର ତେଲଦିଆ ଗ୍ରାମ ଏଥିରେ ସାମିଲ ହୋଇଛି। ପ୍ରତି ଗ୍ରାମକୁ ୪୦ଲକ୍ଷ ଟଙ୍କାର ସହାୟତା ଦିଆଯିବ। ରାସ୍ତା, ଗୋଷ୍ଠୀକେନ୍ଦ୍ର, ମହିଳା ସମିତି ଗୃହ, ଡ୍ରେନ, ପୋଖରୀ ପୁନରୁଦ୍ଧାର, ରାସ୍ତା ଆଲୋକୀକରଣ କାର୍ଯ୍ୟ ଏହି ସ୍କିମରେ କରାଯାଇପାରିବ। ବିଶେଷକରି ତଫସିଲଭୁକ୍ତ ଜାତିର ଲୋକଙ୍କ କଲ୍ୟାଣ ପାଇଁ ଅର୍ଥ ଖର୍ଚ୍ଚ ବେଳେ ଗୁରୁତ୍ୱ ଦିଆଯିବ। ପୂର୍ବରୁ ରାଜହଂସ, ବୋଧପୁର, ଆମଣ, ଶିଶୁଆ ଗ୍ରାମ ସାମିଲ ହୋଇଥିଲା।

# ଅପରାଜିତାଙ୍କ ଅଫିସ ସିଲ୍ କଲା ବିଏମ୍‌ସି

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)



ଅପରାଜିତାଙ୍କ ଦଳୀୟ କାର୍ଯ୍ୟାଳୟ ଗେଟ୍‌କୁ ବିଏମ୍‌ସି ଅଧିକାରୀମାନେ ସିଲ୍ କରୁଛନ୍ତି।

କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ପଳାସପଲ୍ଲୀସ୍ଥିତ ଦଳୀୟ କାର୍ଯ୍ୟାଳୟକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଶନିବାର ସିଲ୍ କରିଛି। ଆଗାମୀ ୧୫ଦିନ ପାଇଁ ଏହାକୁ ସିଲ୍ କରାଯାଇଛି। ଗତ ୮ତାରିଖରେ ନିଜ ଜନ୍ମଦିନ ପାଳନ ସମୟରେ ଏମ୍‌ପି ଷଡ଼ଙ୍ଗୀ କୋଭିଡ୍ ନିୟମ ଭାଙ୍ଗିଥିବା ଏକ ଭିଡିଓ ଭାଇରାଲ ହେବା ପରେ ବିଏମ୍‌ସି ପକ୍ଷରୁ ପଳାସପଲ୍ଲୀ ସ୍ଥିତ ଫ୍ଲଟ୍ ନମ୍ବର ଏ-୫୬ କାର୍ଯ୍ୟାଳୟକୁ ସିଲ କରାଯାଇଛି। ଓଡିଶା କୋଭିଡ୍-୧୯ ରେଗୁଲେଶନ-୨୦୨୦ର ଦଫା ୪-ଏ, ୪-ସି ଓ ୪-ଡି ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

ପ୍ରକାଶ ଯେ, ଏମ୍‌ପି ଅପରାଜିତା ବାରମ୍ବାର କୋଭିଡ୍ ଆଇନ୍ ଭାଙ୍ଗୁଥିବା ଅଭିଯୋଗ କରି କେତେଜଣ ଆଶା, ଅଙ୍ଗନୱାଡ଼ି କର୍ମୀ ଏବଂ ଅନ୍ୟ କୋଭିଡ୍ ଯୋଦ୍ଧା କାର୍ଯ୍ୟାନୁଷ୍ଠାନ ଦାବି କରି ଡିସିପିଙ୍କ ନିକଟରେ ଶନିବାର ପୂର୍ବାହ୍ନରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବିଏମ୍‌ସି ଅତିରିକ୍ତ କମିଶନର (୨) ଅବନୀ ପଟ୍ଟନାୟକ ଓ ଜୋନାଲ ଡେପୁଟି କମିଶନର ରବିନାରାୟଣ ଜେଠୀଙ୍କ ନେତୃତ୍ୱରେ ଏକ ଟିମ୍ ଏମ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ସହ ଘଟଣାର ସରଜମିନ ତଦନ୍ତ କରିବା ପରେ ସିଲ୍ କରିଥିବା ଜଣାପଡ଼ିଛି। ଜନ୍ମଦିନ ପାଳନ ସମୟରେ ମାସ୍କ ନ ପିନ୍ଧିବା, କଟକଣା ସତ୍ତ୍ୱେ ନିର୍ଦ୍ଧାରିତ ସଂଖ୍ୟାଠାରୁ ଅଧିକ ଲୋକ ଏକାଠି ହେବା ଏବଂ ଶାରୀରିକ ଦୂରତା ଅବଲମ୍ବନକୁ ଅବହେଳା କରିବା ଅଭିଯୋଗରେ ବିଏମ୍‌ସି ଓ ଏୟାରପୋର୍ଟ ପୋଲିସ ଏମ୍‌ପିଙ୍କ କାର୍ଯ୍ୟାଳୟକୁ ୧୫ ଦିନ ପାଇଁ ସିଲ୍ କରିଛି। ଏହାସହ ଗତ ୮ ତାରିଖରେ ଏମ୍‌ପିଙ୍କ କାର୍ଯ୍ୟାଳୟରେ ଏକତ୍ରିତ ହୋଇଥିବା ସମସ୍ତଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯାଇ ସେମାନଙ୍କ କୋଭିଡ୍ ଟେଷ୍ଟ କରାଯିବ। ଯଦି କେହି କରୋନା ଆକ୍ରାନ୍ତ ଚିହ୍ନଟ ହୁଅନ୍ତି ତା'ହେଲେ ସେମାନଙ୍କୁ ନିୟମ ଅନୁସାରେ ଚିକିତ୍ସା କରାଯିବ କିମ୍ବା ହୋମ୍ ଆଇସୋଲେସନରେ ରହିବା ପାଇଁ କୁହାଯିବ ବୋଲି ବିଏମ୍‌ସି ଅତିରିକ୍ତ କମିଶନର ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ଗତ ୮ ତାରିଖରେ ନିଜ ଜନ୍ମଦିନ ପାଳନ ବେଳେ ଏମ୍‌ପି ଅପରାଜିତା କୋଭିଡ୍ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ଶୁକ୍ରବାର ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କୁ ଚିଠି ଲେଖି ଅବଗତ କରାଇଥିଲେ।

# 'ବିଜେଡି ନେତାଙ୍କ ବିରୋଧରେ କେବେ ହେବ କାର୍ଯ୍ୟାନୁଷ୍ଠାନ'

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

### କୋଠା ସିଲ୍ ନିଷ୍ପତ୍ତି ପ୍ରଶାସନର: ବିଜେଡି



ଅପରାଜିତା ଷଡ଼ଙ୍ଗୀ।

କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ବିଏମ୍‌ସି ଅଧିକାରୀ ଭୁବନେଶ୍ୱର ଏମ୍‌ପିଙ୍କ ଦଳୀୟ କାର୍ଯ୍ୟାଳୟକୁ ଶନିବାର ସିଲ୍ କରିବା ପରେ ଅପରାଜିତା ଷଡ଼ଙ୍ଗୀ ବେଶ୍ ପ୍ରତିକ୍ରିୟାଶୀଳ ହୋଇଛନ୍ତି। ଶାସକ ଦଳ ବିଜେଡି ଉପରେ ବର୍ଷିଛନ୍ତି। ସିଲ୍ ପରେ କାର୍ଯ୍ୟାଳୟ ବାହାରେ ଏକ ଖବରଦାତା ସମ୍ମିଳନୀରେ ବିଜେଡି ନେତା ଓ ମନ୍ତ୍ରୀ କୋଭିଡ ନିୟମ ଉଲ୍ଲଂଘନ କରିଥିବା ଅପରାଜିତା ପାଲଟା ଅଭିଯୋଗ କରିଛନ୍ତି। ବିଜେଡି ନେତାମାନେ ନିୟମ ଉଲ୍ଲଂଘନ କରିଥିବାର ୧୭ଟି ଫଟୋ ଓ ଗୋଟିଏ ଭିଡିଓକୁ ଦେଖାଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବେ ଏହି ନେତାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଅପରାଜିତା ପ୍ରଶ୍ନ କରିଛନ୍ତି। ସ୍ୱର୍ଗତ ବିଜେଡି ବିଧାୟକ ପ୍ରଦୀପ ମହାରଥୀଙ୍କ ଅନ୍ତ୍ୟେଷ୍ଟି କାର୍ଯ୍ୟକ୍ରମରେ କୋଭିଡ୍ ପଜିଟିଭ୍ ହୋଇଥିବା ବିଜେଡି ନେତା ଏବଂ ମନ୍ତ୍ରୀଙ୍କ ଯୋଗଦାନ, ବିଜେଡି କାର୍ଯ୍ୟାଳୟରେ ରକ୍ତଦାନ ଏବଂ ତିର୍ତ୍ତୋଲରେ ବିଜେଡି ନେତାଙ୍କ ରାଜନୈତିକ ସଭାରେ ଖୋଲାଖୋଲି ନିୟମ ଉଲ୍ଲଂଘନ କରାଯାଇଛି। ଏନେଇ ସେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସମସ୍ତ ପ୍ରମାଣ ଯୋଗାଇଦେବେ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶକ୍ରମେ ସେ ସାଧାରଣ ଲୋକଙ୍କ ସମସ୍ୟା ବୁଝୁଛନ୍ତି। ତାଙ୍କ କାର୍ଯ୍ୟାଳୟକୁ ବିଏମ୍‌ସି ୧୫ ଦିନ ପାଇଁ ସିଲ୍ କରିଛି, ତା ସତ୍ତ୍ୱେ ସେ କାର୍ଯ୍ୟାଳୟ ବାହାରେ ତାଙ୍କ ସେବା ଜାରି ରଖିବେ ବୋଲି ଏହି ଅବସରରେ କହିଛନ୍ତି। ଅପରପକ୍ଷରେ ଅପରାଜିତାଙ୍କ ଏଭଳି ଅଭିଯୋଗ ପରେ ବିଜେଡି ପ୍ରତିକ୍ରିୟା ରଖିଛି। କୌଣସି କୋଠାକୁ ସିଲ୍ କରିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ପ୍ରଶାସନିକ ବୋଲି ଦଳୀୟ ମୁଖପାତ୍ର ସୁଲତା ଦେଓ କହିଛନ୍ତି। ସାଧାରଣ ଲୋକଙ୍କ ଧନ ଜୀବନର ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ଅତୀତରେ ସମଗ୍ର ରାଜ୍ୟରେ ଅନେକ କୋଠା, ହୋଟେଲ ଆଦିକୁ ସିଲ୍ କରାଯାଇଛି। ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆଗାମୀ ଦିନରେ ଆବଶ୍ୟକ ପଡିଲେ ମଧ୍ୟ ଏଭଳି ସିଲ୍ କରାଯିବ। ଭାଜପା, ବିଜେଡି, କଂଗ୍ରେସ କିମ୍ବା ଅନ୍ୟ କୌଣସି ରାଜନୈତିକ ଦଳକୁ ଦେଖି କରୋନା ସଂକ୍ରମିତ କରେ ନାହିଁ। ଏହା ହେଉଛି ମାନବିକତା ଏବଂ ଆମେ ସମସ୍ତେ କୋଭିଡ୍ ନିୟମ ମାନି ଏହି ମହାମାରୀ ବିରୋଧରେ ଲଢେଇ କରିବାର ଆବଶ୍ୟକ ରହିଛି ବୋଲି ଦେଓ କହିଛନ୍ତି।

# ବାତ୍ୟାରେ ଅନାଥ ପିଲାଙ୍କୁ ଭେଟିଲେ ଜିଲାପାଳ

'ତିତ୍‌ଲି'କୁ ୨ବର୍ଷ

ପାରଳାଖେମୁଣ୍ଡି,୧୦।୧୦(ସ୍ୱ.ପ୍ର.)



ଜିଲାପାଳ ଶାହା ପିଲାମାନଙ୍କ ସହ ବସି ଖାଉଛନ୍ତି।

ସାମୁଦ୍ରିକ ଝଡ଼ 'ତିତ୍‌ଲି'କୁ ରବିବାର ୨ ବର୍ଷ ପୂରୁଛି। ୨୦୧୮ ଅକ୍ଟୋବର ୧୦ ବିଳମ୍ବିତ ରାତି ପ୍ରାୟ ୧୧ଟାରୁ ୧୧ ତାରିଖ ମଧ୍ୟାହ୍ନ ପର୍ଯ୍ୟନ୍ତ ଗଜପତି ଜିଲାରେ ଭୟଙ୍କର ତାଣ୍ଡବ ରଚିଥିଲା ଏହି ସାମୁଦ୍ରିକ ଝଡ଼। ବହୁ ପିଲା ବାପା, ମା'ଙ୍କୁ ହରାଇ ଅନାଥ ହୋଇଥିଲେ। ସେମାନଙ୍କୁ ଜିଲାପାଳ ଅନୁପମ ଶାହା ଶନିବାର ଭେଟିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତିତ୍‌ଲି ବାତ୍ୟା ପରେ ଘୋଷଣା କରିଥିଲେ ଯେ, ଅନାଥ ହୋଇଥିବା ପିଲାଙ୍କୁ ସରକାର ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବେ। ତା ପରେ ଗଜପତି ଜିଲା ପ୍ରଶାସନ ସେମାନଙ୍କୁ ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରିଥିଲେ। ଶିଶୁ ମଙ୍ଗଳ ସମିତିର ନିର୍ଦ୍ଦେଶ କ୍ରମେ ୬ଜଣ ପୁଅ ଗୋଷାଣୀ ବ୍ଲକ ରମ୍ଭା ପଞ୍ଚାୟତ ଏସ୍.ଉରୁଡା ସ୍ଥିତ ବିବେକାନନ୍ଦ ଆବାସିକ ବିଦ୍ୟାଳୟ ଓ ଜଣେ ଝିଅ ପାରଳାଖେମୁଣ୍ଡି ସ୍ଥିତ ନବଜୀବନ ବ୍ଲାଇଣ୍ଡ ଆଣ୍ଡ ରିଲିଫ୍ କେନ୍ଦ୍ରରେ ରହି ଆସୁଛନ୍ତି। ଏମାନଙ୍କ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। ଜିଲାପାଳ ସାହା ପିଲାମାନଙ୍କୁ ଭେଟି ମିଠା ବାଣ୍ଟିବା ସହ ସେମାନଙ୍କ ଗହଣରେ ବସି ଖାଇଥିଲେ। ପରେ ସେମାନଙ୍କ ସହ ଖେଳିବା ସହ ଭଲମନ୍ଦ ପଚାରି ବୁଝିଥିଲେ। ଜଣେ ବାଳକ ସୀମାଞ୍ଚଳ ଶବର ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ପାସ୍ ହୋଇ ଜଏନ୍ କରିଥିବା ଖବର ଶୁଣି ଜିଲାପାଳ ଖୁସି ବ୍ୟକ୍ତ କରିଥିଲେ।

# ହୋଟେଲ କାନ୍ଥ ପଡ଼ି ଶ୍ରମିକ ମୃତ

ନିଆଳି,୧୦।୧୦(ଡି.ଏନ୍.ଏ.)

ନିଆଳି ଥାନା ଅଧୀନ ଜଲ୍ଲାରପୁର ବକ୍ସିକୁଦସ୍ଥିତ ଏକ ହୋଟେଲର କାନ୍ଥ ପଡ଼ି ଶନିବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ଅଞ୍ଚଳର ଶ୍ରୀଧର ମାଟିଆ(୩୫)। ସୂଚନା ଅନୁଯାୟୀ, ଜଲ୍ଲାରପୁର ବକ୍ସିକୁଦସ୍ଥିତ ଏକ ହୋଟେଲରେ ପାଇପ୍ ଲାଇନ୍ କାମ ଚାଲିଥିବାବେଳେ ହଠାତ୍ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଫଳରେ ଶ୍ରୀଧର କାନ୍ଥ ତଳେ ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୭/୨୦) ରୁଜୁକରି ତଦନ୍ତ ଚଳାଇଛି।

# ପୂର୍ବତଟ ରେଳପଥରେ ଗଡ଼ିବ ଆଉ ୪ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର, ୧୦।୧୦ (ବ୍ୟୁରୋ)

ପୂର୍ବତଟ ରେଳପଥ ଅଧୀନରେ ଆଉ ୪ଟି ସ୍ୱତନ୍ତ୍ର ଟ୍ରେନ୍ ଚାଲିବ। ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏହି ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ପୁରୀରୁ ଭଲ୍‌ସାଦ, ସିକନ୍ଦରାବାଦରୁ ଶାଳିମାର, ବିଶାଖାପାଟଣାରୁ ତିରୁପତି ଓ ବିଶାଖାପାଟଣାରୁ ସିକନ୍ଦରାବାଦ୍ ଚଳାଚଳ କରିବ। ଭଲ୍‌ସାଦ-ପୁରୀ-ଭଲ୍‌ସାଦ ସାପ୍ତାହିକ ଏକ୍ସପ୍ରେସ (୦୯୨୦୯/୦୯୨୧୦) ଆସନ୍ତା ୧୫ ତାରିଖରୁ ଭଲସାଦରୁ ପ୍ରତି ଗୁରୁବାର ଛାଡ଼ିବ ଓ ୧୮ ତାରିଖରୁ ପ୍ରତି ରବିବାର ପୁରୀରୁ ବାହାରିବ। ଏହି ଟ୍ରେନ ପୁରୀରୁ ଭୁବନେଶ୍ୱର, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର ସିଟି, ଝାରସୁଗୁଡ଼ା, ବିଲାସପୁର ଓ ଜବଲପୁର ଦେଇ ଯିବ। ସେହିପରି ସିକନ୍ଦରାବାଦ-ସାଲିମାର-ସିକନ୍ଦରାବାଦ ସ୍ୱତନ୍ତ୍ର ଟ୍ରେନ (୦୨୭୭୪/୦୨୭୭୩) ଆସନ୍ତା ୧୩ ତାରିଖରୁ ସିକନ୍ଦରାବାଦଠାରୁ ପ୍ରତି ମଙ୍ଗଳବାର ସକାଳ ୫ଟା ୪ରେ ଛାଡ଼ିବ ଓ ୧୪ରୁ ପ୍ରତି ବୁଧବାର ଅପରାହ୍ନ ୪ଟା ୫ରେ ଶାଳିମାରରୁ ବାହାରିବ। ଏହି ଟ୍ରେନ ୱାରଙ୍ଗଲ, ରାୟନପାଡୁ, ସାମଲକୋଟ, ବିଶାଖାପାଟଣା, ବିଜୟନଗରମ୍, ବ୍ରହ୍ମପୁର, ଭୁବନେଶ୍ୱର, କଟକ, ବାଲେଶ୍ୱର, ଖଡ଼ଗପୁର ଓ ସାନ୍ତ୍ରାଗାଛି ଆଦି ଷ୍ଟେଶନରେ ଅଟକିବ। ସିକନ୍ଦରାବାଦ-ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ୍ (୦୨୭୮୪/୦୨୭୮୩) ଆସନ୍ତା ୧୭ ତାରିଖଠାରୁ ପ୍ରତି ଶନିବାର ଅପରାହ୍ନ ୫ଟା ୫୦ରେ ସିକନ୍ଦରାବାଦ ଷ୍ଟେଶନରୁ ଛାଡ଼ିବ ଓ ୧୮ ତାରିଖରୁ ପ୍ରତି ରବିବାର ସନ୍ଧ୍ୟା ୬ଟା ୫୫ରେ ବିଶାଖାପାଟଣାଠାରୁ ବାହାରିବ। ଉଭୟ ଷ୍ଟେଶନ ମଧ୍ୟରେ ଗୁଣ୍ଟୁର, ବିଜୟୱାଡା, ଏଲୁରୁ, ରାଜମହେନ୍ଦ୍ରି, ସାମଲକୋଟ, ଅନକାପଲ୍ଲୀ ଓ ଦୁଧୱାଡ଼ା ଷ୍ଟେଶନରେ ରହଣି କରିବ। ଶେଷରେ ତିରୁପତି-ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ (୦୨୭୦୮/୦୨୭୦୭) ଆସନ୍ତା ୧୪ରୁ ତିରୁପତିଠାରୁ ପ୍ରତି ବୁଧବାର, ଶୁକ୍ରବାର ଓ ରବିବାର ରାତି ୯ଟା ୫୦ରେ ଛାଡ଼ିବ ଓ ୧୭ ତାରିଖଠାରୁ ବିଶାଖାପାଟଣାଠାରୁ ପ୍ରତି ଗୁରୁବାର, ଶନିବାର ଓ ସୋମବାର ରାତି ୧୦ଟା ୫୦ରେ ଛାଡ଼ିବ ବୋଲି ପୂର୍ବତଟ ରେଳପଥ ଶନିବାର ସୂଚନା ଦେଇଛି।

# କୋଭିଡ୍ ଗାଇଡ୍‌ଲାଇନରେ ଚାଲିଗଲା ଜୀବନ

କଟକ ଅଫିସ,୧୦।୧୦

### ୧୦ ଦିନ ଆଇସିୟୁ ବେଡ୍ ପାଇଁ ଅପେକ୍ଷା କରି ଆଖି ବୁଜିଲେ ଶ୍ୱେତପଦ୍ମା



**ଏସ୍‌ସିବିରେ ଚିକିତ୍ସା ଅବହେଳାର ନଗ୍ନ ଚିତ୍ର**

କରୋନା ମହାମାରୀକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏପଟେ କିନ୍ତୁ ରାଜ୍ୟରେ ସ୍ୱାସ୍ଥ୍ୟ ସେବା ବିଗିଡିବାରେ ଲାଗିଛି। କୋଭିଡ୍ ଗାଇଡ୍‌ଲାଇନ୍ ଆଳରେ ହସ୍ପିଟାଲଗୁଡ଼ିକରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀମାନେ ଚିକିତ୍ସାରେ ଅବହେଳା ପ୍ରଦର୍ଶନ କରୁଥିବାରୁ କାହିଁକେତେ ଜୀବନ ଚାଲିଯାଉଛି। ରାଜ୍ୟର ପ୍ରମୁଖ ଚିକିତ୍ସାଳୟ ଏସ୍‌ସିବି ମେଡିକାଲରେ ଏମିତି ଆଉଏକ ଘଟଣା ଘଟିଛି। ୧୦ଦିନ ଧରି ଆଇସିୟୁ ବେଡ୍‌କୁ ଅପେକ୍ଷା କରି ଜଣେ ଗୁରୁତର ମହିଳା ରୋଗୀ ଶନିବାର ଆଖି ବୁଜିଛନ୍ତି। ମୃତ ମହିଳା ଜଣକ ହେଲେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତର ଶ୍ୱେତପଦ୍ମା ନାୟକ। ହସ୍ପିଟାଲରେ ଆଇସିୟୁ ବେଡ୍ ଖାଲିଥିଲେ ମଧ୍ୟ ଅବହେଳା ପାଇଁ ଶ୍ୱେତପଦ୍ମାଙ୍କ ଜୀବନ ଚାଲିଗଲା ବୋଲି ପରିବାର ଲୋକେ କହିଛନ୍ତି।

ଶ୍ୱେତପଦ୍ମା କୀଟନାଶକ ପିଇଦେବାରୁ ଗତ ୧ ତାରିଖରେ ପରିବାର ଲୋକେ ତାଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେହିଦିନ ପୂର୍ବାହ୍ନ ୧୦ଟାରେ କଟକ ଏସ୍‌ସିବି ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। କରୋନା ଗାଇଡ୍‌ଲାଇନ ଆଧାରରେ କାଜୁଆଲଟିରେ ତାଙ୍କର ରାପିଡ୍ ଆଣ୍ଟିଜେନ ଟେଷ୍ଟ କରାଇବା ସହ ଚିକିତ୍ସା ଆରମ୍ଭ ହୋଇଥିଲା। ରିପୋର୍ଟ ନେଗେଟିଭ ଆସିବାରୁ ମେଡିସିନ ବିଭାଗ ଅଧୀନ ଟ୍ରମା ୱାର୍ଡରେ ରଖି ଚିକିତ୍ସା କରାଯାଇଥିଲା। ଆଇସିୟୁରେ ରଖି ଚିକିତ୍ସା କରିବାକୁ ଅନୁମୋଦନ ମିଳିଥିଲା। ହେଲେ ଆର୍‌ଟିପିସିଆର୍ ଟେଷ୍ଟ ପରେ ହିଁ ଆଇସିୟୁକୁ ନିଆଯିବ ବୋଲି ଡାକ୍ତର ଓ ଦାୟିତ୍ୱରେ ରହୁଥିବା ନର୍ସମାନେ କହୁଥିଲେ ମଧ୍ୟ ସ୍ୱାବ୍ ସଂଗ୍ରହ କରାଯାଇ ନ ଥିଲା। ଶ୍ୱେତପଦ୍ମା ସେମିତି ବେଡ୍‌ରେ ଗୁରୁତର ଅବସ୍ଥାରେ ପଡି ରହିଥିଲେ ମଧ୍ୟ କେହି ଗୁରୁତ୍ୱ ଦେଇ ନ ଥିଲେ। ଶୁକ୍ରବାର ବିଳମ୍ବିତ ରାତିରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାକୁ ଲାଗିଲା। ପରିବାର ଲୋକେ ବାରମ୍ବାର ଡାକ୍ତରଙ୍କୁ ସାକ୍ଷାତ କରି ନେହୁରା ହୋଇଥିଲେ। କିନ୍ତୁ ଆର୍‌ଟିପିସିଆର୍ ପରୀକ୍ଷା ହୋଇ ନ ଥିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇ ପାରି ନ ଥିଲା। ଏହାପରେ ତରବରିଆ ଭାବେ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ରିପୋର୍ଟ ଆସିବା ପରେ ହିଁ ଆଇସିୟୁରେ ଭର୍ତ୍ତି କରାଯିବ ବୋଲି ଡାକ୍ତର କହିଥିଲେ। ସେପଟେ ରୋଗୀଙ୍କୁ କେବଳ ଅକ୍ସିଜେନ୍ ଦିଆଯାଇ ଥିଲେ ମଧ୍ୟ ସ୍ୱାବ୍ ସଂଗ୍ରହ ପାଇଁ ଅନ୍ୟ ଚିକିତ୍ସା ଅଟକି ରହିଥିଲା। ଫଳରେ ଦୀର୍ଘ ସମୟ ଧରି ଛଟପଟ ହେବା ପରେ ଶ୍ୱେତପଦ୍ମାଙ୍କ ଶରୀର ନିସ୍ତେଜ ହୋଇଯାଇଥିଲା। ଏପରି କି ମୃତ ଘୋଷଣା ପରେ ବି ହସ୍ପିଟାଲ ପକ୍ଷରୁ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିବାରେ ବିଳମ୍ବ ହୋଇଥିଲା। ଫଳରେ ବ୍ୟବଚ୍ଛେଦ ପାଇଁ ପରିବାର ଲୋକେ ସକାଳକୁ ଅପେକ୍ଷା କରିଥିବା ତାଙ୍କ ପୁତୁରା ନିଗମାନନ୍ଦ ନାୟକ ଅଭିଯୋଗ କରିଛନ୍ତି ।

ଏସ୍‌ସିବି ଅଧୀକ୍ଷକ ଡା.ଅନନ୍ଦା ପ୍ରସାଦ ପଟ୍ଟନାୟକ କୁହନ୍ତି, ଆଇସିୟୁ ବେଡ୍ ପାଇଁ ଆର୍‌ଟିପିସିଆର୍ ଟେଷ୍ଟ ବାଧ୍ୟତାମୂଳକ। ତଥାପି ଜରୁରିକାଳୀନ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଆଇସୋଲେଶନଯୁକ୍ତ ଆଇସିୟୁର ବ୍ୟବସ୍ଥା ଅଛି । ଚିକିତ୍ସା କରୁଥିବା ଡାକ୍ତର ଏ ବାବଦରେ ଉପଯୁକ୍ତ ନିଷ୍ପତ୍ତି ନେବା କଥା। ସମ୍ପୃକ୍ତ ରୋଗୀଙ୍କ ପାଇଁ କ'ଣ ଆବଶ୍ୟକ ଥିଲା ନ ଜାଣି କିଛି କହିବାଟା ଠିକ୍ ହେବ ନାହିଁ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ମଧୁସୂଦନ ସେନାପତି
ଠିକଣା- ପ୍ଲଟ ନଂ.୯୯୬(ପି), ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୨୪।୧୧।୧୯୪୭
ତିରୋଧାନ: ୦୧।୧୦।୨୦୨୦
ଆପଣଙ୍କ ପାର୍ଥିବ ଅନୁପସ୍ଥିତିରେ ସବୁ ଯେମିତି ନୀରବ। ଏକ ବିରାଟ ଶୂନ୍ୟତା ଯାହାକି ଅପୂରଣୀୟ। ଅସମୟରେ ଆପଣଙ୍କୁ ହରାଇ ପରିବାରବର୍ଗ ଓ ବନ୍ଧୁବାନ୍ଧବ ମର୍ମାହତ। ଆପଣଙ୍କ ଆଦର୍ଶ, କର୍ତ୍ତବ୍ୟ, ନିଷ୍ଠା, ସ୍ନେହ ଓ ଶ୍ରଦ୍ଧା ଚିରସ୍ମରଣୀୟ। ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ।
ଧ-୧୮୫୩୬

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ନରେନ୍ଦ୍ର ନାଥ ନାୟକ
ଗୋବିନ୍ଦପୁର, ପିପିଲି, ପୁରୀ
ଆବିର୍ଭାବ: ୧୦।୦୨।୧୯୪୮
ତିରୋଧାନ: ୦୧।୧୦।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଦିବ୍ୟଧାମରୁ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥାନ୍ତୁ।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୯୫୬୧

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ତୁଳସୀ ଦେବୀ (ତୁଳ)
ବାଙ୍କୀ ସବ୍‌ଡିଭିଜନ୍, ଗ୍ରାପ- ନୂଆଗାଁ
ଗ୍ରାମ- ଖଜୁରିପଦା
ମାଆ, ୧୦୪ ବର୍ଷ ଧରି ଆମ ଗହଣରେ ଥିଲ। ଏବେ ତୁମ ଆବର୍ତ୍ତମାନରେ ଆମେ ସମସ୍ତେ ଅସହାୟ ହୋଇପଡିଛୁ। ତୁମ ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ।
ଧ-୧୮୫୮୧

**ଏକ ମହାନ ଯୋଦ୍ଧାଙ୍କ ଅବସାଦରେ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ମଧୁସୂଦନ ସେନାପତି
24.11.1947 - 02.10.2020
Plot No.996 (P), IRC Village, Nayapalli, Bhubaneswar
ନନା, ତୁମେ ଆମମାନଙ୍କୁ ଶୋକ ସାଗରରେ ଭସାଇ ଚିର ଦିନ ପାଇଁ ଛାଡି ସେପାରିକୁ ଚାଲିଗଲ । ତୁମର ଅନାବିଳ ସ୍ନେହ, ଭଲପାଇବା, ତ୍ୟାଗ, ଆଦର୍ଶ, କର୍ତ୍ତବ୍ୟନିଷ୍ଠା ଓ ପରୋପକାର ଚିରସ୍ମରଣୀୟ । ନନା, ତୁମେ ଯେଉଁଠି ବି ଥାଅ ତୁମର ଆଶୀର୍ବାଦ ଆମମାନଙ୍କ ଉପରେ ଅବିରତ ବର୍ଷୁଥାଉ । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ବୀନତି ।
ଶୋକସନ୍ତପ୍ତ- ବନ୍ଧୁ ଓ ପରିବାର ବର୍ଗ
ଧ-୬୯୭୮୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ନିରଞ୍ଜନ ନାୟକ
ଗ୍ରା/ପୋ- ଓଡିଶୋ-ଅଣ୍ଡେଇଗୋଡା, ଗ୍ରା.ପୋ.- ଓଡିଶୋ, ବ୍ଲକ-ରସୁଲପୁର, ଜିଲ୍ଲା- ଯାଜପୁର
ଆବିର୍ଭାବ: ୦୯।୧୨।୧୯୩୨
ତିରୋଧାନ: ୦୧।୧୦।୨୦୨୦
ତୁମେ ଛାଡ଼ିଯାଇଥିବା ନୀତି, ଆଦର୍ଶ, ଧୈର୍ଯ୍ୟ ଆମପାଇଁ ଚିର ସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ସାନଭାଇ: ବୀରକିଶୋର ନାୟକ, ଭାଇବୋହୂ: ଉଷାରାଣୀ ନାୟକ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀ ବୋହୂ, ନାତୁଣୀ ଜ୍ୱାଇଁ, ଭଣଜା, ଭାଣିଜୀ ଏବଂ ବନ୍ଧୁ ଓ ପରିବାରବର୍ଗ ।
ଧ-୧୮୫୭୨

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଶୁଭେନ୍ଦୁ ମଲ୍ଲିକ (ରୁମୁଲି)
Plot No.A/332, Saheed Nagar, Bhubaneswar
ତିରୋଧାନ: ୧୨।୦୪।୧୯୬୪
ଆବିର୍ଭାବ: ୦୧।୧୦।୨୦୨୦
ତୁମର ଆକସ୍ମିକ ତିରୋଧାନରେ ଆମେ ସମସ୍ତେ ମର୍ମାହତ। ତୁମ୍ଭେ ଆମ୍ଭମାନଙ୍କୁ ଶୋକସାଗରରେ ଛାଡି ଚାଲିଗଲ। ଆମ୍ଭେ ସମସ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଅଛୁ ତୁମର ଅମର ଆତ୍ମାର ସଦ୍‌ଗତି ହେଉ।
-:ଶୋକସନ୍ତପ୍ତ:-
ସ୍ତ୍ରୀ: ଆରତୀ, ଝିଅ: ପୂଜା, ଭାଇ: ନଭେନ୍ଦୁ, ଦେବେନ୍ଦୁ, ସତ୍ୟେନ୍ଦୁ ଓ ପରିବାରବର୍ଗ ।
ଧ-୬୯୬୩୦

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ମଙ୍ଗୁଳି ଚରଣ ଜେନା
ରବିଟକିଜ୍ ଛକ
ଆବିର୍ଭାବ: ୨୦।୦୮।୧୯୩୯
ତିରୋଧାନ: ୦୨।୧୦।୨୦୨୦
ଚାହୁଁ ଚାହୁଁ ଦଶଦିନ ବିତିଗଲା, ଜଣାପଡୁନି ଯେ ତୁମେ ଆମମାନଙ୍କ ଗହଣରେ ନାହିଁ। ଆମମାନଙ୍କ ପାଖରେ ରହିଗଲା ଏକ ବିରାଟ ଶୂନ୍ୟତା। ତୁମେ ସିନା ଚାଲିଗଲ ହେଲେ ତୁମର ସେ ଅପାସୋରା ସ୍ମୃତି ଆମ୍ଭମାନଙ୍କ ହୃଦୟରେ ଚିର ଅମର ହୋଇ ରହିଗଲା। ପବିତ୍ର ଦଶାହ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାକୁ ଆନ୍ତରିକ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ:
ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୩୯୮୭

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# କଳାର ପୂଜାରୀ

**ସେମାନଙ୍କ ହାତର ଯାଦୁଗରି ସ୍ପର୍ଶ ମାଟି, ପଥରକୁ ଦେଇପାରେ ଏକ ସୁନ୍ଦର ମନଲୋଭା ରୂପ। ଏକ ଅଦରକାରୀ ବସ୍ତୁ ବି ତାଙ୍କ ହାତରେ ଲାଗିଲେ ପାଲଟିଯାଏ ମୂଲ୍ୟବାନ୍। ଆଉ ତାଙ୍କ ନିଖୁଣ କାରୁକାର୍ଯ୍ୟ ଦ୍ୱାରା ଯେକୌଣସି ଜିନିଷ ଲାଗିଥାଏ ଜୀବନ୍ତ। ତେବେ ଲୋକଲୋଚନ ଆଢୁଆଳରେ ରହିଯାଉଥିବା ଏଭଳି କେତେଜଣ ଅନନ୍ୟ ଯୁବଶିଳ୍ପୀଙ୍କୁ ନେଇ ଏଥରର ବିଶେଷ ଉପସ୍ଥାପନା...**





**ନିଆରା ସାବୁନ କାରିଗର ସତ୍ୟବ୍ରତ:** ଶରୀରର ସୌନ୍ଦର୍ଯ୍ୟ ଲାଗି ଆମେ ଭଳିକି ଭଳି ସାବୁନ ବ୍ୟବହାର କରିଥାଉ। ହେଲେ ସାବୁନକୁ ବ୍ୟବହାର କରି ଅତି ସୁନ୍ଦର ନିଖୁଣ କାରୁକାର୍ଯ୍ୟ କରାଯାଇପାରେ, ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିପାରେ। ତେବେ ଏହାକୁ ପ୍ରମାଣ କରିଛନ୍ତି ଖୋର୍ଦ୍ଧା ଜିଲା ବାଘମାରୀ ଅଞ୍ଚଳର ଯୁବକ ସତ୍ୟବ୍ରତ ସେଠୀ । ତୁଳସୀ ଦୁଇ ପତ୍ରରୁ ବସିଲା ପରି କଳା ପ୍ରତି ଥିବା ତାଙ୍କ ଆଗ୍ରହ ଆଜି ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ସତ୍ୟବ୍ରତ ସାବୁନରେ ବିଭିନ୍ନ ଦେବଦେବୀ ଯଥା- ଶ୍ରୀକୃଷ୍ଣ, ରାଧା, ରାଧାକୃଷ୍ଣ, ଗଣେଶ, ସରସ୍ୱତୀ, ଶିବପାର୍ବତୀ, ବୁଦ୍ଧ, ବିଭିନ୍ନ ପଶୁପକ୍ଷୀ ଆଦି ଅତି ସୂକ୍ଷ୍ମ କାରୁକାର୍ଯ୍ୟ କରୁଛନ୍ତି। ସାବୁନରେ ସେ ବିଭିନ୍ନ କଳାକୃତିକୁ ଜୀବନ୍ତ ରୂପ ଦେଇଥାନ୍ତି । ଯିଏ ତାଙ୍କଠାରୁ ଥରେ କୌଣସି ଦେବଦେବୀଙ୍କ ସାବୁନ ପ୍ରତିମୂର୍ତ୍ତି ନେଇଛନ୍ତି, ସେ ତାଙ୍କ ନିଖୁଣ କାରୁକାର୍ଯ୍ୟକୁ ପ୍ରଶଂସା ନ କରି ରହିପାରନ୍ତି ନାହିଁ । ତେବେ ପ୍ରୋତ୍ସାହନ ଅଭାବରୁ ବଣ ମଲ୍ଲି ବଣରେ ଫୁଟି ମଉଳି ଗଲା ପରି ତାଙ୍କ ପ୍ରତିଭା ମଉଳିବାରେ ଲାଗିଛି। କାରଣ ନିଜ କଳାକୃତିକୁ ଅଧିକ ବଢାଇବା ଲାଗି ତାଙ୍କ ପାଖରେ ପର୍ଯ୍ୟାପ୍ତ ଅର୍ଥ ନାହିଁ। ତଥାପି ନିଜ ମାଟି ଚାଳ ଛପର ଘର ଏବେ ପାଲଟିଛି ତାଙ୍କର ସାବୁନ କଳାର ଗନ୍ତାଘର। ସେ କୁହନ୍ତି, ଆର୍ଥିକ ଅନଟନ ଲାଗି ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଥିଲି। ହେଲେ ପିଲାବେଲୁ କଳା ପ୍ରତି ଆଗ୍ରହ ଥିଲା। ତେଣୁ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବା ଉଦ୍ଦେଶ୍ୟରେ ଦଶ ବର୍ଷ ତଳେ ପ୍ରସ୍ତର ଶିଳ୍ପୀ ଗୁରୁ କଳ୍ପତରୁ ପଣ୍ଡାଙ୍କ ନିକଟରୁ ପଥର କାରୁକାର୍ଯ୍ୟ ଶିକ୍ଷା ଆରମ୍ଭ କଲି। ମୋ ଆଗ୍ରହ ଦେଖି ସେ ବହୁତ ସହଯୋଗ କରିଥିଲେ । ଥରେ ଘରେ ଏକ ସାବୁନରେ ପ୍ରଥମେ ଶ୍ରୀକୃଷ୍ଣଙ୍କ ପ୍ରତିମୂର୍ତ୍ତି ପ୍ରସ୍ତୁତ କରିଥିଲି, ଯାହାକୁ ସମ୍ପୂର୍ଣ୍ଣ ରୂପ ଦେବା ଲାଗି ତିନି ଦିନ ଲାଗିଥିଲା। ତାହା ମୋ ଜୀବନର ଗତିପଥ ପରିବର୍ତ୍ତନ କରି ଦେଇଥିଲା। ପଥର କାରୁକାର୍ଯ୍ୟ ସହ ସାବୁନରେ ଧୀରେ ଧୀରେ ଗୋଟିଏ ପରେ କଳାକୃତି ପ୍ରସ୍ତୁତ କରିବାରେ ଲାଗିଲି। ଏହା ଧୀରେ ଧୀରେ ଲୋକାଦୃତ ହେବାରୁ ଏଥିପ୍ରତି ମୋର ଆଗ୍ରହ ବଢିଥିଲା। ବର୍ତ୍ତମାନ ସୁଦ୍ଧା ମୁଁ ତିନି ଶହରୁ ଊର୍ଦ୍ଧ୍ୱ କଳାକୃତି ପ୍ରସ୍ତୁତ କରି ସାରିଛି। ଗୋଟିଏ ମୂର୍ତ୍ତି ତିଆରି ଲାଗି ମୋତେ ୩-୪ ଘଣ୍ଟା ସମୟ ଲାଗିଥାଏ। ଯଦିଓ ଏଥିରେ ମୋତେ ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ମିଳୁଛି, ତଥାପି ଏହି କାର୍ଯ୍ୟ ଲାଗି ଲୋକଙ୍କ ପ୍ରଶଂସା ମୋତେ ମାନସିକ ଖୁସି ଦେଉଛି।' ଏହି ସାବୁନ ପ୍ରସ୍ତୁତ କଳାକୃତି ଯଦିଓ ହସ୍ତଶିଳ୍ପ ଯୋଜନାରେ ଅନ୍ତର୍ଭୁକ୍ତ ନାହିଁ, ତଥାପି ଏହାକୁ ସରକାରୀସ୍ତରରେ ପ୍ରୋତ୍ସାହନ ମିଳିଲେ ଏହା ଅଧିଖ ଜନାଦୃତ ହୋଇପାରିବ ବୋଲି ଆଶା ରଖିଛନ୍ତି ସତ୍ୟବ୍ର।

**ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ଗଢିବାରେ ମାହିର ପ୍ରଦୀପ:** ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଧଳାପଥର ପଞ୍ଚାୟତର କାଦୁଅ ବେରେଣୀ ଗ୍ରାମର ପ୍ରଦୀପ ମୁଦୁଲି। ପାରମ୍ପରିକ କଳାକୁ ବଞ୍ଚାଇ ରଖିବା ସହ ମହାପ୍ରଭୁଙ୍କ ପ୍ରତି ରହିଥିବା ଗଭୀର ଭକ୍ତିଭାବ ଆଜି ତାଙ୍କୁ ସମାଜରେ ଜଣେ ପ୍ରତିଷ୍ଠିତ କାରିଗରର ପରିଚୟ ଦେଇପାରିଛି। କାରିଗର ପରିବାରରେ ଜନ୍ମ ହୋଇଥିବାରୁ ପିଲାବେଳୁ ଏଥିପ୍ରତି ରୁଚି ରହିଥିଲା। ତେଣୁ ବାପା ଜଗେଶ୍ୱର ମୁଦୁଲିଙ୍କଠାରୁ ମାଟି ମୂର୍ତ୍ତି ବିଶେଷ କରି ଗଣେଶ ମୂର୍ତ୍ତି ଗଢିବାର କୌଶଳ ଶିଖିଥିଲେ। ବୟସ ବଢିବା ସହ ଏହା ତାଙ୍କ ନିଶାରେ ପରିଣତ ହୋଇଥିଲା। ଆଉ ନିଜର ନିଖୁଣ କଳାକାରିଗରି ପାଇଁ ସେ ସମସ୍ତଙ୍କ ନିକଟରେ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ସେ କୁହନ୍ତି, ମୂର୍ତ୍ତି ଗଢିବାକୁ ନେଇ ମୋ ଭିତରେ ଥିବା ଆଗ୍ରହ ଦେଖି ବାପା ମାଟି କାମ ସହ ଚିତ୍ରକର କାମ ଶିକ୍ଷା ଲାଗି ପ୍ରେରଣା ଦେଇଥିଲେ। ଧୀରେ ଧୀରେ ଏହା ସହ କାଠ ଓ ଫାଇବରରେ ପ୍ରତିମୂର୍ତ୍ତି ଗଢିବା ଏବଂ କାନଭାସରେ ଚିତ୍ରକଳା ବି ଆରମ୍ଭ କଲି। ହେଲେ ଥରେ ପୁରୀ ଯାଇ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସମୟରେ ମନରେ ଆସିଲା, ମତେ ଟିକେ ଦୟା କର ପ୍ରଭୁ ମୁଁ ବି ତୁମ ମୂର୍ତ୍ତି ଗଢିବି। ସେ ମନ କଥା ବୁଝିଲେ ଆଉ ଏହି ସୌଭାଗ୍ୟ ମୋତେ ମିଳିଲା। ଏଥିପାଇଁ ପୁରୀରେ ୫ବର୍ଷ ରହି ଶିକ୍ଷା ମଧ୍ୟ ଗ୍ରହଣ କରିଥିଲି। ଆଉ ବର୍ତ୍ତମାନ ପ୍ରାୟ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଚତୁର୍ଦ୍ଧା ବିଗ୍ରହଙ୍କ ପ୍ରତିମୂର୍ତ୍ତି ଗଢିବାରେ ଲାଗିଛି। ୪ ଇଞ୍ଚଠାରୁ ଆରମ୍ଭ କରି ସାଢେ ୪ ଫୁଟ ପର୍ଯ୍ୟନ୍ତ ପ୍ରତିମୂର୍ତ୍ତି ଗଠନ କରୁଛି। ମହାପ୍ରଭୁଙ୍କ ମୂର୍ତ୍ତି ଗଢିବା ଲାଗି ନିମ୍ବ କାଠ ବ୍ୟବହାର କରୁଛି। ଧୀରେ ଧୀରେ ଏ ସମ୍ପର୍କରେ ଜାଣିବା ପରେ ଆଖପାଖ ଅଞ୍ଚଳର ଲୋକେ ନୂଆ ମୂର୍ତ୍ତି ନେବା ହେଉ କିମ୍ବା ଘୋଷଯାତ୍ରା ପୂର୍ବରୁ ଘରେ ପୂଜା ପାଉଥିବା ପ୍ରତିମୂର୍ତ୍ତି ରଙ୍ଗ ଦେବା ଲାଗି ଆଣୁଛନ୍ତି। ରଥଯାତ୍ରା ଆସିଲେ, ବିଭିନ୍ନ ସାଇଜର ପ୍ରତିମୂର୍ତ୍ତି ଲୋକଙ୍କ ଚାହିଦା ଅନୁସାରେ ନିର୍ମାଣ କରିଆସୁଛି। ଯଦିଓ ମାଟି ମୂର୍ତ୍ତି ଗଢିବା ଆମ କୁଳ ବେଉସା ହେଲେ ମୁଁ ରୋଜଗାର ପାଇଁ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ଗଢେ ନାହିଁ। କାରଣ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ସେବାର ସୁଯୋଗ ନ ମିଳିଲେ ମଧ୍ୟ ପରୋକ୍ଷରେ ତାଙ୍କ ପ୍ରତିମୂର୍ତ୍ତି ଗଢି ଅପୂର୍ବ ଆନନ୍ଦ ମିଳିଥାଏ। ମହାପ୍ରଭୁଙ୍କ ଦୟାରୁ ବର୍ତ୍ତମାନ ମୋ ନିର୍ମିତ ମୂର୍ତ୍ତି ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯାଇ ପୂଜା ପାଇବା ହିଁ ମୋର ସବୁଠୁ ବଡ଼ ଆତ୍ମସନ୍ତୋଷ।



ପ୍ରଦୀପ



ସତ୍ୟବ୍ରତ





**-ପୌର୍ଣ୍ଣମାସୀ**

ସହାୟତା- **ପ୍ରଭାତ ପାଣିଗ୍ରାହୀ**

# ରେନ୍‌ବୋ ଫ୍ୟାଶନ

**କଲରଫୁଲ୍ ଗେଟ୍ଅପ୍ ଯୁବପିଢିଙ୍କର ସବୁବେଳେ ପସନ୍ଦ। ଏମିତିରେ କିଛିଦିନ ହେବ ସପ୍ତରଙ୍ଗୀ ବା ରେନ୍‌ବୋ କଲର ଆଉଟଫିଟ୍ କଲେକ୍ସନ୍ ସେମାନଙ୍କ ଲାଗି ଲାଟେଷ୍ଟ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି...**



➔ବର୍ତ୍ତମାନ ଉଭୟ ଯୁବତୀଯୁବକ ରେନ୍‌ବୋ କଲର ଡ୍ରେସ୍ ପିନ୍ଧୁଥିବା ଦେଖିବାକୁ ମିଳୁଛି। ଯୁବକମାନେ କାଜୁଆଲ୍ ଏବଂ ଟ୍ରେଣ୍ଡି ଲୁକ୍ ପାଇଁ ଜିନ୍ସ ସହିତ ରେନ୍‌ବୋ ଶାର୍ଟ ପିନ୍ଧୁଛନ୍ତି। - ସେହିପରି ଯୁବତୀମାନେ ଆଇକ୍ୟାଚି ଲୁକ୍ ପାଇଁ ବ୍ଲାକ୍, ହ୍ୱାଇଟ୍, ୟେଲୋ ଭଳି ପ୍ଲେନ୍ କଲର କୁର୍ତ୍ତୀ ବା ଡ୍ରେସ୍ ସହିତ ରେନ୍‌ବୋ ଦୁପଟା ଏବଂ ଷ୍ଟୋଲ୍ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

➔ଡିଜାଇନର୍ ସିଙ୍ଗଲ କଲର ଟପ୍ସ ସହିତ ରେନ୍‌ବୋ ସ୍କର୍ଟ ବର୍ତ୍ତମାନ ଖୁବ୍ ଡିମାଣ୍ଡରେ ଅଛି। ବିଶେଷ କରି ଲଙ୍ଗ୍ ଅମ୍ବ୍ରେଲା ରେନ୍‌ବୋ ସ୍କର୍ଟ ନା କେବଳ ଦେଖିବାକୁ ଆକର୍ଷଣୀୟ ଲାଗୁଛି ବରଂ ଯେକୌଣସି କଲରର ଟପ୍ସ ସହିତ ଏହାକୁ ପେୟାର କଲେ ଫ୍ୟାଶନେବଲ୍ ଲାଗୁଛି।

➔ସେହିପରି ଡିଜାଇନର ରେନ୍‌ବୋ ଟପ୍ସ, କୁର୍ତ୍ତୀ, ଲଙ୍ଗ୍ ଗାଉନ୍, କ୍ୟାପ୍ ଏବଂ ଶାଢିକୁ ମଧ୍ୟ ଅନେକେ ବ୍ୟବହାର କରୁଛନ୍ତି।

➔କେବଳ ଡ୍ରେସ୍ ନୁହେଁ ବର୍ତ୍ତମାନ ରେନ୍‌ବୋ କଲର ଆସେସରିଜ୍ ବି ଫ୍ୟାଶନ୍ ଟ୍ରେଣ୍ଡ ପାଲଟିଛି। ଏଭଳି କଲର ବ୍ୟାଣ୍ଡ ଥିବା ରିଷ୍ଟୱାଚ୍ ହେଉ କିମ୍ବା ବ୍ରେସ୍‌ଲେଟ୍ ୟୁନିସେକ୍ସ ଷ୍ଟାଇଲ୍ ହୋଇଛି।

➔ସେହିପରି ଯୁବତୀମାନେ ରେନ୍‌ବୋ କଲରର ଇୟରିଂ ହୁପ୍ସ, ନେକ୍‌ଲେସ୍, ଚୁଡ଼ି, ବ୍ୟାଗ୍, କ୍ଲଚ୍ ଏବଂ ଜୋତା ଆଦି ବ୍ୟବହାର କରୁଥିବା ମଧ୍ୟ ଦେଖିବାକୁ ମିଳୁଛି।



## ଏ ସପ୍ତାହର ପ୍ରଶ୍ନ

୧- ଭାରତ ପକ୍ଷରୁ......... ଦେଶରେ ଏକ ୧୦୦ ବେଡ୍ ଯୁକ୍ତ ହସ୍‌ପିଟାଲ ଏବଂ ୨୨,୦୦୦ ସିଟ୍ ଯୁକ୍ତ ଷ୍ଟାଡ଼ିଅମ୍ ନିର୍ମାଣ କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଛି ?
୨- ଆମ ଦେଶରେ ଖୁବ୍ ଶୀଘ୍ର ଶୁଭାରମ୍ଭ ହେବାକୁ ଯାଉଥିବା ସର୍ବବୃହତ୍ ହସ୍ତଶିଳ୍ପ ଏବଂ ଜୈବଉତ୍ପାଦ ମାର୍କେଟ.......... ?
୩- ଆମ ଦେଶର..........ରାଜ୍ୟରେ ଧର୍ମସ୍ଥାନ ଏବଂ ସାର୍ବଜନୀନ ସ୍ଥାନରେ ଲାଉଡ୍‌ସ୍ପିକର୍ ବ୍ୟବହାର ଉପରେ କଟକଣା ଲଗାଯାଇଛି ?
୪- 'ଟୁ' ହେଉଛି ପ୍ରସିଦ୍ଧ ସଂଗୀତକାର........ଙ୍କ ପ୍ରଥମ ଇଂଲିଶ ଉପନ୍ୟାସ ?
- ସୋମାସିଲା ଡ୍ୟାମ...........ରାଜ୍ୟରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ସାଇନ୍ ଲାଙ୍ଗୁଏଜେସ୍ ଆର୍ ଫର୍ ଏଭ୍ରିୱାନ୍
୨ ଗ୍ୱାଲିଅର୍
୩ ଏପ୍ରିଲ ୨୩
୪ ଷ୍ଟିଭ୍ ସାସନ୍
୫ ପାରୁଲୁ ଘସି

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



ପ୍ରଶାନ୍ତ କର, ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ୨୦୨୦ର ସବୁଠୁ ବଡ଼ ଷ୍ଟିଲ୍ କମ୍ପାନୀ



| | |
|---|---|
| ୧- ଆର୍ସେଲରମିତଲ୍ | ଲକ୍‌ଜେନ୍‌ବର୍ଗ |
| ୨- ଚାଇନା ବାଉଉ ଗ୍ରୁପ୍ | ଚୀନ |
| ୩- ନିପ୍ପନ ଷ୍ଟିଲ୍ କର୍ପୋରେଶନ୍ | ଜାପାନ |
| ୪- ଏଚ୍‌ବିଆଇଏସ୍ ଗ୍ରୁପ୍ | ଚୀନ |
| ୫- ପୋସ୍କୋ | ସାଉଥ୍ କୋରିଆ |
| ୬- ଶାଗାଙ୍ଗ୍ ଗ୍ରୁପ୍ | ଚୀନ |
| ୭- ଆନ୍‌ଷ୍ଟିଲ୍ ଗ୍ରୁପ୍ | ଚୀନ |
| ୮- ଜେଏଫ୍‌ଇ ଷ୍ଟିଲ୍ କର୍ପୋରେଶନ୍ | ଜାପାନ |
| ୯- ଜିଆନ୍‌ଲଙ୍ଗ୍ ଗ୍ରୁପ୍ | ଚୀନ |
| ୧୦- ଶୌଗାଙ୍ଗ୍ ଗ୍ରୁପ୍ | ଚୀନ |

ଜାଣନ୍ତୁ ଦୁନିଆ

# ଏମିତି ବି ଅଛି ରେଷ୍ଟୁରାଣ୍ଟ

**ପୃଥିବୀରେ ବହୁ ସଂଖ୍ୟକ ଛୋଟ ବଡ଼ ରେଷ୍ଟୁରାଣ୍ଟ ରହିଛି। ହେଲେ ସେସବୁ ମଧ୍ୟରେ କିଛି ଏମିତି ରେଷ୍ଟୁରାଣ୍ଟ ବି ରହିଛି, ଯାହାର ଅଜବ ଥିମ୍ ପାଇଁ ତାହା ସାରା ଦୁନିଆରେ ଚର୍ଚ୍ଚିତ। ଆସନ୍ତୁ ଜାଣିବା ଏଭଳି କିଛି ରେଷ୍ଟୁରାଣ୍ଟ ସମ୍ପର୍କରେ...**



**ଟଏଲେଟ୍ ରେଷ୍ଟୁରାଣ୍ଟ:** ଏହାର ନାମ ପଢିବା ମାତ୍ରେ ଆପଣଙ୍କୁ ଅଜବ ଲାଗୁଥିବ ନିଶ୍ଚୟ। କାରଣ ଟଏଲେଟ୍‌କୁ ଖାଦ୍ୟ ପାଇଁ କିଏ ବ୍ୟବହାର କରେ। ହେଲେ ଚାଇନାରେ ରହିଛି ଏହି ଅଜବ ରେଷ୍ଟୁରାଣ୍ଟ, ଯେଉଁଠାରେ ଟେବୁଲ୍ ଚେୟାର୍ ବଦଳରେ ଟଏଲେଟ୍ ସିଟ୍ ବ୍ୟବହାର କରାଯାଇଥାଏ। ଏମିତିକି ଖାଦ୍ୟଗୁଡ଼ିକ ରଖାଯିବା ସହ ଗ୍ରାହକଙ୍କୁ ପରଷା ମଧ୍ୟ ଟଏଲେଟ୍ ପ୍ୟାନ୍ ଭଳି କଣ୍ଟେନରରେ ହିଁ ହୋଇଥାଏ।

**ଆଇସ୍ ରେଷ୍ଟୁରାଣ୍ଟ:** ଦୁବାଇ ଭଳି ଗରମ ସ୍ଥାନରେ ଲୋକଙ୍କୁ ଆଣ୍ଟାର୍କଟିକା ଭଳି ବରଫ ଆଉ ଥଣ୍ଡାର ଅନୁଭୂତି ଦେବା ଲାଗି ରହିଛି ଆଇସ୍ ରେଷ୍ଟୁରାଣ୍ଟ। ଏହି ରେଷ୍ଟୁରାଣ୍ଟକୁ ବରଫ ଏବଂ କାଚରେ ସମ୍ପୂର୍ଣ୍ଣ ଡିଜାଇନ୍ କରାଯିବା ସହ ଏହା ଭିତରର ତାପମାତ୍ରା ସର୍ବଦା ଶୂନ ଡିଗ୍ରୀରୁ କମ୍ ରଖାଯାଇଥାଏ। ଏହା ଭିତରେ ବ୍ୟବସ୍ଥା ଏପରି କରାଯାଇଛି ଯେପରି ଗ୍ରାହକଙ୍କୁ ସମ୍ପୂର୍ଣ୍ଣ ବରଫାଞ୍ଚଳ ଭିତରେ ଥିବା ଭଳି ଅନୁଭବ ହୋଇଥାଏ। ଏହା ଭିତରେ କେବଳ ବରଫରେ ପ୍ରସ୍ତୁତ ଥଣ୍ଡା ଖାଦ୍ୟ ହିଁ ମିଳିଥାଏ।

**ପ୍ରିଜନ୍ ଥିମ୍ ରେଷ୍ଟୁରାଣ୍ଟ:** ଅପରାଧୀଙ୍କୁ ଦଣ୍ଡ ଦେବା ଲାଗି ରଖାଯାଇଥାଏ ଜେଲ୍‌ରେ। ହେଲେ ବିନା ଅପରାଧରେ ସାଧାରଣ ଲୋକଙ୍କୁ ଜେଲ୍ ଭିତରେ ଖୁସିରେ ବସି ଖାଉଥିବାର କେବେ ଦେଖିଛନ୍ତି। ଏଭଳି ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳେ ଚାଇନାରେ ଥିବା ପ୍ରିଜନ୍ ରେଷ୍ଟୁରାଣ୍ଟରେ। ସେଠାରେ ରୁମ୍‌ଗୁଡ଼ିକ ଜେଲ୍‌ର ଭିତର ଭଳି ଡିଜାଇନ୍ କରାଯାଇ ଟେବୁଲ ଚେୟାର ବ୍ୟବସ୍ଥା କରାଯାଇଛି। ଗ୍ରାହକ ଆସିଲେ ଏହି ଜେଲ ଭିତରେ ବସାଇ ୱେଟରମାନେ କଏଦୀ ଏବଂ ଜେଲରଙ୍କ ବେଶ ପୋଷାକରେ ଖାଦ୍ୟ ପରଷିଥାନ୍ତି।

**ଦି ବୁନିୟାଦି ରେଷ୍ଟୁରାଣ୍ଟ:** ଏକା, ପରିବାର ହେଉ କିମ୍ବା ସାଙ୍ଗସାଥୀଙ୍କ ସହ ରେଷ୍ଟୁରାଣ୍ଟରେ ଖାଇବାକୁ ଯାଉଥିଲେ ଆମେ ସର୍ବପ୍ରଥମେ କୌଣସି ଭଲ ଡ୍ରେସ୍ ବାଛିଥାଉ। ହେଲେ ରେଷ୍ଟୁରାଣ୍ଟକୁ ସମ୍ପୂର୍ଣ୍ଣ ଉଲଗ୍ନ ହୋଇଯିବା କଥା ଆମେ ସ୍ୱପ୍ନରେ ବି ଭାବିପାରିବା ନାହିଁ। କିନ୍ତୁ, କଥାଟି ଅଜବ ଲାଗୁଥିଲେ ବି ସତ, ଏଭଳି ଏକ ଅଜବ ରେଷ୍ଟୁରାଣ୍ଟ 'ଦି ବୁନିୟାଦି' ରହିଛି ଲଣ୍ଡନରେ ; ଯେଉଁଠାରେ ରେଷ୍ଟୁରାଣ୍ଟର ସମସ୍ତ କର୍ମଚାରୀଙ୍କଠାରୁ ଆରମ୍ଭ କରି ଗ୍ରାହକ ପର୍ଯ୍ୟନ୍ତ ସମସ୍ତେ ଥାନ୍ତି ଉଲଗ୍ନ। ତେବେ ଆଶ୍ଚର୍ଯ୍ୟର କଥା ହେଉଛି, ସେଠାରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗ୍ରାହକଙ୍କ ଭିଡ଼ ଜମିଥାଏ

# କୋଲକାତାର ରୋମାଞ୍ଚକ ବିଜୟ

**ଆବୁଧାବି,୧୦।୧୦(ପି.ଟି.)**

ଶୁବମନ ଗିଲ୍ ଓ ଅଧିନାୟକ ଦୀନେଶ କାର୍ତ୍ତିକଙ୍କ ଅର୍ଦ୍ଧଶତକ ଏବଂ ପରେ ପ୍ରସିଦ୍ଧ କ୍ରିଷ୍ଣା ଓ ଅଭିଜ୍ଞ ସୁନୀଲ ନାରିନଙ୍କ ଉଚ୍ଚକୋଟୀର ବୋଲିଂ ବଳରେ କୋଲକାତା ନାଇଟ୍ ରାଇଡର୍ସ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୪ତମ ମ୍ୟାଚ୍‌ରେ ମାତ୍ର ୨ ରନରେ କିଙ୍ଗ୍ସ ଏକାଦଶକୁ ପରାସ୍ତ କରିଛି। ସ୍ଥାନୀୟ ଶେଖ୍ ଜାଏଦ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏହି ରୋମାଞ୍ଚକ ମ୍ୟାଚ୍‌ରେ କୋଲକାତା ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୧୬୪ ରନ ସଂଗ୍ରହ କରିଥିଲା। ଜବାବରେ ପଞ୍ଜାବ ଭଲ ଆରମ୍ଭ କରିଥିଲେ ମଧ୍ୟ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ବିଫଳତା କାରଣରୁ ୫ ଉଇକେଟ ହରାଇ ୧୬୨ ରନ କରି ପରାସ୍ତ ହୋଇଛି। ବିଜୟ ପାଇଁ ଅନ୍ତିମ ୩ ଓଭରରେ ୨୨ ଓ ୨୦ତମ ଓଭରରେ ୧୪ ରନ ଆବଶ୍ୟକ ଥିଲା। ତେବେ ନାରିନଙ୍କ ଅନ୍ତିମ ଓଭରରେ ପଞ୍ଜାବ ୧୧ ରନ କରିଥିଲା। କାର୍ତ୍ତିକ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଏହି ମନ୍ଥର ଓ କଷ୍ଟକର ପିଚ୍‌ରେ ୧୬୫ ରନ ଟାର୍ଗେଟ୍‌ର ପିଛା କରି ପଞ୍ଜାବ ଭଲ ଆରମ୍ଭ କରିଥିଲା। ଅଧିନାୟକ ଲୋକେଶ ରାହୁଲ ଓ ମୟଙ୍କ ଅଗ୍ରୱାଲ ଓପନିଂ ଯୋଡିରେ ୮୬ ବଲରୁ ୧୧୫ ରନ କରି ଦଳକୁ ସୁବିଧାଜନକ ସ୍ଥିତିରେ ପହଞ୍ଚାଇଥିଲେ। ତେବେ ଦୁଇ ବ୍ୟାଟ୍ସମ୍ୟାନ ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣାଙ୍କ ଦ୍ୱାରା ଆଉଟ ହୋଇଥିଲେ। ରାହୁଲ ବୋଲ୍ଡ ହୋଇଥିବା ବେଳେ ମୟଙ୍କ ଡିପ୍ ମିଡ୍ ଉଇକେଟରେ ଶୁବମନଙ୍କୁ କ୍ୟାଚ୍ ଦେଇଥିଲେ। ଏହାପରେ ଦଳର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଫେଲ୍ ମାରିଥିଲେ। ଫଳରେ ଦଳ ଅଳ୍ପକେ ବିଜୟ ହାତଛଡା କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ନିକୋଲାସ ପୁରନ ୧୬ ରନ ଓ ମନଦୀପ ସିଂ ଖାତା ଖୋଲିବା ପୂର୍ବରୁ ନାରିନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ପ୍ରଭ୍‌ସିମରନ ସିଂ ୪ ରନ କରିଥିବା ବେଳେ କ୍ରିଷ୍ଣାଙ୍କ ତୃତୀୟ ଶିକାର ହୋଇଥିଲେ। ଗ୍ଲେନ୍ ମ୍ୟାକ୍ସୱେଲ ୫ ବଲରୁ ୨ ଚୌକା ସହ ୧୦ ରନକରି ଅପରାଜିତ ରହିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ବୋଲିଂରେ କ୍ରିଷ୍ଣା ୩ ଓ ନାରିନ ୨ ଉଇକେଟ ନେଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା କୋଲକାତା ଯୁବ ଓପନର ଶୁବମନ ଗିଲ୍ ଓ ଅଧିନାୟକ ଦୀନେଶ କାର୍ତ୍ତିକଙ୍କ ଅର୍ଦ୍ଧଶତକ ସହାୟତାରେ ଚ୍ୟାଲେଞ୍ଜିଂ ସ୍କୋର ଛିଡା କରିଥିଲା। ୪୭ ବଲରୁ ୫ ଚୌକା ସହ ଶୁବମନ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିବା ପରେ କାର୍ତ୍ତିକ ୨୯ ବଲରୁ ୮ ଚୌକା ଓ ୨ ଛକା ସହ ଦ୍ରୁତ ୫୮ ରନ ସଂଗ୍ରହ କରିଥିଲେ। ଭୁଲ ବୁଝାମଣା କାରଣରୁ ଏହି ଦୁଇ ବ୍ୟାଟ୍ସମ୍ୟାନ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଇନ୍‌ଫର୍ମ ନୀତୀଶ ରାଣା ମଧ୍ୟ ୨ ରନକରି ରନ୍‌ଆଉଟ ହୋଇଥିଲେ। ୧୧ ଓଭରରେ ୩ ଉଇକେଟ ହରାଇ ୬୩ ରନ କରି କୋଲକାତା ଭଲ ଆରମ୍ଭ କରିପାରି ନ ଥିଲା। ତେବେ ଶେଷ ବଲ୍‌ରେ ଆଉଟ ହେବା ପୂର୍ବରୁ କାର୍ତ୍ତିକ ଦ୍ରୁତ ଇନିଂସ ଖେଳିଥିଲେ ଓ ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ୩ ମୁଖ୍ୟ ବ୍ୟାଟ୍ସମ୍ୟାନ ରନ୍ ଆଉଟ ହେବା ଦ୍ୱାରା ଦଳକୁ ଝଟ୍‌କା ଲାଗିଥିଲା। ଚତୁର୍ଥ ଉଇକେଟରେ କାର୍ତ୍ତିକ ଓ ଶୁବମନ ୪୩ ବଲରୁ ୮୨ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇନ୍‌ଫର୍ମ ଓପନର ରାହୁଲ ତ୍ରିପାଠୀ ୪, ଇଅନ ମୋର୍ଗାନ ୨୪, ଆନ୍ଦ୍ରେ ରସେଲ ୫ ରନ କରି ଆଉଟ ହୋଇଥିବା ବେଳେ ପ୍ୟାଟ୍ କମିନ୍ସ ୫ ରନକରି ଅପରାଜିତ ରହିଥିଲେ। ତୃତୀୟ ଉଇକେଟ ମୋର୍ଗାନ ଓ ଶୁବମନ ୪୩ ବଲରୁ ୪୯ ରନ ସଂଗ୍ରହ କରିଥିଲେ। ମୋର୍ଗାନଙ୍କୁ ଆଉଟ୍ କରି ରବି ବିଷ୍ଣୋଇ ବ୍ରେକ୍ ଥ୍ରୁ ଦେଇଥିଲେ। ଲଙ୍ଗ୍ ଅନ୍‌ରେ ମୋର୍ଗାନ ମ୍ୟାକ୍ସୱେଲଙ୍କୁ ଏକ ସହଜ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ମହମ୍ମଦ ସାମିଙ୍କ ଦ୍ୱାରା ୪ ରନ କରି ତ୍ରିପାଠୀ ବୋଲ୍ଡ ହୋଇଥିଲେ। ଫଳରେ କୋଲକାତା ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ବୋଲିଂରେ ପଞ୍ଜାବ ତରଫରୁ ସାମି, ଅର୍ଶଦୀପ ସିଂ ଓ ବିଷ୍ଣୋଇ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ଆଇପିଏଲ୍**
(ରବିବାର ମ୍ୟାଚ)

**ସନ୍‌ରାଇଜର୍ସ ବନାମ ରାଜସ୍ଥାନ ରୟାଲ୍ସ**
**ସ୍ଥାନ:** ଦୁବାଇ, **ସମୟ:** ଅପରାହ୍ନ ୩ଟା ୩୦

**ମୁମ୍ବାଇ ଇଣ୍ଡିଆନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ**
**ସ୍ଥାନ:** ଆବୁଧାବି, **ସମୟ:** ରାତି ୭ଟା ୩୦

**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ


ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଦିନେଶ କାର୍ତ୍ତିକ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୬୪/୬, (ଶୁବମନ- ୫୭, କାର୍ତ୍ତିକ- ୫୮, ମୋର୍ଗାନ- ୨୪, ସାମି- ୩୦/୧, ଅର୍ଶଦୀପ- ୧/୨୫, ବିଷ୍ଣୋଇ- ୧/୨୫)।
କିଙ୍ଗ୍ସ ଏକାଦଶ ପଞ୍ଜାବ ୨୦ ଓଭରରେ ୧୬୨/୫, (ରାହୁଲ- ୭୪, ମୟଙ୍କ- ୫୬, ପ୍ରସିଦ୍ଧ କ୍ରିଷ୍ଣା- ୩/୨୯, ନାରିନ- ୨/୨୮)।


ଫ୍ରେଞ୍ଚ୍ ଓପନ ଟେନିସ୍ ମହିଳା ସିଙ୍ଗଲ୍ସ ଟ୍ରଫି ସହ ଇଗା ସ୍ୱିଟେକ।

# ସ୍ୱିଟେକଙ୍କୁ ପ୍ରଥମ ଗ୍ରାଣ୍ଡସ୍ଲାମ୍

**ପ୍ୟାରିସ୍,୧୦।୧୦(ଏପି)**

ପୋଲାଣ୍ଡ ଟିନ୍‌ଏଜର ଇଗା ସ୍ୱିଟେକ ଏଥର ଫ୍ରେଞ୍ଚ୍ ଓପନ ଟାଇଟଲ ହାସଲ କରିଛନ୍ତି। ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ଅଣସିଡ୍ ସ୍ୱିଟେକ ଆମେରିକାର ଚତୁର୍ଥ ସିଡ୍ ଖେଳାଳି ସୋଫିଆ କେନିନଙ୍କୁ ପରାସ୍ତ କରି ପ୍ରଥମ ପୋଲାଣ୍ଡ ଖେଳାଳିଭାବେ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ରେକର୍ଡ କରିଛନ୍ତି। ଶନିବାର

**ଫ୍ରେଞ୍ଚ୍ ଓପନ୍ ଟେନିସ୍**

ଫିଲିପ୍ ଚାଟ୍ରିଏର କୋର୍ଟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ୧୯ ବର୍ଷୀୟ ସ୍ୱିଟେକ ୬-୪, ୬-୧ ସେଟ୍‌ରେ ବିଜୟୀ ହୋଇ ବାଜି ମାରିଛନ୍ତି। କ୍ଲେ କୋର୍ଟରେ ଖେଳାଯାଉଥିବା ଏହି ଟୁର୍ନାମେଣ୍ଟରେ ସେ ଗୋଟିଏ ହେଲେ ବି ସେଟ୍ ଡ୍ରପ୍ କରି ନ ଥିଲେ। ମନିକା ସେଲେସଙ୍କ ପରେ ସେ ସର୍ବକନିଷ୍ଠ ବିଜେତା ସାବ୍ୟସ୍ତ ହୋଇଛନ୍ତି। ପୂର୍ବରୁ ସେଲେସ ୧୯୯୨ରେ ସର୍ବକନିଷ୍ଠ ଖେଳାଳି ଭାବେ ଫ୍ରେଞ୍ଚ୍ ଓପନ୍ ଚାମ୍ପିୟନ ହୋଇଥିଲେ। ଲୋଏଷ୍ଟ ର୍‌ୟାଙ୍କ (୫୪ ନମ୍ବର) ଖେଳାଳିଭାବେ ବିଜୟୀ ହୋଇ ସେ ରେକର୍ଡ କରିଛନ୍ତି।

ଦୁଇବର୍ଷ ତଳେ ସ୍ୱିଟେକ ୱିମ୍ବେଲଡନ ଜୁନିୟର ଟାଇଟଲ ହାସଲ କରିଥିଲେ। ବିଶ୍ୱ ର୍‌ୟାଙ୍କିଙ୍ଗ୍‌ର ୫୪ତମ ସ୍ଥାନରେ ରହି ଗ୍ରାଣ୍ଡସ୍ଲାମ ଜିତି ସେ ରେକର୍ଡ କରିଛନ୍ତି। ନିଜ ପ୍ରଦର୍ଶନରେ ସେ ଖୁସି ଜାହିର କରିଛନ୍ତି। ଅପରପକ୍ଷରେ ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ ଜିତିଥିବା ୨୧ ବର୍ଷୀୟ ସୋଫିଆ କେନିନ୍ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ ଲକ୍ଷ୍ୟରେ ଥିଲେ ମଧ୍ୟ ତାଙ୍କୁ ଶେଷରେ ନିରାଶ ହେବାକୁ ପଡିଛି। ପୂର୍ବରୁ ସ୍ୱିଟେକ୍ ସେମିଫାଇନାଲରେ ଆର୍ଜେଣ୍ଟିନାର ନାଡିଆ ପୋଡୋରୋସ୍କାଙ୍କୁ ୬-୨, ୬-୧ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି କେନିନ ସେମିରେ ୬-୪, ୭-୫ ସେଟ୍‌ରେ ଚେକ ଗଣରାଜ୍ୟର ପେଟ୍ରା ଭିଟୋଭାଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।

# ନାଡାଲ-ଜୋକୋଭିଚ୍ ଫାଇନାଲ

ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ୍ ଓପନ ପୁରୁଷ ସିଙ୍ଗଲ୍ସ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ରବିବାର ଟାଇଟଲ ପାଇଁ ସ୍ପେନ୍ ସୁପରଷ୍ଟାର ରାଫେଲ ନାଡାଲ ଓ ଅଭିଜ୍ଞ ସର୍ବିୟ ଖେଳାଳି ନୋଭାକ ଜୋକୋଭିଚ୍ ପରସ୍ପରକୁ ଭେଟିବେ। ପ୍ରଥମ ସେମିରେ ନାଡାଲ ଆର୍ଜେଣ୍ଟିନାର ଡିଏଗୋ ସ୍ୱାର୍ଜମ୍ୟାନଙ୍କୁ ହରାଇ ଫାଇନାଲକୁ ଉଠିଥିଲେ। ଦ୍ୱିତୀୟ ସେମିରେ ନୋଭାକ ଜୋକୋଭିଚ୍ ୬-୩, ୬-୨, ୫-୭, ୪-୬, ୬-୧ ସେଟ୍‌ରେ ଗ୍ରୀସ୍‌ର ଷ୍ଟିଫାନୋଜ ସିଟିସିପାସ୍‌ଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

# ବ୍ରାଜିଲ, କଲମ୍ବିଆର ପ୍ରଥମ ବିଜୟ

**ସାଓପାଲୋ, ୧୦।୧୦ (ଏପି):** ୱାର୍ଲ୍ଡକପ୍ ଫୁଟ୍‌ବଲ କ୍ୱାଲିଫାୟର୍ସ ଓପନିଂ ରାଉଣ୍ଡରେ ବ୍ରାଜିଲ ଓ କଲମ୍ବିଆ ସେମାନଙ୍କର ପ୍ରଥମ ବିଜୟ ହାସଲ କରିଛନ୍ତି। କୋଭିଡ୍ ସ୍ୱାସ୍ଥ୍ୟ ପ୍ରୋଟୋକଲ ଯୋଗୁ ବିନା ଦର୍ଶକରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସାଓପାଲୋଠାରେ ବର୍ଷା ମଧ୍ୟରେ ଖେଳାଯାଇଥିବା ବଲିଭିଆ ବିପକ୍ଷ ମ୍ୟାଚରେ ବ୍ରାଜିଲ ୫-୦ ଗୋଲରେ ସହଜ ବିଜୟ ହାସଲ କରିଥିଲା। ବାରାନ୍କ୍ୱିଲାଠାରେ ଖେଳାଯାଇଥିବା ମ୍ୟାଚ୍‌ରେ କଲମ୍ବିଆ ୩-୦ ଗୋଲରେ ଜିତିଥିଲା। ଏହି ତିନୋଟି ଯାକ ଗୋଲ ପ୍ରଥମାର୍ଦ୍ଧ ଖେଳରେ ସ୍କୋର ହୋଇଥିଲା। ପ୍ରଥମ ରାଉଣ୍ଡ ପରେ ବ୍ରାଜିଲ, କଲମ୍ବିଆ, ଉରୁଗୁଏ ଓ ଆର୍ଜେଣ୍ଟିନା ପ୍ରତ୍ୟେକ ୩ ପଏଣ୍ଟ ଲେଖାଏ ଅର୍ଜନ କରି ଅଗ୍ରଣୀ ରହିଛନ୍ତି। ପେରୁ ଓ ପାରାଗୁଏ ଗୋଟିଏ ଲେଖାଏ ପଏଣ୍ଟ ପାଇଛନ୍ତି। ଇକ୍ୱେଡର, ଚିଲି, ଭେନେଜୁଏଲା ଏବଂ ବଲିଭିଆ ଗୋଟିଏ ହେଲେ ପଏଣ୍ଟ ହାସଲ କରିବାରେ ସମର୍ଥ ହୋଇପାରି ନାହାନ୍ତି। ଦ୍ୱିତୀୟ ରାଉଣ୍ଡରେ ସମସ୍ତ ୫ଟି ଯାକ ମ୍ୟାଚ ମଙ୍ଗଳବାର ଖେଳାଯିବ। ମ୍ୟାଚ୍‌ଗୁଡ଼ିକ ପେରୁ ଓ ବ୍ରାଜିଲ, ବଲିଭିଆ ଓ ଆର୍ଜେଣ୍ଟିନା, ଚିଲି ଓ କଲମ୍ବିଆ, ଇକ୍ୱେଡର ଓ ଉରୁଗୁଏ ଏବଂ ଭେନେଜୁଏଲା ଓ ପାରାଗୁଏ ମଧ୍ୟରେ ଖେଳାଯିବ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୫ | ୧ | ୧୦ | +୧.୨୬୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୪ | ୨ | ୮ | +୧.୪୮୮ |
| ନାଇଟ ରାଇଡର୍ସ | ୬ | ୪ | ୨ | ୮ | +୦.୦୧୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୪ | ୨ | ୮ | -୦.୮୨୦ |
| ସନ୍‌ରାଇଜର୍ସ | ୬ | ୩ | ୩ | ୬ | +୦.୨୩୨ |
| ଚେନ୍ନାଇ ସୁପରକିଙ୍ଗ୍ସ | ୭ | ୨ | ୫ | ୪ | -୦.୫୮୮ |
| ରାଜସ୍ଥାନ ରୟାଲ୍ସ | ୬ | ୨ | ୪ | ୪ | -୧.୦୭୩ |
| କିଙ୍ଗ୍ସ ଇଲେଭେନ | ୭ | ୧ | ୬ | ୨ | -୦.୩୮୧ |

# ଓଡ଼ିଶା ଏଫ୍‌ସିରେ କୋଲ୍ ଆଲେକ୍‌ଜାଣ୍ଡର



**ଭୁବନେଶ୍ୱର, ୧୦।୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ହିରୋ ଇଣ୍ଡିଆନ ସୁପର ଲିଗ୍‌ର ୭ମ ସଂସ୍କରଣ ପୂର୍ବରୁ ଦକ୍ଷିଣ ଆଫ୍ରିକୀୟ ମିଡ୍‌ଫିଲ୍ଡର କୋଲ୍ ଆଲେକ୍‌ଜାଣ୍ଡର ଓଡ଼ିଶା ଏଫ୍‌ସି ସହ ୨ବର୍ଷିଆ ଚୁକ୍ତି କରିଛନ୍ତି। କ୍ଲବ ତରଫରୁ ଶନିବାର ଘୋଷଣା କରାଯାଇଛି। କେପ୍‌ଟାଉନ୍‌ରେ ଜନ୍ମଗ୍ରହଣ କରିଥିବା ଆଲେକ୍‌ଜାଣ୍ଡର ଭାସ୍କୋଡାଗାମା, ଟିମ୍ବା ୟୁନାଇଟେଡ୍ ପୋଲେକ୍ୱାନେ ସିଟି ଏବଂ ସୁପର ସ୍ପୋର୍ଟ ୟୁନାଇଟେଡ୍ ଆଦି ବିଭିନ୍ନ କ୍ଲବ ତରଫରୁ ଖେଳିଛନ୍ତି। ତାଙ୍କୁ ବର୍ତ୍ତମାନ ୩୧ ବର୍ଷ ବୟସ। ସେ ଦକ୍ଷିଣ ଆଫ୍ରିକା ଜାତୀୟ ଦଳର ଜଣେ ସଦସ୍ୟ। ଗତବର୍ଷ ସାଉଥ ଆଫ୍ରିକାନ୍ ପ୍ରିମିୟର ଲିଗ୍‌ରେ ବିଡ୍‌ଭେଷ୍ଟ ୱିଟ୍ସ ତରଫରୁ ତାଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା। ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ଷ୍ଟୁଆର୍ଟ ବାକ୍ସଟର କହିଛନ୍ତି, ସେ ବଫାନା ସହିତ ଥିବାବେଳେ କୋଲ୍‌ଙ୍କ ସହ କାର୍ଯ୍ୟ କରିଛନ୍ତି। ସେ ଜଣେ ଉଚ୍ଚକୋଟୀର ଖେଳାଳି। ଆମ ସମର୍ଥକଙ୍କ ସେ ପ୍ରିୟଭାଜନ ହୋଇ ପାରିବେ ବୋଲି ତାଙ୍କର ଦୃଢ ବିଶ୍ୱାସ। ଆଲକ୍‌ଜାଣ୍ଡର କହିଛନ୍ତି, କ୍ଲବର ସ୍ୱତନ୍ତ୍ର ସମର୍ଥକଙ୍କ ବିଷୟରେ ମୁଁ ଅନେକ କିଛି ଶୁଣିଛି। ଚଳିତ ବର୍ଷ ଅବଶ୍ୟ ସେମାନଙ୍କୁ ଷ୍ଟାଡିୟମରେ ଦେଖିବାକୁ ମିଳିବନି। ଆମେ ପ୍ରଭାବୀ ପ୍ରଦର୍ଶନ ସହ ସେମାନଙ୍କୁ ଗର୍ବିତ କରିବାକୁ ଚେଷ୍ଟା କରିବୁ।

# ବାଙ୍ଗାଲୋର ୩୭ ରନରେ ଜିତିଲା

**ଦୁବାଇ, ୧୦।୧୦(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୫ତମ ମ୍ୟାଚ୍‌ରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୩୭ ରନରେ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରିଛି। ସ୍ଥାନୀୟ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶନିବାର ଟସ୍ ଜିତି ବାଙ୍ଗାଲୋର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୪ ଉଇକେଟ ହରାଇ ୧୬୯ ରନ ସଂଗ୍ରହ କରିଥିଲା। ଜବାବରେ ଚେନ୍ନାଇ ୨୦ ଓଭରରେ ୮ ଉଇକେଟ ହରାଇ ୧୩୨ ରନ କରି ପରାସ୍ତ ହୋଇଛି। ବିଜୟ ସହ ୮ ପଏଣ୍ଟ ପାଇ ବାଙ୍ଗାଲୋର ତାଲିକାର ଚତୁର୍ଥ ସ୍ଥାନକୁ ଉଠିଛି। ବାଙ୍ଗାଲୋର ଏ ପର୍ଯ୍ୟନ୍ତ ୬ଟି ମ୍ୟାଚ୍ ଖେଳି ୪ଟି ବିଜୟ ଓ ୨ଟି ପରାଜୟ ବରଣ କରିଛି।

**ବିରାଟ କୋହଲି ମ୍ୟାନ୍ ଅଫ୍ ଦି ମ୍ୟାଚ୍**

୧୭୦ ରନ ଟାର୍ଗେଟର ପିଛା କରି ଚେନ୍ନାଇ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଫଳରେ ଆବଶ୍ୟକ ହାରରେ ରନ୍ ସଂଗ୍ରହ କରି ନ ପାରି ଆତ୍ମସମର୍ପଣ କରିଥିଲା। ଦଳ ତରଫରୁ ଅମ୍ବାତି ରାୟୁଡୁ ସର୍ବାଧିକ ୪୨, ଏନ୍. ଜଗଦୀଶନ ୩୩, ସେନ୍ ୱାଟସନ ୧୪, ଧୋନୀ ୧୦ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଏଥିସହ ଚେନ୍ନାଇ ତା'ର ପ୍ରଥମ ୭ଟି ମ୍ୟାଚ୍ ଖେଳି ୫ଟିରେ ପରାଜୟ ବରଣ କରି ପଏଣ୍ଟ ତାଲିକାର ଷଷ୍ଠ ସ୍ଥାନରେ ରହିଛି। ଚେନ୍ନାଇ ତା'ର ପୂର୍ବ ତ୍ରୁଟିକୁ ଦୋହରାଇ ଥିଲା। ବେପରୁଆ ଶଟ୍ ଖେଳି ବ୍ୟାଟ୍ସମ୍ୟାନ୍‌ମାନେ ଆଉଟ୍ ହୋଇଥିଲେ। ବାଙ୍ଗାଲୋର ବୋଲରମାନେ ମାପଚୁପ ବୋଲିଂ କରି ଚେନ୍ନାଇ ବ୍ୟାଟ୍ସମ୍ୟାନ୍‌ଙ୍କୁ ବାନ୍ଧି ରଖିଥିଲେ। ଦଳତରଫରୁ ଅନ୍ୟମାନଙ୍କ ମଧ୍ୟରେ ଫାଫ୍ ଡୁପ୍ଲେସି ୮, ରବୀନ୍ଦ୍ର ଜାଡେଜା ୭, ଡ୍ୱେନ୍ ବ୍ରାଭୋ ୭ ରନ୍ କରି ଆଉଟ୍ ହୋଇଥିବା ବେଳେ ସାମ୍ କୁରାନ୍ ଖାତା ଖୋଲିପାରି ନ ଥିଲେ। ଦୀପକ ଚହର ୫ ଓ ଶାର୍ଦ୍ଦୁଳ ଠାକୁର ୧ ରନ୍ କରି ଅପରାଜିତ ରହିଥିଲେ। ବୋଲିଂରେ ବାଙ୍ଗାଲୋର ତରଫରୁ କ୍ରିସ ମୋରିସ୍ ୩, ୱାଶିଂଟନ ସୁନ୍ଦର ୨, ଇସୁରୁ ଉଡାନା ଓ ୟୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।


ଚେନ୍ନାଇ ବିପକ୍ଷରେ ଆକର୍ଷଣୀୟ ଶଟ୍ ଖେଳୁଛନ୍ତି ବାଙ୍ଗାଲୋର ଅଧିନାୟକ ବିରାଟ କୋହଲି।

ଇନିଂସ ଆରମ୍ଭରୁ ବାଙ୍ଗାଲୋର ଆରୋନ ଫିଞ୍ଚ୍‌ଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ମାତ୍ର ୨ ରନ କରି ଫିଞ୍ଚ୍ ଦୀପକ ଚହରଙ୍କ ବଲ୍‌ରେ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଓପନର ଦେବଦତ୍ତ ପଡିକାଲ ଓ କୋହଲି ଦ୍ୱିତୀୟ ଉଇକେଟ ଯୋଡିରେ ୪୫ ବଲରୁ ୫୩ ରନ ସଂଗ୍ରହ କରିଥିଲେ। ପଡିକାଲ ୩୩ ରନ କରିଥିବା ବେଳେ ଶାର୍ଦ୍ଦୁଳ ଠାକୁରଙ୍କ ବଲ୍‌ରେ ମିଡ୍ ଅଫ୍‌ରେ ଫାଫ୍ ଡୁପ୍ଲେସିଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ଅଭିଜ୍ଞ ଏବି ଡିଭିଲର୍ସ ବ୍ୟାଟିଂ କରିବାକୁ ଆସି ଖାତା ଖୋଲିବା ପୂର୍ବରୁ ଉଇକେଟକିପର ମହେନ୍ଦ୍ର ସିଂ ଧୋନୀଙ୍କୁ କ୍ୟାଚ୍ ଦେଇ ଠାକୁରଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ସେହିପରି ୱାଶିଂଟନ ସୁନ୍ଦର ୧୦ ବଲରୁ ୧୦ ରନ କରି ସାମ କୁରାନଙ୍କ ବଲ୍‌ରେ ଧୋନୀଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ପଞ୍ଚମ ଉଇକେଟରେ କୋହଲି ଓ ଶିବମ୍ ଦୁବେ ୩୪ ବଲରୁ ଅପରାଜିତ ୭୬ ରନ ସଂଗ୍ରହ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଦୁବେ ୧୪ ବଲରୁ ୨ ଚୌକା ଓ ୧ ଛକା ସହ ୨୨ ରନ କରି ଅପରାଜିତ ରହିଥିଲେ। କୋହଲି ମଧ୍ୟ ଧୂଆଁଧାର ବ୍ୟାଟିଂ କରି ୫୨ଟି ବଲର ସମ୍ମୁଖୀନ ହୋଇ ୪ ଚୌକା ଓ ୪ ଛକା ସହ ୯୦ ରନ କରି ଅପରାଜିତ ରହିବା ସହ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଏଥିସହ କୋହଲି ପୂରା ଫର୍ମକୁ ଫେରିବାର ସୂଚନା ଦେଇଛନ୍ତି। ଦୀର୍ଘଦିନ ପରେ ସେ ଆଶାନୁରୂପ ପ୍ରଦର୍ଶନ କରିବାକୁ ସକ୍ଷମ ହୋଇଛନ୍ତି। ବୋଲିଂରେ ଚେନ୍ନାଇ ତରଫରୁ ଠାକୁର ୨, ଚହର ଓ କୁରାନ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୬୯/୪ (କୋହଲି- ୯୦*, ପଡିକାଲ- ୩୩, ଦୁବେ- ୨୨*, ସୁନ୍ଦର- ୧୦, ଠାକୁର- ୨/୪୦, ଚହର- ୧/୧୦, କୁରାନ- ୧/୪୮)।
ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭାରରେ ୧୩୨/୮ (ରାୟୁଡୁ- ୪୨, ଜଗଦୀଶନ- ୩୩, ଧୋନୀ- ୧୦, ୱାଟସନ-୧୪, ଚହଲ- ୧/ ୩୫, ମୋରିସ୍- ୩/୧୯, ସୁନ୍ଦର- ୨/୧୬, ଉଡାନା- ୧/୩୦ )।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ